


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୬ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 06 DECEMBER 2020
Vol.No. 30 ■ No. 308 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ପରୀ ମୃତ୍ୟୁ ମାମଲାରେ ଡିଜିପି ଅଫିସ୍‌ରେ ବୈଠକ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ପରୀ ମୃତ୍ୟୁ ମାମଲାରେ ତଦନ୍ତ ଚାଲିଛି । ମାମଲାର ତଦନ୍ତକୁ ମାତ୍ର ୪ ଦିନ ହୋଇଛି । ତଦନ୍ତ ସଂପର୍କରେ କୌଣସି ସୂଚନା ଦେବା ଲାଗି ଅତି କମରେ ୨ ସପ୍ତାହ ସମୟ ଦରକାର ବୋଲି କହିଛନ୍ତି ଏସଆଇଟିର ମୁଖ୍ୟ ଅରୁଣ ବୋଥ୍ରା ।
ଶନିବାର ଦିନ ଡିଜିପି କ୍ୟାମ୍ପ ଅଫିସ୍ ଠାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ପରୀ ମାମଲାର ତଦନ୍ତ ପାଇଁ ଗଠିତ ଏସଆଇଟିର ମୁଖ୍ୟ ଅରୁଣ ବୋଥ୍ରା କହିଛନ୍ତି ଯେ, ଆମେ କଠିନ ପରିଶ୍ରମ କରୁଛୁ । ରାଜ୍ୟ ସରକାର ଓ ଡିଜି ତଦନ୍ତ ପାଇଁ ଦାୟିତ୍ୱ ଦେଇଛନ୍ତି । ଲୋକଙ୍କର ମଧ୍ୟ ଏସଆଇଟି ଉପରେ ଭରସା ରହିଛି ।

# ଜେଲ୍ ଗଲେ ପାଠକ ବାପପୁଅ

## - ମୋ ପୁଅ ଏବେ ବି ଟାଟାରେ ଚାକିରି କରୁଛି : ଅଭୟ
## - ଯଥେଷ୍ଟ ପ୍ରମାଣ ମିଳିଛି : ଡିଏସପି



ଭୁବନେଶ୍ୱର,୦୫।୧୨ (ନି.ପ୍ର): କୋର୍ଟରେ ହାଜର ହେବା ପରେ ଜେଲକୁ ଯାଇଛନ୍ତି ଆଇଏଫଏସ ଅଧିକାରୀ ଅଭୟକାନ୍ତ ପାଠକ ଏବଂ ତାଙ୍କ ପୁଅ ଆକାଶ । ଶନିବାର ଦିନ ଉଭୟଙ୍କ ୩ ଦିନିଆ ରିମାଣ୍ଡ ଅବଧି ଶେଷ ପରେ ଭୁବନେଶ୍ୱର କୋର୍ଟରେ ହାଜର କରାଯାଇଥିଲା । ପରେ ଦୁହିଁଙ୍କୁ ଜେଲ ପଠାଯାଇଛି । ଜେଲ ଯିବା ପୂର୍ବରୁ ଆଇଏଫଏସ ଅଧିକାରୀ ଅଭୟକାନ୍ତ ପାଠକ କହିଛନ୍ତି ଯେ, ଆମ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି । ସବୁ ପ୍ରମାଣ ରହିଛି , ଦେବି । ମୋ ପୁଅ ଏବେ ବି ଟାଟାରେ ଚାକିରି କରୁଛି । ୩ ଦିନିଆ ରିମାଣ୍ଡ କାଳରେ ଅଭୟକାନ୍ତ ପାଠକ ଓ ପୁଅ ଆକାଶ ପାଠକଙ୍କୁ ଘନଘନ ଜେରା କରିଥିଲା ଭିଜିଲାନ୍ସ । ଉଭୟ ବାପ, ପୁଅଙ୍କର ଆଜି ସ୍ୱାସ୍ଥ୍ୟ ପରୀକ୍ଷା ପରେ ଦୁଇଟି ଅଲଗା ଗାଡ଼ିରେ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା । ଗତକାଲି ଜେରା ବେଳେ ଆକାଶ ଟାଟା ମୋଟର୍ସରେ ଚାକିରି କରି ନ ଥିବା ନେଇ ସ୍ୱୀକାର କରିଥିଲେ ମଧ୍ୟ ଆଜି କୋର୍ଟରେ ନିଜର କଥା ବଦଳାଇଥିଲେ । ମୁଁ ଟାଟାରେ ଚାକିରି କରୁଥିଲି, ଏବେ କମ୍ପାନି ମୋତେ ସାହାଯ୍ୟ କରୁନାହିଁ । ଆମ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି । ବାହାରକୁ ଆସିବା ପରେ ସବୁ ପ୍ରମାଣ ଦେବି ବୋଲି କହିଥିଲେ ଆକାଶ ।

▶▶ପୃଷ୍ଠା ୭

# ସୂଚନାଧିକାର କର୍ମୀ ରଞ୍ଜନ ଦାସଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି

## ୧୪ ଡ଼ିସେମ୍ବର ନବୀନ ନିବାସ ଘେରାଉ ଅଭିଯାନ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ଗତ ଜାନୁୟାରୀ ୩୧ ତାରିଖ ମଧ୍ୟରାତ୍ରିରେ କେନ୍ଦ୍ରାପଡ଼ା ଜିଲ୍ଲାର ସୂଚନାଧିକାର କର୍ମୀ ତଥା ଦଳିତ ନେତା ଶ୍ରୀ ରଞ୍ଜନ କୁମାର ଦାସଙ୍କୁ ହତ୍ୟା କରାଯାଇ ମାର୍ଶାଘାଇ ଥାନା ଅଧିନସ୍ଥ ବରୁହାଁଠାରେ ଫୋପାଡ଼ି ଦିଆଯାଇଥିଲା । ଫେବୃୟାରୀ ୧ ତାରିଖରେ ରଞ୍ଜନଙ୍କ ଭିଣୋଇ ଶ୍ରୀ ବଳରାମ ଦାସ ରଞ୍ଜନଙ୍କ ହତ୍ୟାକୁ ସୁପରିକଳ୍ପିତ ହତ୍ୟାକାଣ୍ଡ ଦର୍ଶାଇ ଅଭିଯୋଗ ଦାଖଲ କଲାପରେ ମାର୍ଶାଘାଇ ଥାନା ଅଧିକାରୀ କେସ୍‌କୁ ପଞ୍ଜିକୃତ କରି ତଦନ୍ତ ଆରମ୍ଭ କରିଥିଲେ । ରଞ୍ଜନ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀମାନଙ୍କୁ ତୁରନ୍ତ ଗିରଫ ଦାବୀରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ଓ ବିଭିନ୍ନ ଗଣ ସଂଗଠନ ମାନଙ୍କ ତରଫରୁ ବିଭିନ୍ନ ସ୍ଥାନରେ ଆନ୍ଦୋଳନ, ବିକ୍ଷୋଭ ଆୟୋଜନ କରାଯାଇଥିଲା ଏବଂ ଏହି ହତ୍ୟାକାଣ୍ଡର ଉଚ୍ଚସ୍ତରୀୟ ତଦନ୍ତ ଦାବୀ କରାଯାଇ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ (୧୦.୨.୨୦) ମୁଖ୍ୟମନ୍ତ୍ରୀଙ୍କୁ (୯.୨.୨୦)ରେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଏହା ସହିତ ରାଜ୍ୟ ମାନବାଧିକାର କମିଶନ (୭.୨.୨୦), ଲୋକାୟୁକ୍ତ ଓଡ଼ିଶା (୧୧.୨.୨୦), ଜାତୀୟ ଅନୁସୂଚିତ ଜାତି କମିଶନ (୧୦.୨.୨୦), ଜାତୀୟ ମାନବାଧିକାର କମିଶନ (୨.୨.୨୦), ରାଜ୍ୟ ସୂଚନା କମିଶନ (୧୧.୨.୨୦) ନିକଟରେ ଅଭିଯୋଗ ଦାଖଲ କରାଯାଇ ତଦନ୍ତ ଦାବୀ କରାଯାଇଛି । ଏହିସବୁ କମିଶନରେ ଅଭିଯୋଗ ଗୁଡ଼ିକ ଏବେବି ବିଚାରଧୀନ ରହିଛି ।
ଏହି ଘଟଣା ପରେ ରାଜ୍ୟର ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଓ ବିଜେପି ତରଫରୁ ରଞ୍ଜନ ହତ୍ୟାକାଣ୍ଡର କ୍ରାଇମବ୍ରାଂଚ ତଦନ୍ତ ଦାବୀ କରାଯାଇ ପୋଲିସ୍ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । କୋଭିଡ଼ କଟକଣା ସମୟରେ ରଞ୍ଜନଙ୍କ ପିତା ଲକ୍ଷ୍ମୀଧର ଦାସ ଓ କେନ୍ଦ୍ରାପଡ଼ା ପୋଲିସ୍ ରଞ୍ଜନ ହତ୍ୟାକାଣ୍ଡର ତଦନ୍ତକୁ ଘୋଡ଼ାଇ ଦେବାର ଚକ୍ରାନ୍ତ କରୁଥିବା ଦର୍ଶାଇ ଏହାର କ୍ରାଇମବ୍ରାଂଚ ତଦନ୍ତ ପାଇଁ ପ୍ରାର୍ଥନା କରି ୧୩.୫.୨୦ରେ ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଅନୁରୋଧ କରିଥିଲେ ।

▶▶ପୃଷ୍ଠା ୭

### ଷଷ୍ଠ ଭାରତ ଆନ୍ତର୍ଜାତିକ ବିଜ୍ଞାନ ଉତ୍ସବ

# ଦେଶର ବିକାଶ, ଲୋକଙ୍କ ଜୀବନରେ ଉନ୍ନତି ଆଣିବାରେ ବିଜ୍ଞାନର ଭୂମିକା ମହତ୍ୱପୂର୍ଣ୍ଣ : ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ଭୁବନେଶ୍ୱର,୦୫।୧୨ (ନି.ପ୍ର): ଦେଶର ବିକାଶ ଏବଂ ଲୋକଙ୍କ ଜୀବନରେ ଉନ୍ନତି ଆଣିବାରେ ବିଜ୍ଞାନ, ଜ୍ଞାନକୌଶଳ, ନବଉନ୍ମେଷର ଭୂମିକା ମହତ୍ୱପୂର୍ଣ୍ଣ ବୋଲି ଶନିବାର ବିଜ୍ଞାନ ଏବଂ ଶିଳ୍ପ ଗବେଷଣା ପରିଷଦ - ଖଣିଜ ଏବଂ ପଦାର୍ଥ ପ୍ରାଧୋଗିକ ସଂସ୍ଥା, ଭୁବନେଶ୍ୱର (ସିଏସଆଇଆର-ଆଇଏମଏମଟି) ପକ୍ଷରୁ ଆୟୋଜିତ ଷଷ୍ଠ ଭାରତ ଆନ୍ତର୍ଜାତିକ ବିଜ୍ଞାନ ଉତ୍ସବ ୨୦୨୦ରେ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । "ଆତ୍ମନିର୍ଭର ଭାରତ ଏବଂ ବିଶ୍ୱ କଲ୍ୟାଣ ପାଇଁ ବିଜ୍ଞାନ" ଶୀର୍ଷକ ଏହି ଭର୍ଚ୍ଚୁଆଲ ସମାରୋହରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ କୋଭିଡ୍-୧୯ର ପରିସ୍ଥିତି ଆଜି ନୂତନତ୍ୱକୁ ପ୍ରାଧାନ୍ୟ ଦେବାର ନୂଆ ମାର୍ଗ ଦେଖାଇଛି । ଏବଂ ପୂର୍ବାପେକ୍ଷା ବିଜ୍ଞାନର କ୍ଷମତାକୁ ଅଧିକ ସୁଦୃଢ଼ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଶିକ୍ଷା ଦେଇଛି ।

▶▶ପୃଷ୍ଠା ୭

# ଏସସିବି ମେଡିକାଲ କଲେଜର ୱେବ୍‌ସାଇଟ୍ ପୁରାତନ ଛାତ୍ର ସଂଘ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

## ଏସ୍‌ସିବିକୁ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବରେ ଗଢ଼ି ତୋଳିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୫।୧୨ (ନି.ପ୍ର): ରାଜ୍ୟର ସର୍ବ ପୁରାତନ ଏବଂ ସମ୍ମାନ ଜନକ ଚିକିତ୍ସା ପ୍ରତିଷ୍ଠାନ, ଶ୍ରୀରାମଚନ୍ଦ୍ର ଭଂଜ ଭେଷଜ ମହାବିଦ୍ୟାଳୟର ବିଶ୍ୱସ୍ତରୀୟ ୱେବ୍‌ସାଇଟ୍, ପୁରାତନ ଛାତ୍ର ସଂଘ ଏବଂ ଏହାର ୱେବ୍ ସାଇଟ୍ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏସସିବି ମେଡ଼ିକାଲ କଲେଜର ଚିକିତ୍ସା କ୍ଷେତ୍ରରେ ଥିବା ସୁନାମ ଉପରେ ଆଲୋକପାତ କରି ଏହାକୁ ଏକ ବିଶ୍ୱସ୍ତରୀୟ ଚିକିତ୍ସା ପ୍ରତିଷ୍ଠାନ ଭାବରେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିଶୃତିବଦ୍ଧ ବୋଲି କହିଥିଲେ । ସରକାରଙ୍କ ୫-ଟି ଇନିସିଏଟିଭ ଅଧିନରେ ଏଥି ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ବଡ଼ ମେଡ଼ିକାଲ ଭାବରେ ଜଣାଶୁଣା ଏସସିବି ମେଡ଼ିକାଲ କଲେଜକୁ ଓଡ଼ିଶାବାସୀ ବିଶେଷ କରି ଗରିବ ଲୋକେ ଭରସା ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଅନୁଷ୍ଠାନର ମାନବ ସେବା ହିଁ ତାକୁ ଏକ ପବିତ୍ର ଅନୁଷ୍ଠାନ ଭାବରେ ପରିଚୟ ଦେଇଛନ୍ତି । ଅନେକ ପ୍ରତିଭାର ଏନ୍ତୁଡ଼ିଶାଳ ଏସସିବି ତାର ୭୬ ବର୍ଷର ଇତିହାସରେ ଅନେକ ପ୍ରଥିତଯଶା ଚିକିତ୍ସକ ସୃଷ୍ଟି କରିଛି ଏବଂ ଆଜି ସେମାନେ ଦେଶ ବିଦେଶରେ ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ରାଜ୍ୟ ସରକାରଙ୍କ ୫-ଟି ଅଧିନରେ ଏହାକୁ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବା ଉଦ୍ୟମ ବାହାରେ କାମ କରୁଥିବା ଏହାର ପୁରାତନ ଛାତ୍ର ମାନଙ୍କୁ

▶▶ପୃଷ୍ଠା ୭

# ବାଇକ୍ ପଛରେ ବସି ହେଲମେଟ୍ ନପିନ୍ଧିଲେ ବାତିଲ ହେବ ଲାଇସେନ୍ସ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ଏଣିକି ବାଇକ ଚାଳକଙ୍କ ସହ ପଛରେ ବସିଥିବା ବ୍ୟକ୍ତି ମଧ୍ୟ ହେଲମେଟ୍ ପିନ୍ଧିବା ଜରୁରୀ । ଯଦି ଉଭୟ ହେଲ୍ ମେଟ୍ ପିନ୍ଧି ନଥିବେ, ତା'ହେଲେ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ବାତିଲ କରାଯିବ । ଏନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ଶନିବାର ଦିନ ଟୁଇଟ୍ କରି ସୂଚନା ଦେଇଛନ୍ତି । ଆଗରୁ ବାଇକ୍ ଚଳାଉଥିବା ବ୍ୟକ୍ତି ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିଲା । ନୂଆ ମୋଟର ଯାନ ଆଇନ୍ ଲାଗୁ ହେବା ପରେ ଯୋରଦାର ଚେକିଂ କରାଯିବା ସହ ମୋଟା ଅଙ୍କର ଜୋରିମାନା ଆଦାୟ କରାଯାଉଥିଲା ।

# ଗୋଟିଏ ଦିନରେ ୩୭୭ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୦୦୧୭

ଭୁବନେଶ୍ୱର,୦୫।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୭୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୦୩୯୪ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୧୪୦୨୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୪୫୫୮ ରହିଛି । ଆଜି ଚିହ୍ନଟ ହୋଇଥିବା ୩୭୭ ଜଣଙ୍କ ମଧ୍ୟରୁ ୨୧୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୫୩ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୩୫ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୯ ଜଣ, ବରଗଡ଼ରୁ ୨୨ ଜଣ, ଭଦ୍ରକରୁ ୧୦ ଜଣ, ବଲାଙ୍ଗୀରରୁ ୩୨ ଜଣ ରହିଛନ୍ତି । 'ସେହିପରି ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୩୪ ଜଣ, ଦେବଗଡ଼ରୁ ୨ ଜଣ, ଢେଙ୍କାନାଳରୁ ୧ ଜଣ ଚିହ୍ନଟ ହୋଇଥିବା ବେଳେ ଗଜପତିରୁ ଜିଲ୍ଲାରୁ କେହି ହେଲେ ସଂକ୍ରମିତ ହୋଇ ନାହାନ୍ତି ।

## ଢେଙ୍କାନାଳ ବିଜେଡି ଜିଲ୍ଲା କମିଟି ଘୋଷଣା

ଭୁବନେଶ୍ୱର,୦୫।୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ତଥା ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ଶନିବାର ଦିନ ଢେଙ୍କାନାଳ ବିଜେଡି ଜିଲ୍ଲା କମିଟିର ଘୋଷଣା କରିଛନ୍ତି । ଏଥିରେ ମୋଟ ୨୮ ଜଣ ରହିଛନ୍ତି ।
ଏମାନଙ୍କ ମଧ୍ୟରେ ପାଂଚ ଜଣ ଉପ ସଭାପତି, ଛଅ ଜଣ ସାଧାରଣ ସମ୍ପାଦକ ରହିଥିବାବେଳେ ୧୬ ଜଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି ।

# ଟୀକାକରଣ ପାଇଁ କମିଟି ଗଠିତ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ଟୀକାକରଣର ବ୍ୟବସ୍ଥାକୁ ଅଧିକରୁ ଅଧିକ ସୁଗମ କରିବା ପାଇଁ ରାଜ୍ୟ ସରକାର ରାଜ୍ୟସ୍ତରରେ ଏବଂ ଜିଲ୍ଲାସ୍ତରରେ କମିଟି ଗଠନ କରିଛନ୍ତି । ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତି ଅନୁଯାୟୀ ରାଜ୍ୟସ୍ତରୀୟ କମିଟିରେ ୨୧ ଜଣ ସଦସ୍ୟ ରହିଥିଲା ବେଳେ ଜିଲ୍ଲା ସ୍ତରରେ ୧୪ ଜଣ ସଦସ୍ୟ ରହିଛନ୍ତି । ରାଜ୍ୟସ୍ତରୀୟ କମିଟିର ଅଧକ୍ଷ ଭାବେ ବିଭାଗୀୟ ନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦିଆଯାଇଥିଲା ବେଳେ ରାଜ୍ୟ ଟୀକାକରଣ ଅଧିକାରୀଙ୍କୁ ସଦସ୍ୟ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ଏଥିରେ କ୍ୟାପିଟାଲ ହସ୍ପିଟାଲ ସମେତ ଏସସିବି ମେଡ଼ିକାଲ କଲେଜର ବିଭିନ୍ନ ବିଭାଗର ମୁଖ୍ୟ ଏବଂ ଡ୍ରଗ୍ସ କଂଟ୍ରୋଲଙ୍କୁ କମିଟିର ସଭ୍ୟ ଭାବେ ରଖାଯାଇଛି । ଉକ୍ତ କମିଟି ଜିଲ୍ଲାସ୍ତରରେ କାର୍ଯ୍ୟ ସମୀକ୍ଷା କରିବା ସଂଗେ ସଂଗେ ଜିଲ୍ଲା ଗସ୍ତରେ ଯାଇ ବ୍ୟବସ୍ଥା ଦେଖିବେ । ସେହିପରି ଜିଲ୍ଲାସ୍ତରୀୟ କମିଟିର ଅଧକ୍ଷ ଭାବେ ସିଡ଼ିଏମଓ ମାନଙ୍କୁ ନିଯୁକ୍ତି ଦିଆଯାଇଛି ।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୭ ଗିରଫ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୮ ଜଣଙ୍କୁ ଗିରଫ କରିଥିବା ବେଳେ ୭୦୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୭୮,୭୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ବାଲେଶ୍ୱର ପୌରପାଳିକା ପକ୍ଷରୁ ସହର ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ

## ଆଗାମୀ ଦିନରେ ନିୟମିତ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ଅଧିକାରୀଙ୍କ ସୂଚନା

ବାଲେଶ୍ୱର,୦୫।୧୨ (ନି.ପ୍ର): ସହର ରାସ୍ତା ଅବରୋଧ କରି ଦୋକାନ ଖୋଲି ବ୍ୟବସାୟ କରୁଥିବା ଦୋକାନୀଙ୍କୁ ଆଜି ବାଲେଶ୍ୱର ପୌରପାଳିକା ପକ୍ଷରୁ ଉଚ୍ଛେଦ କରାଯାଇଛି । ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସଦର ତହସିଲଦାରଙ୍କ ଉପସ୍ଥିତିରେ ପୌର କର୍ମଚାରୀମାନେ ପ୍ରଥମେ ଫାଣ୍ଡିଛକରେ ଉଚ୍ଛେଦ ଆରମ୍ଭ କରିଥିଲେ । ସ୍ଥାୟୀ ଦୋକାନୀଙ୍କ ସମେତ ଉଠା ଦୋକାନୀମାନେ ରାସ୍ତାକୁ ଅବରୋଧ କରି ନିଜ ନିଜର ସାମଗ୍ରୀ ବିକ୍ରି କରିବା ଫଳରେ ଜନସାଧାରଣଙ୍କ ଯାତାୟତ ପାଇଁ ଏହା ସମସ୍ୟା ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ



ଆଜିର ଏହି ଉଚ୍ଛେଦ କରାଯାଇଥିବା ଅଧିକାରୀମାନେ ସୂଚନା ଦେଇଥିଲେ । ଫାଣ୍ଡିଛକଠାରୁ ଏହି ଉଚ୍ଛେଦ ଆରମ୍ଭ ହୋଇ ଚିଡ଼ିଆପୋଲ ପର୍ଯ୍ୟନ୍ତ ଯାଇଥିଲା । ତେବେ ଚିଡ଼ିଆ ପୋଲ ନିକଟ ଭି-୨ ସପିଂ ମଲ ସମ୍ମୁଖ ରାସ୍ତାରେ ବସିଥିବା ମହିଳା ଦୋକାନୀଙ୍କୁ

▶▶ପୃଷ୍ଠା ୭

# ପରୀର ପରିବାରକୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ

ଭୁବନେଶ୍ୱର,୦୫।୧୨ (ନି.ପ୍ର): କଂଗ୍ରେସ ପ୍ରଭାରୀ ଡ. ଏ ଚେଲା କୁମାର ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଆଜି ନୟାଗଡ଼ ଜିଲ୍ଲା ମୃତ ନାବାଳିକା ପରୀର ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ତାଙ୍କ ବାସଭବନ ଠାରେ ଭେଟିଛନ୍ତି । ଏହି ଅବସରରେ ନେତୃବୃନ୍ଦ ପରୀର ଖେଳିବା ସ୍ଥାନ ଏବଂ ମୃତ ଦେହ ଉଦ୍ଧାରସ୍ଥାନ ପ୍ରଭୃତି ବୁଲି ଦେଖିଥିଲେ । ପରୀକୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ କଂଗ୍ରେସ ତାର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରିରଖିବ ବୋଲି ଶ୍ରୀ ଚେଲା କୁମାର ପରୀର ପିତାମାତାଙ୍କୁ ସାନ୍ତ୍ୱନା ଦେଇ କହିଥିଲେ । ରାଜ୍ୟ ସରକାରଙ୍କର ଏ ସମ୍ପର୍କରେ ଉଦାସୀନତା ଦୁର୍ଭାଗ୍ୟଜନକ ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ । ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଯଦୁପୁର ଗ୍ରାମର ଗ୍ରାମବାସୀଙ୍କ ସହ ଘଟଣା ସଂମ୍ପର୍କରେ ପଚାରି ବୁଝିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଏହି ଘଟଣାରେ ପୀଡ଼ିତା ଯେଭଳି ନ୍ୟାୟ ପାଇପାରିବ ସେ ସମ୍ପର୍କରେ ନୟାଗଡ଼ ଜିଲ୍ଲା କଂଗ୍ରେସ ପ୍ରଥମରୁ ଆନ୍ଦୋଳନାତ୍ମକ କାର୍ଯ୍ୟ ପନ୍ଥା ଗ୍ରହଣ କରିଥିବାରୁ ନେତୃବୃନ୍ଦ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ରଣଜିତ୍ ଦାସ ଓ କର୍ମୀମାନଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଗ୍ରସ୍ତ ସମୟରେ ଏଆଇସିସି ସଂପାଦକ ଶ୍ରୀ ରୁଦ୍ର ରାଜୁ, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜୟଦେବ ଜେନା, ଭକ୍ତଚରଣ ଦାସ, ପ୍ରଦୀପ ମାଝୀ, ମନୋଜ ସାହୁ, ନିଶିକାନ୍ତ ମିଶ୍ର, ଦୀପକ ମହାପାତ୍ର, ସୁବାଷ ପ୍ରଧାନ, ପ୍ରଦୀପ ମହାପାତ୍ର, ବିଜୟାନନ୍ଦ ଚାଉଳିଆ, ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବତନ ସାଂସଦ, ବିଧାୟକ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ୪୬ତମ ସ୍ମୃତିଚାରଣ ସାଧାରଣ ସଭା ଅନୁଷ୍ଠିତ

ଭଦ୍ରକ,୦୫।୧୨ (ନି.ପ୍ର): ବ୍ରିଟିଶ ସରକାରଙ୍କୁ ହଟାଇ ସ୍ୱାଧୀନ ଭାରତର ନାଗରିକର ପରିଚୟ ସୃଷ୍ଟି କରି ଭାରତ ମାତାଙ୍କୁ ପରାଧୀନତାରୁ ମୁକ୍ତି କରିବାକୁ ନିଜ ଜୀବନକୁ ବାଜି ଲଗେଇବା ସହ ନିମ୍ନବର୍ଗର ଲୋକଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଦେଶ ସେବକ ଭାବେ ଅଭିହିତ କରି ବିଶିଷ୍ଟ ବକ୍ତାମାନେ ମତ ପୋଷଣ କରି ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ପରାମର୍ଶ ଦେଇଛନ୍ତି । ସ୍ୱାଧୀନତା ଆନ୍ଦୋଳନର ପୁରୁଖା ନେତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ, ପ୍ରବୀଣ ରାଜନୀତିଜ୍ଞ, ସମାଜସେବୀ, ପୂର୍ବତନ ସାଂସଦ ଓ ବିଧାୟକ ସ୍ୱର୍ଗୀୟ ଗୋକୁଳାନନ୍ଦ ମହାନ୍ତିଙ୍କ ୪୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ଜିଲ୍ଲା ସ୍ମୃତି କମିଟି ପକ୍ଷରୁ ଭଦ୍ରକ ସହର କୁଆଁସ ଗ୍ରାମ ଗୋକୁଳଧାମ ଠାରେ ୪ତାରିଖ ଶୁକ୍ରବାର କୋଭିଡ଼ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ମୃତି କମିଟି ସଭାପତି ବରିଷ୍ଠ ସାମ୍ବାଦିକ ଅମର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ସ୍ମୃତି କମିଟି ସାଧାରଣ ସଂପାଦକ ଭଦ୍ରକ ଓକିଲ ସଂଘ ପୂର୍ବତନ ସଭାପତି ଆଡ୍‌ଭୋକେଟ ବିଷ୍ଣୁମୋହନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଗାନ୍ଧୀ ଓଡିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଝରଣା ଦାସ, ପ୍ରତିମା ସାହୁ, ଅଧୀକ୍ଷକ ହୃଷିକେଶ ମହାନ୍ତି, ଗାନ୍ଧୀ ବାଳାଶ୍ରମର କଳା ଶିକ୍ଷକ କାଳିନ୍ଦୀ ମଲ୍ଲିକ, ସମାଜସେବୀ ପରମାନନ୍ଦ ଦାସ ଯୋଗ ଦେବା ସହ ଆଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ପ୍ରଭାତ ଫେରୀ, ତିଳତର୍ପଣ, ସମାଧି ପୀଠ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସର୍ବଧର୍ମ ପ୍ରାର୍ଥନା ଓ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା । ସ୍ମୃତି ଚାରଣ ସଭା ପ୍ରାରମ୍ଭରେ ଅଭ୍ୟର୍ଥନା କମିଟିର ପୂର୍ବତନ ଅଧକ୍ଷ ଓ ଉପଦେଷ୍ଟା ସ୍ୱର୍ଗତ ଡ. ପ୍ରସନ୍ନ କୁମାର ବିଶ୍ୱାଳ, ଉପଦେଷ୍ଟା ସ୍ୱର୍ଗତ ଡ. ନରହରି ବେହେରା, ବରିଷ୍ଠ ସଦସ୍ୟ ଆଡ୍‌ଭୋକେଟ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଏବଂ ସଦସ୍ୟ ପୌରକର୍ମଚାରୀ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ଅଜିତ ଚାନ୍ଦଙ୍କ ବିୟୋଗରେ କମିଟି ପକ୍ଷରୁ ଦିବଂଗତମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଆକାଶବାଣୀ ଜିଲ୍ଲା ସମ୍ବାଦଦାତା ଅଶୋକ କୁମାର ନାୟକ ସ୍ୱାଗତ ଭାଷଣ, ଯୁବନେତା ଜ୍ୟୋତିପ୍ରକାଶ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. କାନନ ମହାନ୍ତି ଶ୍ରଦ୍ଧାଞ୍ଜଳି କବିତା ପାଠ କରିଥିଲେ । ଏହି ସମାରୋହରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଙ୍ଗ ପୀତାମ୍ବର ପରିଡା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା, ପୂର୍ବତନ ବିଧାୟକ ନରେନ ପଲେଇ, ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଭଦ୍ରକ ବିଧାନସଭା କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି, ବରିଷ୍ଠ ଆଡ୍‌ଭୋକେଟ ନିରାକାର ଜେନା, ଡ. ରାମଚନ୍ଦ୍ର ପଣ୍ଡା, ଡାକ୍ତର ହରେକୃଷ୍ଣ ନାୟକ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସମାଜସେବୀ ଏସ୍.ଏମ୍.ଫାରୁକ, ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଡ. ବାଇଧର ସାହୁ, ସମାଜସେବୀ ଲକ୍ଷ୍ମୀ ମହାପାତ୍ର, ଶିକ୍ଷାବିତ୍ ଗଗନ ରାଉତ, ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ସୁଧାକର ରାଉତ, ଶାନ୍ତନୁ ରାଉତ, ଆଇନଜୀବୀ ପବନ ଶର୍ମା, ଦିଲିପ ମହାପାତ୍ର, ଅମର ବାରିକ, ଅମିତା ଆଚାର୍ଯ୍ୟ, ଡ. ରାଧାରାଣି ମହାପାତ୍ର, ଶକୁନ୍ତଳା ନାୟକ, ଡ. ପ୍ରଭାତ ନଳିନୀ ମହାପାତ୍ର, ଡ. ଅବନୀ ପ୍ରଧାନ, ଡ. ରବିନ୍ଦ୍ର ବେହୁରିଆ, ଶିକ୍ଷାବିତ୍ ଗୟାଧର ପଣ୍ଡା, ନାଟ୍ୟଶ୍ରୀ ନିର୍ମଳ ରାଉତ, ବାବୁଲାଲ ଦାସ, ସାମ୍ବାଦିକ ଜ୍ଞାନପ୍ରକାଶ ପାଣି, ଗୌରହରି ନାୟକ, ରୂପକ ବିହାରୀ ରାୟ, ଲାଲା ପ୍ରମୋଦ ରାୟ, ବୟୋଜ୍ୟେଷ୍ଠ ସମାଜସେବୀ ବିବେକାନନ୍ଦ ମହାନ୍ତି, ତପନ ନାୟକ, ସତ୍ୟାନନ୍ଦ ମହାନ୍ତି, ଉଦୟନାଥ ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମର ଅଗ୍ରଗାମୀ ନେତା ସ୍ୱର୍ଗତଃ ଗୋକୁଳାନନ୍ଦ ବାବୁଙ୍କ ଅବଦାନ, ଉତ୍ସର୍ଗୀକୃତ ଜନସେବା, ଜଣେ ଆଦର୍ଶ ସେବକ ଭାବେ ସ୍ମୃତିଚାରଣ କରି ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଯୁବପୀଢିଙ୍କୁ ପରାମର୍ଶ ଦେଇଥିଲେ । ଧନ୍ୟବାଦ ଦେଇଥିଲେ ଆକାଶବାଣୀ ଡିଡି ନ୍ୟୁଜ୍ ଜିଲ୍ଲା ପ୍ରତିନିଧି ଅଶୋକ କୁମାର ନାୟକ।




# କଟକ ରେଳଷ୍ଟେସନରେ ସ୍ମାରକ ଜାତୀୟ ପତାକା ଉଦ୍‌ଘାଟିତ

ଭୁବନେଶ୍ୱର,୦୫।୧୨ (ନି.ପ୍ର): କଟକ ରେଳ ଷ୍ଟେସନଠାରେ ସ୍ମାରକ ଜାତୀୟ ପତାକା ସାଂସଦଭର୍ତ୍ତୃହରି ମହତାବ ଏବଂ ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । କଟକ ରେଳ ଷ୍ଟେସନର ସୌନ୍ଦର୍ଯ୍ୟକରଣରେ ଉନ୍ନତି ଆଣିବା ପାଇଁ ଏହି ସ୍ମାରକ ଜାତୀୟ ପତାକାକୁ ସ୍ଥାପନା କରାଯାଇଛି । ଐତିହାସିକ ସହର ତଥା ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଷ୍ଟେସନ ଗୁଡିକରେ ଆଜିଯାଏ ୧୯ ଟି ସ୍ମାରକ ପତାକା ସ୍ଥାପିତ କରାଯାଇଛି ଏବଂ ଆହୁରି ବହୁ ରେଳ ଷ୍ଟେସନ ଗୁଡିକରେ ଏହା ସ୍ଥାପନ କରାଯିବ। ଏହି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭର ଉଚ୍ଚତା ୧୦୦ ଫୁଟ (୩୦.୫ ମିଟର) ହୋଇଥିବାବେଳେ ପତାକାର ଆକାର ୩୦ ଫୁଟ ଲମ୍ବ ଏବଂ ୨୦ ଫୁଟ ପ୍ରସ୍ଥ ଅଟେ । କଟକର ଏହି ପତାକା ସ୍ଥାପନା ପାଇଁ ମୋଟ ୮.୨୭ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଏହା ବ୍ୟତୀତ ରାଧାକିଶୋରପୁର ରେଳ ଷ୍ଟେସନରେ ନୂତନ ଭାବେ ନିର୍ମିତ ଭୂତଳ ଉପାମାର୍ଗକୁ ଶୁକ୍ରବାର ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ କଟକ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ କଲ୍ୟାଣ ପଟ୍ଟନାୟକ ଉପସ୍ଥିତ ଥିଲେ। ରାଧାକିଶୋରପୁର ଷ୍ଟେସନରେ ଭୂତଳ ଉପାମାର୍ଗର ବ୍ୟବସ୍ଥା କରିବା ଦ୍ୱାରା ଯାତ୍ରୀ ଏବଂ ନିକଟ ଗ୍ରାମବାସୀଙ୍କ ସହିତ ଉଭୟ ରେଳ ଏବଂ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ଦୃଷ୍ଟିରୁ ରେଳ ଲାଇନର ଉଭୟ ପାର୍ଶ୍ୱରେ ପ୍ରବେଶ କରିବାରେ ସହାୟକ ହେବ । ଏହା ମଧ ଦିବ୍ୟାଙ୍ଗଜନ ମାନଙ୍କ ଯାତାୟାତ ପାଇଁ ସହାୟକ ହୋଇପାରିବ । ଏହି ଭୂତଳ ଉପମାର୍ଗ ୪ ମିଟର ଚଉଡା ଏବଂ ୨.୭୫ ମିଟର ଉଚ୍ଚତା ହୋଇଥିବାବେଳେ ଏହାର ଲମ୍ବ ୬୮ ମିଟର ଅଟେ। ରାଧାକିଶୋରପୁର ଠାରେ ରୁଟ ନମ୍ବର ୧ ରୁ ୪ ଏବଂ ପ୍ଲାଟଫର୍ମ ନଂ ୧ ଏବଂ ୨ କୁ ଚଳପ୍ରଚଳ କରିବାପାଇଁ ସହଜ ହୋଇପାରିବ । ଏହି ପ୍ରକଳ୍ପ ରେଳ ବିକାଶ ନିଗମ ଲିମିଟେଡ଼ ଦ୍ୱାରା ନିର୍ମିତ ହୋଇଥିବାବେଳେ ଏହା ବାରଙ୍ଗ-ରାଜାଆଠଗଡ଼ ଦୋହରୀକରଣ ପ୍ରକଳ୍ପର ଏକ ଅଂଶ ଅଟେ । ରାଧାକିଶୋରପୁର ଠାରେ ଲେବଲ୍ କ୍ରସିଂ ଗେଟ୍ ନମ୍ବର ଜେବି-୨ କୁ ଏଡାଇବା ପାଇଁ ଏବଂ ଉଭୟ ରେଳ ଏବଂ ସଡକ ବ୍ୟବହାରକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଲେବଲ୍ କ୍ରସିଂ ବଦଳରେ ଭୂତଳ ଉପାମାର୍ଗ ନିର୍ମାଣ କରାଯାଇଛି । ନିକଟସ୍ଥ ଗ୍ରାମବାସୀଙ୍କର ଏହି ଭୂତଳ ଉପମାର୍ଗ ବହୁତ ଉପକୃତ କରାଇବ । ଏହି ଭୂତଳ ଉପମାର୍ଗ ନିର୍ମାଣ ପାଇଁ ୩.୭୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

## କୋଟଗଡ କୁଟିଆ କୁଈ କଳା ପରିଷଦ ପକ୍ଷରୁ ସଚେତନତା ଓ ସଫେଇ କାର୍ଯ୍ୟକ୍ରମ

କନ୍ଧମାଳ,୦୫।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା କୁଟିଆ କୁଈ କଳା ପରିଷଦ ବାନ୍ଦାକା ପକ୍ଷରୁ କୋଟଗଡ ଅଂଚଳର ଡେଙ୍ଗୁଡା ଗ୍ରାମ ଏବଂ ଆଖପାଖ ଅଂଚଳରେ ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ସେମାନଙ୍କର ବିଭିନ୍ନ ଅନ୍ଧବିଶ୍ୱାସ, କୁସଂସ୍କାରକୁ ଦୂର କରିବା ସହିତ ସେହି ଅଂଚଳରେ ଥିବା ଲୋକଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ଗମନା ଗମନ, କୃଷି,ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଷୟରେ ଲୋକଙ୍କୁ ସଚେତନତା କରାଯାଇଛି ।

# ଶହେ ଦୃଷ୍ଟିବାଧିତଙ୍କୁ କମ୍ବଳ ଓ ଧଳାବାଡ଼ି ପ୍ରଦାନ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ଦିବ୍ୟାଙ୍ଗ ମାନଙ୍କ ଥଇଥାନ ଏବଂ ସଶକ୍ତିକରଣ ନିମନ୍ତେ କାର୍ଯ୍ୟ କରୁଥିବା ରାଜ୍ୟର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲ୍‌ଫେୟାର ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୦ ଭୁବନେଶ୍ୱରସ୍ଥିତ ରେଡ଼କ୍ରସ ଭବନ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଭିନ୍ନକ୍ଷମଙ୍କ ଅଧିକାର ର ସୁରକ୍ଷା ଓ ସହାୟତା ପାଇଁ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ଗୁରୁତ୍ୱ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ନ୍ୟାସ କୁମାର ବେହେରା, ଶାନ୍ତିଧାମ ଫାଉଣ୍ଡେସନ୍‌ର ସମ୍ପାଦକ ସୌଭାଗ୍ୟ ରାଉତରାୟ, ପୂର୍ବତଟ ରେଳପଥର କଫ୍ ଗୁଡ୍‌ସ୍ ସୁପରିଟେଣ୍ଡେଂଟ ଲୋକନାଥ ଉପାଧ୍ୟାୟ (ଅବସରପ୍ରାପ୍ତ) ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରକାଶ କୁମାର ମହାପାତ୍ର ସଂଯୋଜନା କରିଥିଲେ। ଏହି ଅବସରରେ ଏକଶହ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ କମ୍ବଳ, ଧଳାବାଡ଼ି ଜେଏସ୍‌ପିଏଲ୍ ସହଯୋଗରେ ଉପସ୍ଥିତ ଅତିଥିମାନେ ପ୍ରଦାନ କରିଥିଲେ।

# ଗୁଣୁପୁର ସଦର ମହକୁମାରେ ଶବ ଦାହପାଇଁ ସ୍ଥାନର ଅଭାବ ଓ ଅବହେଳିତ ଅବସ୍ଥାରେ ଶ୍ମଶାନ ଘାଟ: ସାଧାରଣରେ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ

ଗୁଣୁପୁର,୦୫।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ ଗୁଣୁପୁର ସହର କ୍ରମାଗତ ଭାବେ ବିକାଶ ହେବାରେ ଲାଗିଛି । ଏହି ସହରରେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଗାଁ ଗହଳି ଲୋକଙ୍କ ସହରାଭିମୁଖୀ, ସହର ମଧ୍ୟରେ ଜନସାଧାରଣଙ୍କ ଅହେତୁକ ସଂଖ୍ୟା ବୃଦ୍ଧି ଅନେକ ନୂଆ ସମସ୍ୟା ଜନ୍ମ ଦେଇଛି । ୧୯୮୦ ମସିହା ପୂର୍ବରୁ ସହରର ପରିସର ୧ କିମି ପରିଧି ମଧ୍ୟରେ ସୀମିତ ଥିବା ବେଳେ ସହରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଂଶଧାରା ନଦୀ କୂଳରେ ଶବ ସତ୍କାର ନିମନ୍ତେ ସ୍ଥାନ ନିର୍ଦ୍ଧାରଣ କରାଯାଇଥିଲା । ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ସେହି ସ୍ଥାନରେ ସହରବାସୀ ଶବ ସତ୍କାର କରିଚାଲିଛନ୍ତି । ୧୯୮୦ର କରାଳ ବନ୍ୟା ପରେ ସହରର ରୂପରେଖ ପରିବର୍ତ୍ତନ ହୋଇଛି । ରେଳ ଷ୍ଟେସନ ଠାରୁ ଗୁଣପୁରର ସେଫାଲି ପାହାଡ଼ ପର୍ଯ୍ୟନ୍ତ ଅନବରତ ଭାବେ ସହର ପରିଧି ଓ ବିକାଶ ସହ ଜନ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅତି ସମ୍ବେଦନଶୀଳର ବିଷୟ ଯେ ଶବ ଦାହ ନିମନ୍ତେ ଏଯାବତ ସହରରେ ଏକ ସ୍ଥାନ ନିରୂପଣ କରାଯାଇପାରିନାହିଁ । ଆଜିମଧ ମୃତ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ନିମନ୍ତେ ବଂଶଧାରା ନଦୀତଟ ଉପରେ ନିର୍ଭର କରୁଛନ୍ତି ଯାହାକି ୬ କମିରୁ ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡୁଛି । ସହରର ନୂତନ ଭାବେ ବିକଶିତ ହୋଇଥିବା ରାମେଶ୍ୱର ନଗର, ଶେଖର ନଗର, ବଳରାମ ନଗର, ରଘୁନାଥ ନଗରର ବାସିନ୍ଦା ମାନେ ହିନ୍ଦୁ ରୀତିନୀତି ପ୍ରକାରେ ଶବ ବୋହିନେବା ଏବଂ ବର୍ଷା ଦିନରେ ଶବ ସଂସ୍କାର କରିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷରେ ବର୍ତ୍ତମାନ ଥିବା ସ୍ମଶାନ ଘାଟରେ ଅନୁସାଙ୍ଗିକ ବ୍ୟବସ୍ଥା ନଥିବା ଓ ଅନ୍ୟ ଧର୍ମାବଲମ୍ବୀ ମାନେ ସେଠାରେ କବର ନିର୍ମାଣ କରିବା କାରଣରୁ ଭିନ୍ନ ଧରଣ ସମସ୍ୟାମାନ ଉପୁଜିଛି । ପୌର ପରିଷଦ ର ଦୁରଦୃଷ୍ଟିର ଅଭାବ ତଥା ସରକାରଙ୍କ ନିର୍ଦ୍ଦେଶ ପରେ ମଧ ସ୍ମଶାନ ନିର୍ମାଣରେ ତତ୍ପରତା ନଦେଖେଇବା କାରଣରୁ ଏଭଳି ସମସ୍ୟା ମାନ ଦେଖାଯାଉଛି । ବ୍ୟବସ୍ଥିତ ଢଙ୍ଗରେ ସ୍ମଶାନ ନିର୍ମାଣ କରାଯିବା ସହ ପୌର ପରିଷଦର ନୂତନ ଭାବେ ବିକଶିତ ହୋଇ ଅଧିବାସ କରୁଥିବା ଜନସାଧରଣଙ୍କ ନିମନ୍ତେ ଅନ୍ୟ ଏକ ବ୍ୟବସ୍ଥିତ ସ୍ମଶାନ ନିର୍ମାଣ କରାଗଲେ ବହୁ ଜନସାଧାରଣଙ୍କ ବହୁ ଦିନର ଆଶା ଓ ଆକାଂକ୍ଷା ପୁରଣ ହେବବୋଲି ମତ ପ୍ରକାଶ ପାଉଛି । ଏହି ସମ୍ପର୍କରେ ବରିଷ୍ଠ ନାଗରିକ ସଂଘ ତରଫରୁ ଓ ଗୁଣପୁର ଉନ୍ନୟନ ଯୁବ ସଂଗଠନ ତରଫରୁ ନିର୍ବାହୀ ଅଧିକାରୀ ପୌରପରିଷଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ଆସୁ ପଦକ୍ଷେପ ପୁରଣ କରାଯାଇପାରି ନାହିଁ ବୋଲି ସଂଗଠନ ତରଫରୁ ତଥା ବୁଦ୍ଧିଜୀବୀ ମାନେ କ୍ଷୋଭ ପ୍ରକାଶ କରିଛନ୍ତି ।

# ଫୁଲବାଣୀରେ ବରିଷ୍ଠ ନାଗରିକ ସଂଘର ବୈଠକ ଅନୁଷ୍ଠିତ

କନ୍ଧମାଳ,୦୫।୧୨ (ନି.ପ୍ର): ଫୁଲବାଣୀ ହାଟପଦା ସ୍ଥିତ ମା’ ନାରାୟଣୀ ଯାତ୍ରା ପଡ଼ିଆ ପ୍ରାଙ୍ଗଣରେ କନ୍ଧମାଳ ଜିଲା ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ରାଜକିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ କୋଭିଡ୍ ନିୟମକୁ ମାନି ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଇତି ମଧ୍ୟରେ ୧୨ ଜଣ ବରିଷ୍ଠ ନାଗରିକଙ୍କର ଦୁଃଖଦ ମୃତ୍ୟୁରେ ଅମର ଆତ୍ମାର ସଦ୍ ଗତି କାମନା କରାଯାଇ ପ୍ରାରମ୍ଭରେ ନିରବ ପ୍ରାର୍ଥନା କରାଯାଇ ଥିଲା । ସଂଘର ସାଧାରଣ ସଂପାଦକ ବ୍ରହ୍ମାନନ୍ଦ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବର୍ତ୍ତମାନ ମହାମାରୀ କରୋନାକୁ ପ୍ରତିହତ କରିବା ପାଇଁ ଟୀକା ଉପଲବ୍ଧ ହେବା ଉପରେ ଆଲୋଚନା କରାଯିବା ସହିତ ଏଥିରେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତିରେ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଯୋଗୁଁ ନାଗରିକ କମିଟି ପକ୍ଷରୁ ସାଧୁବାଦ ପ୍ରଦାନ କରାଯାଇଥିଲା । ଅନ୍ୟାନ୍ୟ ଦାବି ମଧ୍ୟରେ ବରିଷ୍ଠ ନାଗରିକଙ୍କ ଚୋରି ଓ ରାହାଜାନିକୁ ଘଟଣାକୁ ଗୁରୁତ୍ୱର ସହିତ ଅନୁସନ୍ଧାନ କରି ସୁବିଧା ସୁଯୋଗ ପାଇଁ ପ୍ରଶାସନ ସହିତ ଆଲୋଚନା ପାଇଁ ନିଷ୍ପତି ନିଆଯିବା ସହିତ ଭିନ୍ନକ୍ଷମ ପୁରୁଷ ଓ ମହିଳାଙ୍କୁ ଶୀତବସ୍ତ୍ର ବଂଟନ କରିବା ପାଇଁ ମଧ୍ୟ ନିଷ୍ପତି ନିଆଯାଇଚି । ଅନୁଷ୍ଠିତ ବୈଠକରେ ନବୀନ କିଶୋର ପଣ୍ଡା ,ଅନନ୍ତ ଚରଣ ମିଶ୍ର , ଅଚ୍ୟୁତାନନ୍ଦ କହଁର , ତାରିଣୀ ପ୍ରସାଦ ମୁନୀ , ଲକ୍ଷ୍ମୀକାନ୍ତ ଦୋରା , ମୋଚିରାମ ମିଶ୍ର , ରଘୁନନ୍ଦନ ପାତ୍ର , ନବ କିଶୋର ରଥ , ବିକାଶ ମହାନ୍ତି ଓ ସୁବାଷ ବେହେରା ପ୍ରମୁକ ସାମିଲ୍ ହୋଇଥିଲେ । ଶେଷରେ ତାରିଣୀ ପ୍ରସାଦ ମୁନୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝର ସ୍ଥିତ ସଦ୍‌ଭାବନା ଅନୁଷ୍ଠାନରେ ପାଳିତ ହେଲା ବିଶ୍ୱ ଭିନ୍ନକ୍ଷମ ଦିବସ

କେନ୍ଦୁଝର,୦୫।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟର ଅନତି ଦୂରରେ ଥିବା ନରଣପୁର ସ୍ଥିତ ମାନସିକ ଅନଗ୍ରସର ଆବାସିକ ବିଦ୍ୟାଳୟ ରେ ଗୁରୁବାର ଅପାରାହ୍ନରେ ପାଳିତ ହୋଇଯାଇଛି ବିଶ୍ୱ ଭିନ୍ନକ୍ଷମ ଦିବସ । ଏହି ଦିବସ ଅବସର ରେ ଦିବ୍ୟାଙ୍ଗ ଶିଶୁ ମାନଙ୍କୁ ନେଇ ନୃତ୍ୟ , ଚିତ୍ରାଙ୍କନ , ସଫ୍ଟବଲ ଥ୍ରୋ , ବେଲୁନ ଫୁଟା ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଅଂଶ ଗ୍ରହଣ କରିଥିବା ସମସ୍ତ ଦିବ୍ୟାଙ୍ଗ ଶିଶୁ ମାନଙ୍କୁ ଉତ୍ସାହିତ କରିବା ପୂର୍ବକ ପୁରସ୍କୃତ କରା ଯାଇଥିଲା । ସେମାନେ ଭିନ୍ନକ୍ଷମ ହେଲେ ମଧ୍ୟ ଅକ୍ଷମ ନୁହନ୍ତ । ସେମାନେ ବି ସକ୍ଷମ । ସେମାନେ ମଧ୍ୟ ସାଧାରଣ ପିଲା ଙ୍କ ପରି ଖେଳକୁଦ ଠାରୁ ଆରମ୍ଭ କି କମ୍ପ୍ୟୁଟର ଚଳାଇବା ସହ ଆତ୍ମନିର୍ଭରଶୀଳ ହେବା ପାଇଁ ଧୂପକାଠି ଠାରୁ ଆରମ୍ଭ କରି କାଗଜ ର ଠୁଙ୍ଗା ମଧ୍ୟ ତିଆରି କରିପାରୁଛନ୍ତି । ବିଶ୍ୱ ଭିନ୍ନକ୍ଷମ ଦିବସ ରେ ଏହି ଆବାସିକ ବିଦ୍ୟାଳୟ ର ଅନ୍ତେବାସୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ର ଖେଳକୁଦ ସହ ଚିତ୍ରାଙ୍କନ ପ୍ରତିଯୋଗିତା ର ଆୟୋଜନ ହୋଇଥିଲା । ଏହି ଅବସର ରେ ବିଦ୍ୟାଳୟ ରେ ସନ୍ତୋଷୀ ମା ରିଜୋନାଲ କଲେଜର ଅଧ୍ୟାପକ ଅମୀୟ ସାମନ୍ତରା ଓ କିଛି ସମାଜିକ କର୍ମକର୍ତ୍ତା ପହଂଚି ପିଲା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସର ରେ ଭିନ୍ନକ୍ଷମ ପିଲା ମାନେ ଅତିଥୀ ମାନଙ୍କ ସମ୍ମୁଖରେ ନୃତ୍ୟ ପ୍ରଦର୍ଶନ କରିଥିଲେ । ଶେଷରେ ପ୍ରତିଯୋଗିତାର ବିଜୟୀ ମାନଙ୍କୁ ପରସ୍କୃତ କରାଯାଇଥିଲା ।

## ଦାରିଙ୍ଗବାଡିରେ ପର୍ଯ୍ୟଟନ ମନ୍ତ୍ରୀଙ୍କର ଇକୋରିଟ୍ରିଟ ପ୍ରକଳ୍ପର ସମୀକ୍ଷା

କନ୍ଧମାଳ,୦୫।୧୨ (ନି.ପ୍ର): ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହି ଦିନିକିଆ ଗସ୍ତ କରି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡିରେ ହେବାକୁ ଥିବା ଇକୋରିଟ୍ରିଟ୍ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଜିଲ୍ଲାରେ ପର୍ଯ୍ୟଟନର ବିକାଶ ନିମନ୍ତେ ହେବାକୁ ଥିବା ଏହି ପ୍ରଥମ ପ୍ରକଳ୍ପର ପରିସରରେ କ୍ୟାଣ୍ଟିନ,ଡାଇନିଙ୍ଗ ହଲ ଏବଂ ସେଠାରେ ଆୟୋଜିତ ବିଦ୍ୟୁତ୍ ଏବଂ ପାନୀୟ ଜଳର ବ୍ୟବସ୍ଥା ମୁଖ୍ୟ ରାସ୍ତାରୁ ଇକୋରିଟ୍ରିଟକୁ ସଂଯୋଗ କରୁଥିବା ରାସ୍ତା ଆଦି ବୁଲି ଦେଖିଛନ୍ତି । ଆଗାମୀ ୮ତାରିଖରେ ଏହାର ଉଦଘାଟନ ହେବାକୁ ଥିବା ଯୋଗୁଁ ଏହି କାର୍ଯ୍ୟ କିଭଳି ଶିଘ୍ର ଶେଷ ହେବ ଏବଂ ଏହାର ପୁର୍ବରୁ ଯେଉଁପରି ସମସ୍ତ କାର୍ଯ୍ୟ ସୁଚାରୁ ରୁପେ ଶେଷ ହେବ ସେଥିପାଇଁ ଦାୟୀତ୍ୱରେ ଥିବା ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଗସ୍ତରେ ମନ୍ତ୍ରୀଙ୍କ ସମେତ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ରନ ଯାଦବ,ଘୁ.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ,କନ୍ଧମାଳ ଜିଲ୍ଲାପାଳ ଡା,ବୃନ୍ଦା ଡି,ବାଲିଗୁଡା ଉପଜିଲ୍ଲାପାଳ ଡା.ଶୁଭଙ୍କର ମହାପାତ୍ର, ବାଲିଗୁଡା ଡି.ଏଫ.ଓ ବିଶ୍ୱନାଥ ନିଳାମ୍ବର ପ୍ରମୁଖ ଉପସ୍ଥିତ ଥିଲେ । କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଏହା ଏକ ସୁନ୍ଦର ପ୍ରଦକ୍ଷେପ ଏହା ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ଅଧିକ ପ୍ରତିଫଳିତ କରିବ ବୋଲି କହିଛନ୍ତି ମନ୍ତ୍ରୀ ।

# କେନ୍ଦୁଝର ଜିଲ୍ଲାରେ କର୍ମଚାରୀ ମରୁଡି : ହନ୍ତସନ୍ତ ହେଉଛନ୍ତି ନାଗରିକ

କେନ୍ଦୁଝର,୦୫।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ମୁଖ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ଉପଖଣ୍ଡ ଅଚଂଳର ବିଭିନ୍ନ ବିଭାଗର କାର୍ଯ୍ୟାଳୟ ମାନଙ୍କ ମଧ୍ୟରେ କେଉଁଠାରେ କର୍ମଚାରୀ ଅଭାବ ରହିଥିବା ବେଳେ କେଉଁଠାରେ ଦୀର୍ଘ ସମୟ ଧରି ଅଧିକାରୀ ଙ୍କ ଅଭାବ ଦେଖିବାକୁ ମିଳୁଛି । ପ୍ରାୟତଃ ସର୍ବ ସାଧାରଣଙ୍କର ଅଧିକ କାମ ରହୁଥିବା କାର୍ଯ୍ୟାଳୟ ଗୁଡିକରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି । ଫଳରେ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲୋକମାନେ ବିଭିନ୍ନ କାମରେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡୁ ଥିଲେ ମଧ୍ୟ ନିରାଶରେ ସେମାନଙ୍କୁ ଫେରିବାକୁ ପଡୁଛି । ସାଧାରଣ ଲୋକଙ୍କ ସମସ୍ୟା ବୁଝିବାକୁ ନା ଜିଲ୍ଲା ମୁଖିଆ ନା ରାଜ୍ୟ ସରକାର କେହି ବି ଆଗ୍ରହ ପ୍ରକାଶ କରୁନାହାଁନ୍ତି । ଏବେ ବିଶେଷ ଭାବେ କୋଭିଡ -୧୯ ନାମରେ ସବୁ ଯେପରି ମାଫ ହୋଇଯାଇଥିବା ଭଳି ଅବସ୍ଥା ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି । ହରିଚନ୍ଦନପୁର ରେ ବିଭିନ୍ନ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି ଅଧିକାରୀଙ୍କର ଅଭାବ ଦେଖାଯିବା ପରେ ଜଣେ ଅଧେ ଅଧିକାରୀ କାର୍ଯ୍ୟରେ ଯୋଗ ଦେଇଥିଲେ । ଏବେ ପୁଣି ଗୁରୁତ୍ୱପୁର୍ଣ୍ଣ ଝୁମ୍ପୁରା ତହସିଲ କାର୍ଯ୍ୟାଳୟ ଏବଂ ତା ସହିତ ତହସିଲ ନିୟନ୍ତ୍ରଣରେ ରହିଥିବା ୭ ଟି ରାଜସ୍ୱ ସର୍କଲରେ ମଧ୍ୟ କର୍ମଚାରୀ ଅଭାବ ଯୋଗୁଁ ଗ୍ରାମାଚଂଳ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୨୦୧୦ମସିହା ପାଖରୁ ଝୁମ୍ପୁରା ତହସିଲ କାର୍ଯ୍ୟକ୍ଷମ ହେବାପରେ ବର୍ତ୍ତମାନ ପର୍ଯ୍ୟନ୍ତ କର୍ମଚାରୀଙ୍କର ଅଭାବ ରହି ଆସିଛି । ଝୁମ୍ପୁରା ତହସିଲ ନିୟନ୍ତ୍ରଣରେ ଥିବା ୭ ଟି ରାଜସ୍ୱ ସର୍କଲ ଝୁମ୍ପୁରା, ବାଲିବନ୍ଧ, ଗୁମୁରା, ଉଖୁଣ୍ଡା, ମଳଦା, ଚଉଠିଆ, ଏବଂ ଏବେ ନୂତନ ଭାବେ ହୋଇଥିବା ବଡ ଡୁମୁରିଆ ରାଜସ୍ୱ ସର୍କଲ କର୍ମଚାରୀ ଅଭାବ ଯୋଗୁଁ ଗ୍ରାମାଚଂଳ ବାସିନ୍ଦା ଙ୍କର ଶହ ଶହ ସଂଖ୍ୟାରେ ଜମି ବାଡି ସଂପର୍କିୟ କେଶସବୁ ବର୍ଷ ବର୍ଷ ଧରି ପଡି ରହିଥିବା ଜଣା ପଡିଛି । ଜମିଜମା ସଂକ୍ରାନ୍ତୀୟ ମାମଲା ଗୁଡିକର ଫଇସଲା ପାଇଁ ଗ୍ରାମଚଂଳ ବାସିନ୍ଦାମାନେ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଖର୍ଚ୍ଚାନ୍ତ ହୋଇ ଦୌଡୁଥିଲେ ମଧ୍ୟ କାମ ହୋଇପାରୁନାହିଁ । ଜଙ୍ଗଲଜମି ପଟ୍ଟା ପାଇଁ ହୀତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆଦି କାମ ପାଇଁ ବର୍ଷ ବର୍ଷ ଚାଲି ଯାଉଛି । ଏନେଇ ଗ୍ରାମବାସୀମାନଙ୍କ ପକ୍ଷରୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରା ଯାଉଥିଲେ ମଧ୍ୟ , ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସୂଚନା ଅନୁଯାୟୀ ଝୁମ୍ପୁରା ତହସିଲ କାର୍ଯ୍ୟାଳୟ ସମେତ ରାଜସ୍ୱ ସର୍କଲ ଗୁଡିକରେ ସମୁଦାୟ ୩୬ ଜଣ କର୍ମଚାରୀ ରହିବାର ବ୍ୟବସ୍ଥା ଥିଲେ ହେଁ, ଏବେ ମାତ୍ର ୧୭ ଜଣ କର୍ମଚାରୀରେ ତହସିଲ କାର୍ଯ୍ୟାଳୟ ଓ ରାଜସ୍ୱ ସର୍କଲ ଗୁଡିକ ଚାଲିଛି । କୌଣସି ଗୋଟିଏ ହେଲେ ରାଜସ୍ୱ ସର୍କଲରେ ପିଅନ ନାହାଁନ୍ତି । ଜଙ୍ଗଲାଚଂଳରେ ଅବସ୍ଥିତ ମଳଦା ରାଜସ୍ୱ ସର୍କଲ ଏବଂ ଗୁମୁରା ରାଜସ୍ୱ ସର୍କଲ ଅବସ୍ଥା ଅତୀବ ଦୟନୀୟ ହୋଇ ପଡିଛି । କର୍ମଚାରୀ ଅଭାବର ସୁଯୋଗ ନେଇ ଲଘୁ ଖଣିଜ ବାଲି, ପଥର ଚୋରୀ ଆଦି ମଧ୍ୟ ବଢିବାରେ ଲାଗିଛି । ଯାହା ଫଳରେ ଜିଲ୍ଲାର ରାଜସ୍ୱ ପ୍ରଭାବିତ ହେଉଛି । ସଂଗୃତିତ ତଥ୍ୟରୁ ଜଣାପଡିଛି ଯେ, ବର୍ତ୍ତମାନ ତହସିଲ କାର୍ଯ୍ୟାଳୟରେ ମୁଖ୍ୟ କିରାଣୀଙ୍କ ସହିତ ଜୁନିୟର କିରାଣି ୩ ଜଣଙ୍କ ସ୍ଥାନ ଖାଲି ପଡିଛି । ସେହିପରି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ପଦବୀ ୫, ରାଜସ୍ୱ ନିରିକ୍ଷକ ପଦବୀ ୧, ପିଅନ ପଦବୀ ୮, ଅମିନ ପଦବୀ ୧ ଶୂନ୍ୟ ପଡିଛି । ଖାଲି ପଡିଥିବା କର୍ମଚାରୀ ମାନଙ୍କର ସଂପର୍କରେ ରେ ତହସିଲଦାର ପ୍ରତିଭା ପୃଷ୍ଟି ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା କଥା କହିଛନ୍ତି ତହସିଲଦାର ପ୍ରତିଭା ପୃଷ୍ଟି ।

# ଶ୍ରୀ ବଳଦେବଜୀୟୁ ମଣ୍ଡଳର ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା,୦୫।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପରିଷଦ ୮ନଂ ଜୋନ ଶ୍ରୀ ବଳଦେବଜୀୟୁ ମଣ୍ଡଳର ୨ ଦିନିଆ ପ୍ରଶିକ୍ଷଣ ଶିବିର ଓସ୍ତପୁର ଓମ୍ ମଣ୍ଡଳ ଠାରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଉମାକାନ୍ତ ନାୟକ ଏଥିରେ ଅଧକ୍ଷତା କରିଥିଲେ । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । କପାଳେଶ୍ୱର, ଓସ୍ତପୁର, କଂସାର, ପୁରୁଷୋତମପୁର, ଆୟବା, ବଗଡା ଓ କଳପଡା ପ୍ରଭୃତି ପଂଚାୟତ ର ଶତାଧରକ ସକ୍ରିୟ କାର୍ଯ୍ୟକର୍ତ୍ତା ଶିବିର ରେ ପ୍ରଶିକ୍ଷଣ ନେଇଥିଲେ । ବିଜେପି ରାଷ୍ଟ୍ରୀୟ ପରିଷଦର ସଭ୍ୟ ବୈଦନାଥ ଚାଟାର୍ଜୀ , ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବିଷ୍ଣୁ ଦାସ, ଜିଲ୍ଲା ଉପ ସଭାପତି ଉପିନ କୁମାର ରାଉତଙ୍କ ସମେତ ସୁନାକର ବେହେରା, ରଞ୍ଜିତ ଆଚାର୍ଯ୍ୟ, ଆଇଟି ସେଲର ସଂଯୋଜକ ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଯୋଗଦେଇ ବିଜେପି ଉତ୍ପତି, କାର୍ଯ୍ୟଧାରା ଓ ଲକ୍ଷ୍ୟ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଏହି ଶୀବିରକୁ ଲଲାଟ କେଶରୀ ସାମଲ, ବାସୁଦେବ ତ୍ରିପାଠୀ, ଭ୍ରମରବର ସ୍ୱାଇଁ, ଜ୍ଞାନ ରଞ୍ଜନ ପ୍ରଧାନ, ସ୍ୱରାଜ ମଲିକ, ସୁଦିପ୍ତ ରାଉତ,ସୁବାଷ ଜେନା,ବିମଳକାନ୍ତ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ଭୁବନରେ ବାଇପାସ ରାସ୍ତା ଓ ବସଷ୍ଟାଣ୍ଡ ସଂପ୍ରସାରଣ ପାଇଁ ଦାବି

ଭୁବନ,୦୫।୧୨ (ନି.ପ୍ର): ଏସିଆ ମହାଦେଶର ସର୍ବବୃହତ ଗ୍ରାମ “ଭୁବନ” ୧୯୭୨ ମସିହାରେ ବିଜ୍ଞାପିତ ଅଂଚଳ ପରିଷଦ ଭାବେ ମାନ୍ୟତା ପାଇଛି । ୧୯୭୨ ଠାରୁ ୨୦୨୦ ଦୀର୍ଘ ୪୮ ବର୍ଷ ମଧ୍ୟରେ ଜନସଂଖ୍ୟା ବୃଦ୍ଧି ସହିତ ଭୌଗଳିକ ସ୍ଥିତି ର ବହୁ ପରିବର୍ତ୍ତନ ହୋଇଛି । ଗାଡିମୋଟର ଚଳାଚଳ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବାରୁ ଟ୍ରାଫିକସମସ୍ୟା ସାଙ୍ଗକୁ ଶବ୍ଦ ଓ ବାୟୁ ପ୍ରଦୂଷଣ ମୁଖ୍ୟ ସମସ୍ୟା ପାଲଟିଛି । ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ଭୁବନ ବୁଦ୍ଧେଶ୍ୱର ମନ୍ଦିର ଠାରୁ ହିଙ୍ଗୁଳା ମନ୍ଦିର ଦେଇ ବାଘୁଆପୋଲ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା ,ରଗଡି ଛକ ଠାରୁ ବେଠିଆପାଳ (କଲେଜଛକ) ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା, ନୂଆଭୁବନ ରୁ ପୁରୁଣା ଭୁବନ ସଂଯୋଗୀକରଣ ରାସ୍ତା, ଭୁବନ ବସଷ୍ଟାଣ୍ଡ ର ସଂପ୍ରସାରଣ ଓ ଫୋଲିସ ଫାଣ୍ଡି ସ୍ଥାପନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଭୁବନ ର ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱର ମନ୍ଦିର ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ଭାବେ ସ୍ଥାନ ପାଇବା ପରେ ଦିନକୁ ଦିନ ପର୍ଯ୍ୟଟକ ଙ୍କ ସଂଖ୍ୟା ବୃଦ୍ଧି ହେଉଛି । ବିଭିନ୍ନ ପର୍ବପର୍ବାଣୀରେ ଅସମ୍ଭବ ଭିଡ ହେଉଛି । ବିବାହ ନିମନ୍ତେ ଏହା ପ୍ରମୁଖସ୍ଥାନ ପାଲଟି ଥିବାରୁ ବିବାହ ଋତୁରେ ଦୈନିକ ୧୦ ରୁ ଉର୍ଦ୍ଧ୍ୱ ବିବାହସଂପନ୍ନ ହେଉଛି । ବାହାରୁ ଆସୁଥିବା ବରଯାତ୍ରୀ ଗାଡିଗୁଡିକ ଭୁବନ ନୂଆବଜାର ଦେଇ ଗାଁ ଭିତରେ ପଶି ଯାଉଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି । ପର୍ଯ୍ୟଟକ ଙ୍କ ସୁବିଧା ନିମନ୍ତେ ବୁଦ୍ଧେଶ୍ୱର ମନ୍ଦିର ଠାରୁ ହିଙ୍ଗୁଳାମନ୍ଦିର ଦେଇ ଭୁବନ-ଢେଙ୍କାନାଳ ରାସ୍ତାର ବାଘୁଆପୋଲ ପର୍ଯ୍ୟନ୍ତ ସଂଯୋଗୀକରଣ (ବାଇପାସ) ରାସ୍ତା ନିର୍ମାଣ କରାଗଲେ ଏହ ସମସ୍ୟାର ସମାଧାନ ହୋଇପାରନ୍ତା । ବ୍ରାହ୍ମଣୀ ନଦୀ ଉପରେ ବାଜିରାଉତ ସେତୁ ଲୋକାର୍ପିତ ହେବା ପରେ ଭୁବନ ରୁ ଢେଙ୍କାନାଳ, କଟକ, ଯାଜପୁର, ଅନୁଗୁଳ ପ୍ରଭୃତି ଅଂଚଳକୁ ବହୁସଂଖ୍ୟାରେ ଯାତ୍ରୀବାହୀ ବସ ସମେତ ମାଲବାହୀ ଟ୍ରକ ଚଳାଚଳ କରୁଛି । କାଳୀବଜାର ଠାରୁ ଗୋଡିପୋଖରୀ ଛକ ମଧ୍ୟରେ ଦୈନିକ ପରିବାମାର୍କେଟ, ଏକାଧିକବ୍ୟାଙ୍କ ସମେତ ପ୍ରାଥମିକ, ଉଚ୍ଚବିଦ୍ୟାଳୟ ଓ ପବ୍ଲିକସ୍କୁଲ ରହିଅଛି । ଏହି ରାସ୍ତାରେ ଦୈନିକ ଏକାଧିକ ଯାତ୍ରୀବାହୀ ବସ ସମେତ ଶତାଧିକ ମାଲବୋଝେଇ ଟ୍ରକ,ଡମ୍ଫର,ହାଇଓ୍ୱା ଚାଲୁଥିବାରୁ କାଳୀବଜାର ଠାରୁ ଗୋଡିପୋଖରୀ ଛକ ପର୍ଯ୍ୟନ୍ତ ରାସ୍ତା ସବୁବେଳେ ଜାମ୍ ରହି ଟ୍ରାଫିକ ସମସ୍ୟା ଉପୁଜୁଛି ଓ ଦୁର୍ଘଟଣା ମଧ୍ୟ ହେଉଅଛି । ସୁକିନ୍ଦା ଅଂଚଳରୁ କ୍ରୋମାଇଟ ବୋଝେଇ ଟ୍ରକ ଗୁଡିକ ଏହି ରାସ୍ତା ଦେଇ ଯାଉଥିବାରୁ ଟ୍ରାଫିକ ସମସ୍ୟା ସହିତ ମାତ୍ରାଧିକ ବାୟୁ ଓ ଶବ୍ଦ ପ୍ରଦୂଷଣ ହେଉଅଛି । ରଗଡି ଛକ ଠାରୁ ବେଠିଆପାଳ (କଲେଜଛକ) ପର୍ଯ୍ୟନ୍ତ ଏକ ସଂଯୋଗୀକରଣ (ବାଇପାସ) ରାସ୍ତା ନିର୍ମାଣ କରାଗଲେ ଏହି ସମସ୍ୟା ର ସମାଧାନ ହୋଇପାରନ୍ତା । ୧୫ ଟି ଓ୍ୱାର୍ଡକୁ ନେଇ ଗଠିତ ଭୁବନ ଏନଏସି ର କେବଳ ୩ ନମ୍ବର ଓ୍ୱାର୍ଡ ବନ୍ଦାଳ (ନୂଆଭୁବନ) ଟି ପୁରୁଣାଭୁବନ ରୁ ବିଚ୍ଛିନ୍ନ ହୋଇରହିଛି । ୩ ନମ୍ବର ଓ୍ୱାର୍ଡ ର ସାହଣଦେଇ ଛକ ଠାରୁ ୪ ନମ୍ବର ଓ୍ୱାର୍ଡ ର ପାହାଚପୋଖରୀ ଶିବମନ୍ଦିର ପର୍ଯ୍ୟନ୍ତ ଏକ ସଂଯୋଗୀକରଣ ରାସ୍ତା ନିର୍ମାଣ କରାଗଲେ ପୁରୁଣାଭୁବନ - ନୂଆଭୁବନ ମଧରେ ଦୂରତା ହ୍ରାସ ପାଇ ପାରନ୍ତା । ଭୁବନ ଏନଏସି ଗଠନ ହେବା ପୂର୍ବରୁ ନୂଆବଜାରରେ ବସଷ୍ଟାଣ୍ଡ ଗଢି ଉଠିଥିଲା । ୪୦ ବର୍ଷ ପୂର୍ବେ କାଁଭାଁ ଗାଡି ଚଳାଚଳ କରୁଥିବାବେଳେ ବର୍ତମାନ ଶହଶହ ସଂଖ୍ୟାରେ ଗାଡି ଚଳାଚଳ କରୁଛି । ବ୍ୟବସାୟ ପ୍ରତିଷ୍ଠାନ ଦିନକୁ ଦିନ ବୃଦ୍ଧି ପାଇବାସହିତ ଯାତ୍ରୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି । ପାର୍କିଂ ପାଇଁ ଜାଗା ନଥିବା ବେଳେ ଦିନକୁ ଦିନ ଯାତ୍ରୀବାହୀ ଗାଡିସଂଖ୍ୟା ଆଶାତୀତ ଭାବେବୃଦ୍ଧି ପାଉଛି । ଦୀର୍ଘ ୪୦ବର୍ଷ ପୂର୍ବେ ଏନଏସି ତରଫରୁ ନିର୍ମାଣହୋଇଥିବା ଷ୍ଟଲ ଗୁଡିକ ଅନସେଫ (ବିପଦପୂର୍ଣ୍ଣ) ଅବସ୍ଥାରେ ରହିଅଛି । ତହସିଲ ଅଫିସ ନିକଟରେ ନୂତନଭାବେ ଫରେଷ୍ଟରେଞ୍ଜ ଅଫିସ ଓ କ୍ୱାଟର ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେବାପରେ ନୂଆବଜାର ସଂଲଗ୍ନ ବିଟ୍ ହାଉସଟି ଭଙ୍ଗାଦଦରା ଅବସ୍ଥାରେ ପଡିରହିଛି । ଭୁବନଥାନାଟି ମଧ ୩ କିମି ଦୂର ଭୂଷଳ ଛକ ନିକଟକୁ ସ୍ଥାନାନ୍ତର ହୋଇଯିବା ପରେ ବସଷ୍ଟାଣ୍ଡ ସଂଲଗ୍ନ ବିସ୍ତୀର୍ଣ୍ଣ ଅଂଚଳ ଅବ୍ୟବହୃତ ହୋଇପଡିଛି । ଭୁବନ ର ପ୍ରଥମ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଙ୍କ ସଂଖ୍ୟା ନଗଣ୍ୟ ଯୋଗୁ ସରକାର ଏହି ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୭ ଡିସେମ୍ବର, ୨୦୨୦


email : rabibarachayan2015@gmail.com

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡ଼ା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୫**


(ପୂର୍ବ ପ୍ରକାଶିତ ଉତ୍ତାରୁ) ଦେହରୁ ଝାଳ ବାହାରିବାକୁ ଲାଗିଲା । କେତେ ଦୁର୍ଭାବନା ମୋ ମୁଣ୍ଡରେ ଖେଳିଗଲା ! ଚିରଗୁଣି କେବେ ଛାଡ଼ିବନାହିଁ । ନିଶ୍ଚୟ କହିଦେବ । ତାହାହେଲେ ମୋ ଇଜ୍ଜତ ଛାଡ଼, ପ୍ରାଣ ରହିବ ନାହିଁ । ପିଲାଦିନେ ଆଖିରେ ଦେଖିଛି, ବେତମାଡ଼ରେ ଲୋକଙ୍କ ପିଠିରେ ଚର୍ମ ରହିନାହିଁ । କଥା କଥାକେ ମାଡ଼ । ରାଜକୁମାରଙ୍କ ଆଡ଼କୁ କିଏ ଅନେଇ ଦେଲେ ମାଡ଼ । କିଏ ଟିକିଏ ହସିଦେଲେ ତ ମାଡ଼; ସିଂହଦ୍ୱାର ଆଗରେ କିଏ ଛତା ମୁଣ୍ଡାଇ, କିଏ ଜୋତା ପିନ୍ଧି ଗଲା ତ ତାକୁ ଧରିଆଣି ମାଡ଼; ମାଡ଼ରେ ଦେହ ଫାଟିଯାଇଛି । ଏହି ରାଜକୁମାର ବଲାଙ୍ଗିର ମଧ୍ୟଇଂରାଜୀ ସ୍କୁଲରେ ମୋର ସହାଧ୍ୟାୟୀ ଥିଲେ । ଦିନେ କ୍ଲାସ୍ ଶିକ୍ଷକଙ୍କ ଆଦେଶରେ ତାଙ୍କ କାନ ମୋଡ଼ିଥିଲି ବୋଲି ଦୁଇ ଚାରିଦିନ ମୋତେ ସଡ଼କରେ ଦେଖି ମାରିବା ପାଇଁ ଗୋଡ଼ାଇଥିଲେ । ଏ ସମସ୍ତ ଦୃଶ୍ୟ ମୋ ଆଖି ଆଗରେ ଖେଳିଗଲା । ବନ୍ଧୁଙ୍କୁ କହିଲି, "ଏ ଥିଲା କୋ'ଆଡ଼େ ? ମୋତେ ଟିକେ ସାବଧାନ ହେଲେ କରାଇ ଦେଲୁନାହିଁ ? ମୁଁ ଏକ୍ଷଣି ଗାଁକୁ ପଳାଉଛି ।" ପଳାଇଲେ ହେଲେ କ'ଣ ରକ୍ଷାଅଛି ? ଗାଁରୁ ଧରିଆଣିବା କେତେଦୂର ? ସେତେବେଳେ ମୋର ପିଲା ବୟସ । ମୋଟେ ୧୬, ୧୭ ବର୍ଷ । ସଂସାର ଜ୍ଞାନ ପୂରା ହୋଇନାହିଁ । ତଥାପି ଭଗବାନଙ୍କ ଉପରେ ନର୍ଭର ଭବିତବ୍ୟର ଅବଶ୍ୟମ୍ଭାବିତା ଉପରେ ଆସ୍ଥା ସ୍ଥାପନ କରି ଘରକୁ ନଯାଇ ବଲାଙ୍ଗିରରେ ରହିବା ସ୍ଥିର କଲି । ଆଉ ଯାତ୍ରା ଦେଖା ହେଲା ନାହିଁ । ତନ୍ମୁହୂର୍ତ୍ତର ବିପଦାଶଙ୍କାରେ ଯାତ୍ରାସ୍ଥଳ ତତ୍କ୍ଷଣାତ୍ ତ୍ୟାଗକରି ବନ୍ଧୁଙ୍କ ଗୃହରେ ମୋ ସକାଶେ ନିର୍ଦ୍ଦିଷ୍ଟ କକ୍ଷରେ ଯାଇ ଆଶ୍ରୟ ଗ୍ରହଣକଲି । ଶୋଇବାକୁ ଚେଷ୍ଟାକଲି, ନିଦ ହେଲାନାହିଁ । ସକଳ ପ୍ରକାର ଦୁଶ୍ଚିନ୍ତା ମୋର ହୃଦୟ, ମନ ଅଧିକାର କରିବସିଲା । ମୋ ମନରେ କେତେବେଳେ ଭାବନା ଉଦିତ ହେଲା, ଚିରଗୁଣି ଯଦି କହିଦେବ, ତାହାହେଲେ ଉପାୟ କଅଣ ? କକ୍ଷ ତ୍ୟାଗ କରି ବାହାରକୁ ଆସିଲି । ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ । ରଜନୀର ଜ୍ୟୋତ୍ସ୍ନା ପାବନରେ ଚତୁର୍ଦ୍ଦିଗ କେଡ଼େ ସ୍ନିଗ୍ଧ ନିର୍ମଳ ଦିଶୁଅଛି । ନିଶାନାଥ ପଶ୍ଚିମଦିଗନ୍ତ ସ୍ଥିତ ହାତୀମୁଣ୍ଡିଆ ପର୍ବତକୁ ପାଖେଇ ଗଲେଣି । ରାତି ଆଉ ଅଧିକ ନାହିଁ । ଭାବିଲି କାହାକୁ ନ କହି କ'ଣ ପଳେଇବି ? ନା ! ଯାହା ହେବାର ଅଛି ତାହାହେଉ ପଛକେ ଯିବିନାହିଁ ଭାବି, ହୃଦୟରେ ସାହସ ବାନ୍ଧି ପୁଣି କକ୍ଷ ମଧ୍ୟରେ ପ୍ରବେଶ କଲି ।

କ୍ରମେ ରାତି ପାହିଲା । ମୁଁ ତନ୍ଦ୍ରାଭିଭୂତ ହୋଇ ପଡୁଥାଏ । ଅଳିଆ ଗାଡ଼ିର ଶବ୍ଦରେ ଉଠିପଡ଼ି ଆସି ବାହାର ପିଣ୍ଡାରେ ବସିଲି । ସଡ଼କରେ ଚାଲି ଯାଉଥିବା ଲୋକଙ୍କୁ ଦେଖି ମନରେ ଭୟ ହେଉଥାଏ, ମୋତେ ନେବାପାଇଁ ରାଜବାଟୀର ଅବା ଦୂତ ଆସୁଛି । ଏପରି କେତେ ଲୋକ ଚାଲିଗଲେ । କଚେରୀ ଘଂଟାରେ ଢଂ ଢଂ ସାତ ବାଜିଲା । ବାହାର ପିଣ୍ଡାତଳେ ବସି ତଳକୁ ମୁହଁକରି ଦାନ୍ତ ଘସୁଛି, କେତେବେଳୁଁ ଆସି ମୋ ଆଗରେ ରାଜବାଟୀର ଜଣେ ସିପପାହୀ ଛିଡ଼ା ହୋଇଛି । ଲୋକଟା ଅପରିଚିତ । ତଥାପି ତାହାର ବଲାଙ୍ଗିର ନିକଟବର୍ତ୍ତୀ ପର୍ବତ ।

ବିଚିତ୍ର ବେଶଭୂଷାରୁ ଜାଣିଲି, ଛାମୁଁଙ୍କ ପାଖଲୋକ । ମୁଣ୍ଡ ଆଗର କେଶ ଦୀର୍ଘ । ପଛପଟକୁ ଛୋଟଛୋଟ ହୋଇ କଟାହୋଇଛି, ସୀମାନ୍ତ ଦ୍ୱାରା ଦୁଇଭାଗରେ ବିଭକ୍ତ ଓ ମହଣଦ୍ୱାରା ମସୃଣୀକୃତ । ଆଗରେ କେଶ ଉଭୟ ଗାଲ ପର୍ଯ୍ୟନ୍ତ ଓହଳି ପଡ଼ିଛି । କପାଳରେ ସିନ୍ଦୂର ଟିପା । କର୍ଣ୍ଣଦ୍ୱୟରେ ଫମ୍ପା ନୋଳି, ଡାହାଣ ନାକପୁଡ଼ାରେ ଗୋଲ ଗୁଣାଟିଏ । ଦେହରେ ଗାଢ଼ ଗେରୁଆ ଅଙ୍ଗରଖା । ସିପାହୀ ରୁକ୍ଷ ସ୍ୱରରେ କହିଲା, "ଏ ପିଲା ! ଚାଲ୍ !" ତାକୁ ଦେଖି ମୁଁ ଯମତୁଲ୍ୟ ଜ୍ଞାନ କଲି । ମୋର ଆଉ ସନ୍ଦେହ ରହିଲା ନାହିଁ । ସିପାହୀ ପୁଣି ତୀବ୍ର ସ୍ୱରରେ କହିଲା, "ତୋତେ କ'ଣ ଶୁଭୁନାହିଁ ? ଛାମୁଙ୍କ ହୁକୁମ । ଚାଲ୍, ଆଜି ତୋ ପିଠିରୁ ଚମ ଛାଡ଼ିବ ଯେ ।" ମୁଁ ଭୀତିବିହ୍ୱଳ କଣ୍ଠରେ ପଚାରିଲି, "ଭାଇ, କ'ଣ ହୋଇଛି କହିବଟି !" ସେ ବିଦ୍ରୁପାତ୍ମକ ସ୍ୱରରେ କହିଲା, "ହେଃ, କ'ଣ ହୋଇଛି ! କାଲି ରାଜକୁମାରଙ୍କୁ କ'ଣ କହିଲୁ ? ସବୁକଥା ମହାରାଜାଙ୍କ ଛାମୁରେ ଜଣା ହୋଇଛି ।" ତାକୁ ଆଉ କିଛି ନକହି ଘର ଭିତରକୁ ଚାଲିଗଲି ଓ ବନ୍ଧୁ ପିତାଙ୍କୁ ଆଦ୍ୟ ପ୍ରାନ୍ତ ସମସ୍ତ କଥା ଜଣାଇ ମୋତେ ମହାରାଜାଙ୍କ କୋପରୁ ରକ୍ଷା କରିବା ସକାଶେ ମୋ ସଙ୍ଗେ ଯିବାପାଇଁ କାତର କଣ୍ଠରେ ଅନୁରୋଧ କଲି । ପ୍ରଥମରେ ସେ ମୋତେ ତିରସ୍କାର କରିବାକୁ ଲାଗିଲେ । ପରେ ମୋ ଅନୁରୋଧ ରକ୍ଷାକଲେ । ସେ ବାହାରିଲେ ଓ ମୁଁ ନିତାନ୍ତ ଅପରାଧୀ ତୁଲ୍ୟ ତାଙ୍କର ଅନୁଗମନ କଲି । ପଥରେ ମୁଁ ବାହ୍ୟଜ୍ଞାନଶୂନ୍ୟ ପ୍ରାୟ । ମୋ ଦେହଟା କେବଳ ଟଣାହୋଇ ଯାଉଛି । ହୃଦୟ, ମନ ଅନ୍ୟଆଡ଼େ । ଅତି ବ୍ୟାକୁଳ ଭାବରେ କାତର କଣ୍ଠରେ ଭଗବାନଙ୍କୁ ଡାକିଲି । ମୃଗଣୀ ସ୍ତୁତି, ଗଜ ନିସ୍ତାରଣ ସ୍ତୋତ୍ର ପ୍ରଭୃତି ଯାହା ମନେପଡ଼ିଲା ମନେ ମନେ ଅଣ୍ଡାଳିଗଲି । କ୍ରମେ କ୍ରମେ ବନ୍ଧୁ-ପିତାଙ୍କ ସହ ଛାମୁଙ୍କ ସମ୍ମୁଖରେ ଉପସ୍ଥିତ ହେଲି ଓ ବାହ୍ୟଜ୍ଞାନଶୂନ୍ୟ ପ୍ରାୟ ହୋଇ ବସିପଡ଼ିଲି । ତୀବ୍ର ସ୍ୱରରେ ଛାମୁଙ୍କ ଶ୍ରୀମୁଖରୁ ଆଜ୍ଞା ହେଲା, "ଠିଆ ହୋ" । ଛାମୁଙ୍କ ମୁଖକୁ ଅନାଇ ଦେଲି । ଯେମନ୍ତ ଚକ୍ଷୁଦ୍ୱୟରୁ ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହେଉଅଛି । ସ୍ୱର ନିତାନ୍ତ ରୂଢ଼ ଓ କମ୍ପିତ । ଛାମୁଙ୍କ ପାରିଷଦ ବର୍ଗ ରାଜପୁରୋହିତ, ରାଜବୈଦ୍ୟ, ସଭାପଣ୍ଡିତ, କେତେକ ଅଧସ୍ତନ କର୍ମଚାରୀ, କ୍ଷୌର-କର୍ମୋଦ୍ୟତ ନାପିତ ବେଷ୍ଟନ କରି ବସିଛନ୍ତି । ଆଗରେ ଗୋଟିଏ ଜାଗର ଜଳୁଛି । ମୁଁ ଜାଣିଥିଲି ଛାମୁ ବାତରୋଗଗ୍ରସ୍ତ, ଚଳିତ୍‌ଶକ୍ତି ରହିତ । ଶ୍ରୀଛାମୁ ଭୂମି ଉପରେ ବିସ୍ତୃତ ମଖମଲ ଗାଲିଚାରେ ମଖମଲର ବଡ଼ ବଡ଼ ମାଣ୍ଡିକୁ ଶ୍ରୀଅଙ୍ଗ ଆଉଜାଇ ଦେଇଛନ୍ତି । ଦୁଇପାଖରେ ବ୍ୟଜନ ଚାଳିତ ହେଉଅଛି । ଧାଡ଼ି ଧାଡ଼ି ହୋଇ ସମସ୍ତେ ଗରୁଡ଼ାସନରେ ବଦ୍ଧକରପୁଟରେ ଉପବିଷ୍ଟ ହୋଇଅଛନ୍ତି । "ଠିଆ ହୋ" ଆଜ୍ଞା ଶ୍ରୀମୁଖରୁ ବାହାରିଲା ମାତ୍ରକେ ମୁଁ ଠିଆହେଲି ଓ କଦଳୀପତ୍ର ପରି ଥରିବାକୁ ଲାଗିଲି । ମୋ ମୁଣ୍ଡ ଘୂରିବାକୁ ଲାଗିଲା । ମନେହେଲା ଅବା ପଡ଼ିଗଲି । କିନ୍ତୁ ଭଗବାନଙ୍କ ପ୍ରତି ନିର୍ବାକ କରୁଣ ଡାକ ମୋର ଅନ୍ତରତମ ପ୍ରଦେଶରୁ ଅନବରତ ଚାଲିଥାଏ । ଦରବାର କକ୍ଷର ଏକ କୋଣରେ ଦୁଇଜଣ ଭୀମ-ଦର୍ଶନ ସିପାହୀ ବେତ୍ରହସ୍ତରେ ଛିଡ଼ା ହୋଇଅଛନ୍ତି । ସେମାନଙ୍କ ପ୍ରତି ଆଦେଶ ହେଲା, "ଏହାକୁ ମାର" । ବନ୍ଧୁ-ପିତା, ମୁଁ ପିଲା ଲୋକ, ମୋତେ କ୍ଷମାକରିବା ପାଇଁ ବିନୀତ ଭାବରେ କାକୁତିମିନତି କଲେ । କିନ୍ତୁ ପୁଣି ସେମାନଙ୍କ ପ୍ରତି, ମୋତେ ମାରିବା ସକାଶେ ଆଦେଶ ହେଲା । ସିପାହୀ ଦ୍ୱୟ ମୋ ଆଡ଼କୁ ଅଗ୍ରସର ହେଲେ । ବୁଝିବାକୁ ବାକି ରହିଲା ନାହିଁ, ମୋର ଆଉ ରକ୍ଷା ନାହିଁ । ଉପସ୍ଥିତ ପାରିଷଦବର୍ଗ ପ୍ରଭୃତି ସମସ୍ତେ ନିର୍ବାକ୍ ନିସ୍ପନ୍ଦ ଭାବରେ ବସି ରହିଛନ୍ତି । ମୋ ମଥା ଘୂରିବାକୁ ଲାଗିଲା । ତତ୍କ୍ଷଣାତ୍ ମୋତେ ବୁଦ୍ଧି ଦିଶିଲା । ମୁଁ ଅନୁଭବ କଲି, ଭଗବାନ ମୋ ଡାକ ଶୁଣିଲେ । ବିଦ୍ୟୁତ ବେଗରେ ମୋ ହୃଦୟରେ ସହସର ସଂଚାର ହେଲା । ସିପାହୀଦ୍ୱୟ ମୋ ଉପରକୁ ଯେମନ୍ତ ବେତ ଉଠାଇଅଛନ୍ତି ମୁଁ ତର୍ଜ୍ଜନୀ ସଂକେତ କରି କହିଲି, "ଖବରଦାର୍ । ମୋତେ ମାରନା" । ମୋର ସାହସ କ୍ରମେ ବୃଦ୍ଧି ହେବାକୁ ଲାଗିଲା । କୃତାଞ୍ଜଳି ହୋଇ ଛାମୁଙ୍କୁ ସମ୍ବୋଧନ କରି କହିଲି, "ଧର୍ମାବତାର ! ଦୋଷୀର ଦୋଷ ସାବ୍ୟସ୍ତ ହେଲା ପରେ ଲୋକକୁ ଦଣ୍ଡ ଦିଆଯାଏ । ମୁଁ ପିଲାଲୋକ, ମୋର ଦୋଷ କ'ଣ ଯେ ମୋ ପ୍ରତି ଏହି କଠୋର ଶାସ୍ତି ଆଜ୍ଞା ହେଉଛି, ମୁଁ ଜାଣିବାକୁ ଚାହେଁ ।" ହୁଙ୍କାର ସହ ଶ୍ରୀମୁଖରୁ ଆଜ୍ଞା ହେଲା, "ହଁ, ଦୋଷ ! ତୋ'ର ଦୋଷର କ୍ଷମା ନାହିଁ ।" ମୁଁ ମୋର ଅଭିଜ୍ଞତା ଓ ନିରପରାଧିତା ବିଷୟରେ ବାରମ୍ବାର ଜଣାଇଲି । ଶ୍ରୀଛାମୁ ଅଳ୍ପ ନରମ ହୋଇଗଲା ପରି ମୋତେ ଜଣାଗଲା । ଆଜ୍ଞା କଲେ, "କାଲି ରାତ୍ରିରେ କାହିଁକି ରାଜକୁମାରଙ୍କୁ ଅପମାନ କଲୁ ? ତୋ'ର ପୁଣି ଏତେ ସାହସ ? ରାଜପୁତ୍ରଙ୍କ ପ୍ରତି ଅପମାନର ଫଳ ଭୋଗ କର୍ ।" ଗୋଟିଏ କୋଣରେ ଦଣ୍ଡାୟମାନ ଚିରଗୁଣି ଉପରେ ମୋର ଦୃଷ୍ଟି ପଡ଼ିଲା ।

"ଯାହାକୁ ସହାୟ ଅନନ୍ତ
କି କରିପାରେ ବଳବନ୍ତ ?"

ମୁଁ ହୃଦୟରେ ଅନୁଭବ କଲି, ଚିରଗୁଣିର ଚୁଗୁଲି ମୋତେ କିଛି କରିପାରିବ ନାହିଁ । ମୁଁ କହିଉଠିଲି, "ମଣିମା, ଏଇ କଥା ? ଆଗରୁ ପଚାରିଥିଲେ ତ ମୁଁ କହିଥାନ୍ତି । ମୁଁ ଜାଣିଥିଲି ଯେ, ଚିରଗୁଣି ନିଜ ଦୋଷ ଲୁଚାଇବା ପାଇଁ ଛାମୁଙ୍କ ଆଗରେ ଚୁଗୁଲି କହିବ ନହେଲେ କଥାଟି ଶ୍ରୀଛାମୁଙ୍କ ଆଗରେ ପଡ଼ିଲେ ତାହାର ରକ୍ଷା ନାହିଁ ।" କହିଲେ "କଥା କ'ଣ କହ ।" ମୁଁ କହିଲି "ମଣିମା ! କ'ଣ ହେଲା କି, କାଲି ରାତିରେ ଆମ୍ଭେମାନେ ସହର ଭିତରେ ଯାତ୍ରା ଦେଖୁଥିଲୁଁ । ରାଜକୁମାର ଆସି ପହଞ୍ଚିଲେ । ମନ୍ଦିର ଆଗ ଆଖପାଖ ସଡକ ଲୋକରେ ଭରା । ରାଜକୁମାରଙ୍କ ଇଙ୍ଗିତରେ ଲୋକମାନେ ତାଙ୍କୁ ବାଟ ଛାଡ଼ିଦେବା ପାଇଁ ଜଣେ ଜଣେ ଉଠିବା ଆରମ୍ଭ କରୁଛନ୍ତି, ଏହି ସମୟରେ ଏହି ଚିରଗୁଣି ସମସ୍ତଙ୍କ ଉପରେ ବେତ ଚଳାଇ ବାଟ ପରିଷ୍କାର କରିବାକୁ ଲାଗିଲା । ଲୋକେ ପଳାଇବାକୁ ଲାଗିଲେ । ଦୟାବତର ରାଜକୁମାର ଲୋକଙ୍କୁ ନମାରିବା ପାଇଁ ତାକୁ ଯେତେ ମନା କରୁଛନ୍ତି ସେ ମାନୁନାହିଁ । (କ୍ରମଶଃ)



## ଡାଏରୀ -୪୨

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...



## ॥ ଚାନ୍ଦର ସଂସାର ॥

ଗାଡ଼ିରୁ ଓହ୍ଲାଇ ପାହାଚରେ ପାଦ ଦେଉ ଦେଉ ଚମକି ପଡ଼ିଲା ନବବଧୂ ଚାନ୍ଦ । ଆବଡ଼ାଖାବଡ଼ା ଅସଜଡ଼ା ପଥରରେ ତିଆରି ପାହାଚ । ଝାଟିମାଟିର ଚୂନବୋଳା କାନ୍ଥରେ ଲଟକିଛି ଗୋଟେ ସାଇନ୍ ବୋର୍ଡ, ପ୍ରିନ୍ସିପାଲ । ଚାଳଛପର ଘର ଭିତରକୁ ପଶୁ ପଶୁ ଗୋରୁ ଗୁହାଳ, ତାପରେ ଛୋଟ ଅଗଣା । ଅଗଣା ଟପିଲେ ଆଟୁ ଘର । ସେଇଟିକୁ ଡ୍ରଇଂରୁମ୍, ଡାଇନିଂ ରୁମ୍, ଶ୍ୱଶୁରଙ୍କ ବେଡରୁମ୍ ବୋଲି କୁହାଯାଇପାରେ । ଦୁଇ ବଖରା ଅଣଓସାରିଆ ଛାତଘର । ବାରିପଟେ ଛୋଟିଆ ଟିଣଘରେ ଚାନ୍ଦର ବେଡରୁମ୍ । ଗୋଟିଏ ସିଙ୍ଗଲ ଖଟ ପଡ଼ି ଗୋଟାଏ ଫୁଟର ଫାଙ୍କ କାନ୍ଥକୁ ଲାଗି । ସେଇ ରୁମ୍‌ରେ ହେଲା ଚାନ୍ଦର ମଧୁ ଚନ୍ଦ୍ରିକା ।

ପ୍ରଥମ ଅନୁଭୂତି ବେଶ୍ ଚମକପ୍ରଦ ଓ ତା ପାଇଁ ଆଶ୍ଚର୍ଯ୍ୟଜନକ ଥିଲା । ଏଇ ତାହାଲେ କ'ଣ ତା'ର କଳ୍ପିତ ସ୍ୱପ୍ନର ମହଲ ! ଶାଶୁ ମାସକ ତଳୁ ଦୁନିଆ ଛାଡ଼ି ଚାଲିଯାଇଛନ୍ତି । ଘରର ବଡ଼ବୋହୂ ହିସାବରେ ସବୁ ଦାୟିତ୍ୱକୁ କାନ୍ଧରେ ବୋହିବାକୁ ହେବ ।

ରଜନୀ ଦାଶ କିଂତୁ ଥିଲା ବେଫିକର । କୌଣସି ଜିନିଷକୁ ଗହରେଇ ଦେଖିବା ତା'ର ପ୍ରକୃତି ବିରୁଦ୍ଧ । ସକାଳୁ ଜଳଖିଆ ଖାଇ କଲେଜ ବାହାରିଯାଏ । ଫେରୁ ଫେରୁ ରାତି । ଚାନ୍ଦ କାନ୍ଦେ ନିରବରେ । ବୁଢ଼ୀ ମା' ବୁଝାଇ ଦିଅନ୍ତି ମୋ ପୁଅ ଆଉ ମୋ ନାତି ସବୁବେଳେ ଏମିତି । ତାକୁ ବାଟକୁ ଆଣିପାରିନି ମୋ ବୋହୂ । ଅଧା ବାଟରେ ଛାଡ଼ି ଚାଲିଗଲା । ତୁ ଏ ଦୁଇଜଣଙ୍କୁ ସମ୍ଭାଳ ।

ଚାନ୍ଦ କିଛି ଭାବି ପାରେନି । ଦୀର୍ଘ ପଇଁତ୍ରିଶ ବର୍ଷ ପରେ ଆଜି ଏ ସବୁ ଚାନ୍ଦର କେଜାଣି କାହିଁକି ମନେ ପଡ଼ିଯାଉଥିଲା । ଖଟ ଉପରେ କୋଭିଡର ସଂକ୍ରମଣରେ ଛଟପଟ ରଜନୀ ଦାଶ । ଘର ଭିତରେ ଖାଁ-ଖାଁ । ଅନାଗତ ଆଶଂକାରେ ଆଶଂକିତ ସମସ୍ତେ ।

ରାତି ରାତି ଅନିଦ୍ରା ହୋଇ ଜଗି ବସିଛି ରଜନୀ ଦାଶକୁ । ପୁଅଝିଅ ସମସ୍ତେ ବାହାରେ । ନିଜେ ବି ସଂକ୍ରମିତ ହୋଇପଡ଼ିଛି । ତଥାପି ଦୂରେଇ ଯାଇନି । ପଇଁତ୍ରିଶ ବର୍ଷ ତଳେ ବୁଢ଼ୀମା'ଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛି ।

ଏଇ ଦୀର୍ଘ ବର୍ଷର ସାଂସାରିକ ଯାତ୍ରାରେ ଅନେକ କିଛି ପାଇଚି । ଆଜି ପିଲାମାନେ ପ୍ରତିଷ୍ଠିତ । ଘର, ଗାଡ଼ି ସବୁ କିଛି । ରଜନୀଦାଶ ଉପରେ କେବେ ବି ଅଭିମାନ କରିନି କୌଣସିଥିରେ ।

ସେଦିନ ହଠାତ୍ ରଜନୀ ଦାଶ ପ୍ରଶ୍ନ କଲା ଚାନ୍ଦକୁ । "ଆଚ୍ଛା ଯଦି ମୁଁ ତତେ ବାହା ହେଇନଥାନ୍ତି ତାହାଲେ ତୁ କ'ଣ କରିଥାନ୍ତୁ ?" ହସିଲା ଚାନ୍ଦ । "ଆଜି ଏସବୁ କାହିଁକି ? ମୁଁ କ'ଣ ତମ ଭଳି କବି କି ଭାବୁକ ହୋଇଛି ଯେ ସବୁଦିନ ତମ ସ୍ମୃତିକୁ ଧରି କବିତା ଲେଖିଥାନ୍ତି ! ମୁଁ ଅପେକ୍ଷା କରିଥାନ୍ତି ତମ ବାହାଘର ପରେ ବାହା ହେଇଯାଇଥାନ୍ତି ।"

ରଜନୀ ଦାଶ ପ୍ରଶ୍ନ କଲା, "ଆଚ୍ଛା ତୁ' ପ୍ରଥମେ ଯେଉଁ ଚିଠି ମତେ ଦେଉଥିଲୁ ?"

ଚାନ୍ଦ କହିଲା, "ଆମ ବାହାଘର ପ୍ରସ୍ତାବରେ ତମେ ରାଜି ନଥିଲ ମୁଁ ଜାଣିଥିଲି । ସେଥିପାଇଁ ବିଳମ୍ବ ହେଉଥିଲା । ମୁଁ ଚିଠି ଦେଉଥିଲି ତମକୁ ପ୍ରେମ କରି ନୁହେଁ, ଜାଣିବାକୁ ଚାହୁଁଥିଲି ତମେ ପ୍ରକୃତରେ ଏ ବିବାହ ପାଇଁ ରାଜି ଅଛ ନା ନାହିଁ । ମୁଁ ମୋ ତରଫରୁ ଘରେ ମନା କରିଦେଇଥାନ୍ତି । ତମର ଭଉଣୀ ନାହିଁ । ଗୋଟେ ନିମ୍ନ ମଧ୍ୟବିତ୍ତ ପରିବାରର ବାପା କାନ୍ଧରେ ଝିଅର ବୋଝ ଭାରି କି ହାଲୁକା ତମେ କେମିତି ଜାଣିବ । ହେଲେ ମୁଁ ତମ ସହ ଅଛି । ଖୁସିରେ ଅଛି । ତମେ ସାଥିରେ ଥିଲେ ମୃତ୍ୟୁକୁ ବି ଡରେନା । ତମ ପିଲାଛୁଆଙ୍କୁ ମଣିଷ କରିଛି । ମୋ ଛଡ଼ା ଆଉ କାହାକୁ ବାହା ହେଇଥିଲେ ସେ କୋଉଦିନଠୁ ତମକୁ ଛାଡ଼ପତ୍ର ଦେଇ ସାରନ୍ତାଣି ।"

କେତେ ନିର୍ଭୟ ଆଉ ସ୍ପଷ୍ଟ ଭାବରେ ଚାନ୍ଦ କହି ଯାଉଛି ଏକଥା !

ବୋଉର ମୃତ୍ୟୁ ପରେ ସବୁ ସ୍ୱପ୍ନକୁ ଜଳାଂଜଳି ଦେଇଥିଲା ରଜନୀ ଦାଶ । ସାନୁକୁ ମିଛ କହି ସଂପର୍କକୁ ଛିଣ୍ଡେଇ ଦେଇଥିଲା । ଗୋଟେ ନିମ୍ନ ମଧ୍ୟବତ୍ତ ପରିବାରର ଅର୍ଦ୍ଧବେକାର ପୁଅର ସ୍ୱପ୍ନ ଦେଖିବା ମନା । ସାନୁକୁ କାହିଁକି ନିଜ ଦୁଃଖର ଭାଗୀଦାର କରିଥାନ୍ତା ଯେ ! ସେଇପଦକ ମିଛ ପାଇଁ ସାନୁ ତାକୁ ସାରାଜୀବନ କ୍ଷମା ଦେଇନି ।

ସାନୁ ଏବେ ଦୂର ଆକାଶରେ ଝଲମଲ୍ କରୁଥିବା ଗୋଟେ ହସ୍‌କି ତାରାଫୁଲ । ସେ ସେଇଠି ଥାଉ, ଭଲରେ ଥାଉ । ଛୁଇଁ ନପାରିଲେ ବି ତା ଖୁସିକୁ ଦେଖି ତ ହେଉଛି । ଆଉ ଚାନ୍ଦ ତା ପାଇଁ ମାଟିରେ ଉଠିଥିବା ତା ଅଗଣାର ତୁଳସୀ ଗଛ । ସେ ମାଟିକୁ ଛାଡ଼ିପାରିବ ନାହିଁ କି ଆକାଶକୁ ଛୁଇଁ ପାରିବ ନାହିଁ । ତା'ରି ମଧ୍ୟରେ ରଜନୀ ଦାଶର ଦ୍ୱିତୀୟ ସ୍ୱର୍ଗ । ସାନୁ ଆଉ ଚାନ୍ଦର ପୁରୁଣା ଚିଠିକୁ ଓଲଟାଇଲା ରଜନୀ ଦାଶ ।

ଏସବୁ ତ' ତାର ସାଇତା ସମ୍ପତ୍ତି !


ବାଲକାଟି, ଖୋର୍ଦ୍ଧା-୭୫୨୧୦୦, ମୋ: ୯୩୩୭୨୬୧୦୭୫


## ଲୋହିତ ସ୍ୱପ୍ନ

ରମାକାନ୍ତ ଗୋଚ୍ଛାୟତ



ଅନୁଶୋଚନାକୁ ଟଙ୍ଗେଇଦେଇ
ମନ ଅଲୁଗୁଣିରେ, ପଡ଼ି ରହିଛି ବିଛଣାରେ
ଶୋଇବା ଘର ଅନ୍ଧାର
ଜଣଙ୍କ ପରେ ଜଣେ ନାଚୁଛନ୍ତି
ଆଖିରୁ ନିଦ ଗାଏବ !

ମୋର କିଛି ହଜିନାହିଁ
ବେହାଲ ହେଇ ଖୋଜୁଛି
କୁଆଡ଼େ ଲମ୍ବିଛି ରାସ୍ତା
ଉଠି-ପଡ଼ି ଚାଲିଛି
ପାଦରେ ବେଡ଼ି ପଡ଼ିଲା ପରି ଲାଗୁଛି
ସେଇଠି ଅସରନ୍ତି ପ୍ରଶ୍ନର ଝଡ଼ ।

ଘରେ ନିତି ପାଟିତୁଣ୍ଡ
ଆକାଶ ଛୁଇଁଛି ବଜାର ଦର
ଝାଳକୁ ଠୁଳକରି କେତେ କର ଦେବ
ତମେ ବି ପିଲାଙ୍କ ପେଟରୁ କାଟି
କର ଦେଇ ଫେରୁଛ,
କାହାକୁ ପଚାରିବି ହିସାବ
ଆଗରେ ପ୍ରଗତିର ପ୍ରତୀକାତ୍ମକ
ପ୍ରତିଛବି ଦୋହଲୁଛି ପବନରେ ।

କିଏ ବିଦେଶ ଭ୍ରମଣରେ ଯିବ
କିଏ ଉଚ୍ଚପାଠ ପଢ଼ିବ ବିଦେଶରେ
ରାସ୍ତା, ପୋଲ, ରେଳ, ବିକାଶ
ସଭା, ମହାସଭାରେ,
ମୋ ପରିବାର କାହିଁକି ସାମିଲ ହୁଏ
ପ୍ରଗତି କୋଉ ବୁଝେ ମୋ ଋଣ
ମୋ ଭୋକ, ମୋ ସ୍ୱପ୍ନ, ମୋ ବୋଝ
ଗୁଣ୍ଡୁଚିମୂଷା ବାଲି ଝାଡୁଥାଏ
ପଥର ବନ୍ଧ କେବେ ସରିବ କେଜାଣି
ସମୁଦ୍ର ଢେଉରେ ଲୀନ ମୋ ଆଖିର ଦୃଶ୍ୟ ।

ପତ୍ନୀ କେତେ ଥର କହିଲାଣି
ଦେଶୀୟ ଭ୍ରମଣରେ ପିଲାଙ୍କ
ଆଖି ଟିକେ ଖୋଲନ୍ତା !
ପକେଟ୍ ଚିରିଯାଇଛି
ସିଲେଇ ହେଇ ପାରୁନି
ଦରଖଣ୍ଡିଆ ଆଶାରେ
ସରିଯାଉଛି ପାଦ ପକେଇବାର ବେଳ

ଇଚ୍ଛା ହେଉଛି ଦୌଡ଼ିଯାଇ
'ଥ' କରିଦିଅନ୍ତି ସମୟକୁ
ହେଲେ, ମୋ ପରେ ଘର ଅନ୍ଧାର ।

ଛାଇ ନିଦରେ ଜାହାଜ ବୁଡ଼ିଗଲା
ବିଦେଶରୁ ଆସୁଥିଲା
ଛୋଟବଡ଼ ଧାରକରା ସ୍ୱପ୍ନ
ସବୁ ନଷ୍ଟଭ୍ରଷ୍ଟ ।
କେତେବେଳେ ଆଖିପତା
ପଡ଼ିଗଲା ଯେ ନିଦ ଭାଙ୍ଗିଗଲା
ସକାଳ ଆଠରେ !



ଏଫ୍-୨୧, ଡିପିଆଇ କଲୋନି
ୟୁନିଟ୍-୮, ଭୁବନେଶ୍ୱର


କବିତା.... ଆମ ସମୟର



## ଶବ୍ଦ ଓ ତୁମେ

ସତ୍ୟରଂଜନ ପ୍ରହରାଜ



ବେଳେବେଳେ ଶବ୍ଦମାନେ ହଜିଯାନ୍ତି ନା !
ଠିକ୍ ତୁମ ପରି
ଦେଖୁନ..
ସଫେଦ୍ କାଗଜ ଝୁରୁଛି
ସ୍ୟାହିର ଛୁଆଁକୁ
କଳ୍ପନାର କଳାମେଘ ଡ଼ାଙ୍କିଲାଣି
କବିତାରେ ବରଷି ଯିବାକୁ
ଚମ୍ପାଡାଳେ ଚଂଚୁ ଓ ଚୁଂବନର ଚିତ୍ର
ପବନରେ ମହମହ ପ୍ରଣୟର ବାସ,
ଏବେ କାହା ଅପେକ୍ଷାରେ ତୁମେ !!
କାହା ପାଇଁ ଅପେକ୍ଷିଛି
ନିକଂଚିତ ଫୁଲବଣ
କାହାପାଇଁ ଖିଆଲି ଜହ୍ନଟା
ଏକା ଏକା ପହଁରୁଛି
କୁହୁଡ଼ି ସାଗର ॥

ଏମିତି ତ ନିରୋଳାପଣରେ
ରାତିସବୁ ଦୀର୍ଘାୟୁ ହୁଅନ୍ତି
ସ୍ୱପ୍ନସବୁ ପଥର ପାଲଟି
ସାରାଦେହେ ଶିଉଳିର
ଚନ୍ଦନ ଲଗାନ୍ତି,
ଅରାଏ ଦୂର୍ବାଦଳ ପରି
ସ୍ମୃତିସବୁ ଟଳମଳ
ଶବ୍ଦସବୁ ଡେଣାଝାଡ଼ି
ଅନ୍ଧାରରେ ନିଖୋଜ ହୁଅନ୍ତି ॥

ତଥାପି ମୁଁ ତୁଚ୍ଛାଟଟାରେ ବସିଥାଏ
ଲେଖିବାକୁ ପ୍ରେମଚିଠି
ଆଂକିବାକୁ ଦୁଃଖର ପାଉତି,
ବୁଣୁଥାଏ ଶବ୍ଦବୀଜ
ସମୟର ବନ୍ଧ୍ୟାମାଟି ଦେହେ
ଚାହିଁଥାଏ ଦିଗ୍‌ବଳୟ ସେପାଖକୁ
ଦେଖିବାକୁ ଚନ୍ଦ୍ରମାର
ଅନ୍ତିମ ଆହୃତି ॥


ବି ୫୨୦, ରାଜେନ୍ଦ୍ର ବିହାର,
ଭୁବନେଶ୍ୱର-୨୦
(ମୋ) ୯୬୫୮୪୧୩୫୩୪

# ଧ୍ୱନି ପ୍ରତିଧ୍ୱନି


ବାଲେଶ୍ୱର

ରବିବାର, ୦୬ ଡିସେମ୍ବର, ୨୦୨୦




## ମନେପଡେ....(୪୨)

# ବୋଉ ଦେହରୁ ଭୟାନକ ଘା' ଓ ଓମନାମାଇସିନ ଇଂଜେକସନ୍




ସୁଗାଳ୍ପିକ ଓ ସ୍ତମ୍ଭକାର

**ଉଦୟ ନାରାୟଣ ଦାସ**


ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।


ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯


ମୁଁ ଅଷ୍ଟମ କି ନବମ ଶ୍ରେଣୀରେ ପଢୁଥିଲି ସେତେବେଳେ । ପ୍ରତି ଖରାଦିନ ଆସିଲେ ବୋଉର ସର୍ବାଙ୍ଗ ଶରୀରରେ ଝାଳମାଛି ହେଉଥିଲା । ଦୀର୍ଘ ବର୍ଷ ଧରି । କିନ୍ତୁ ସେ ବର୍ଷ କଥା ଅଲଗା ଆଡ଼କୁ ଗତି କରିଗଲା । ତା ସମଗ୍ର ଦେହରେ ଝାଳମାଛି ଗୁଡ଼ା ଫୋଟକା ହେଇଯାଇ ଘା'ରେ ପରିଣତ ହେଇଗଲା ଏବଂ ସେ ଘା' ସବୁ ପାଚିଯାଇ ସେଥିରୁ ପୂଜ ବାହାରିଲା । ଖୁବ୍ ଉତ୍‌କଟ ଗନ୍ଧ ବି ବାହାରୁଥିଲା ବୋଉର ସେ ଘା'ରୁ । ସେ ଗନ୍ଧରେ ଘରେ ବିଚରଣ କରିବା ଆମ ପାଇଁ ଭାରି କଷ୍ଟକର ହେଉଥିଲା । ବୋଉ ବିଛଣାରେ ଶୋଇ ପାରୁଥିଲା ନା ଭଲରେ ବସି ପାରୁଥିଲା । ଅଶେଷ ଯନ୍ତ୍ରଣାରେ ଛଟପଟ ହେଉଥିଲା ତମାମ ଦିନ । ବାପା, ଜେଜେ ଓ ଆମେ ପିଲାମାନେ ଆଉ ଆଶା ରଖି ନଥିଲୁ ବୋଉର ଏ ଘା' ଆଉ ଭଲ ହେବ ବୋଲି ।

ତଥାପି ଜେଜେ କାହାରି କଥା ନଶୁଣି ବୋଉକୁ ଗୋପାଳପୁର ଡ଼ାକ୍ତରଖାନାକୁ ଗୋଟେ ଟଣା ରିକ୍ସାରେ ନେଇ ଯାଇଥିଲେ । ବୁଢା ବୟସରେ ଜେଜେ ବହୁ ରୋଗୀମାନଙ୍କ ଭିତରେ ବି ବୋଉକୁ ଡାକ୍ତରଙ୍କ ପାଖକୁ ନେଇଥିଲେ । ଡାକ୍ତର ବୋଉର ଘା' ଦେଖି ନାକ ଟେକି କହିଲେ - 'ରେ ବୁଢା, ଏ ମାରାତ୍ମକ ରୋଗ । ଆମ ଡାକ୍ତରୀ ବିଦ୍ୟାରେ ଯା ପାଇଁ ଔଷଧ ବାହାରି ନାହିଁ । ତଥାପି ତୁ ଯଦି ଉହୁଁଚୁ ମନ ବୁଝିବା ପାଇଁ ଏ ପେସେଂଟକୁ କଟକ ବଡ଼ ଡ଼ାକ୍ତରଖାନା ନେଇଯାଅ । ଯାକୁ ଏଠୁ ହଟାଅ, ଘା'ର ଦୁର୍ଗନ୍ଧରେ ପରିବେଶ ଦୂଷିତ ହେଉଛି । ସତ କଥା ହେଲା ଏ ରୋଗୀ ଯେ ଆଉ ବେଶୀ ଦିନ ବଂଚି ରହିବ ନାହିଁ ।' ଡାକ୍ତରଙ୍କ ଏ ନିରାଟ କଥା ଶୁଣି ଜେଜେ ସମ୍ପୂର୍ଣ୍ଣ ଭାଙ୍ଗି ପଡିବା ସ୍ୱଭାବିକ ଥିଲା । ଜେଜେ ଜାଣିଥିଲେ ବୋଉର କିଛି ହେଇଗଲେ ଆମ ଭଙ୍ଗା ଘରଟା ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେଇଯିବ । ପିଲାମାନେ ଅଥୟ ହେଇଯିବେ । ଏଇ ସବୁ ଦୁଶ୍ଚିନ୍ତାରେ ଜେଜେ ସେଇ ଟଣା ରିକ୍ସାରେ ବୋଉକୁ ଫେରାଇ ଆଣିଥିଲେ ଘରକୁ କିଟିକିଟିଆ ଅନ୍ଧାର ରାତିରେ ।

ଆମେ ଘରେ ଅନାଇ ରହିଥିଲୁ ବୋଉର ଫେରିବା ରାସ୍ତାକୁ । ମୋ ଭିତରେ କିଏ କହି ଦେଉଥିଲେ 'ତୁ ବ୍ୟସ୍ତ ହଅନି । ତୋ ବୋଉ ଠିକ୍ ବଂଚିବ ।' ଜେଜେ ଭଗ୍ନ ମନରେ ଆମ ଘରକୁ ଫେରୁଥିଲା ବେଳେ ରଥ ସାହି ଦେଇ ଆସୁଥିଲେ । ଦେଖ ଈଶ୍ୱରଙ୍କ କି ଲୀଳା ! ଭାଗ୍ୟକୁ ଗାଁ କୁ ଆସିଥିଲେ ଡ଼ା. ଶଶି ରଥ । ଗାଇନିକରେ ପି.ଜି. କରି ବାଲେଶ୍ୱର ହସପିଟାଲରେ ଥିଲେ । ସତରେ ଖୁବ୍ ନାମୀ ଡ଼ାକ୍ତର ଥିଲେ ସେ । କିନ୍ତୁ ସେ ଲୋକଙ୍କ ଠୁଁ ଅଧିକ ଟଙ୍କା ଓ ଅନ୍ୟାନ୍ୟ ଆରୋପ ତାଙ୍କ ନାଁରେ ଲୋକେ ଆଲୋଚନା କରୁଥିଲେ ।

ଜେଜେ କାନ୍ଦ କାନ୍ଦ ହୋଇ ଫେରୁଥିବାର ଦେଖି ଡାକ୍ତର ଶଶି ରଥ ବିଚଳିତ ହୋଇ ଜେଜେଙ୍କଠୁଁ ସବୁ କଥା ଶୁଣିଲେ । ସେ ବୋଉକୁ ଦେଖିଲେ ଓ କହିଲେ - 'ୟେ ଘା ସଂଗେ ସଂଗେ ଭଲ ହେଇଯିବ । ଏଇଥିପାଇଁ ଏତେ ଦୁଶ୍ଚିନ୍ତା ? ମୁଁ ଏ ଗାଁର ମଣିଷ । ମୁଁ କଣ ତୁମ ବୋହୂ ପାଇଁ ଏତିକି ସାହାଯ୍ୟ କରିପାରିବି ନାହିଁ ।'

ସେ ସଂଗେ ସଂଗେ ୫ଟି ଓମନାମାଇସିନ ଇଂଜେକସନ୍ ଲେଖିଦେଲେ । ସଂଗେ ସଂଗେ ସେଇ ରାତିରେ ଜେଜେ ଜଣକ ସାଇକେଲରେ ପୁଣି ଗୋପାଳପୁର ଯାଇ ସେଇ ଇଞ୍ଜେକସନ୍ କିଣି ଆଣିଲେ । ବୋଉକୁ ଦୁଇଟି ଇଞ୍ଜେକସନ୍ ଦେଇ ଦେଲା ପରେ ବୋଉର ଘା' ସବୁ ମଉଳି ଗଲା । ଆସ୍ତେ ଆସ୍ତେ ବୋଉ ଭଲ ହେଇ ଆସିଲା । ଆମେ ସବୁ ଭଗବାନଙ୍କୁ କୃତଜ୍ଞତାରେ ହାତ ଯୋଡ଼ିଲୁ ।

ଆଉ ଆମର ଡ଼ାକ୍ତର ଶଶି ରଥଙ୍କ ସହ କେବେବି ଦେଖା ହୋଇନାହିଁ । ବୋଉର କିନ୍ତୁ ପ୍ରତିବର୍ଷ ଖରା ଦିନକୁ ସେଇ ଘା ବାହାରୁ ଥିଲା । ଆମେ ସେଇ ଓମନାମାଇସିନ ଇଂଜେକସନ୍ ପାଂଚଟା କିଣିଆଣି ବୋଉ ଦେହରେ ଫୋଡ଼ି ଦେଲେ ବୋଉ ସମ୍ପୂର୍ଣ୍ଣ ଭଲ ହେଇ ଯାଉଥିଲା । ପ୍ରକୃତରେ ଆମେ ଭଗବାନ କେଉଁଠି ଥାନ୍ତି ଜାଣି ନାହୁଁ, କିନ୍ତୁ ଆମେ ଜାଣିଯାଇଥିଲୁ ବୋଉ ପାଇଁ ସେଇ କାଳ ଅନ୍ଧାର ରାତିରେ ଡ଼ାକ୍ତର ଶଶି ରଥ ହିଁ ତ୍ରାଣକର୍ତ୍ତା ହୋଇ ଉଭା ହେଇଥିଲେ । ସେ ଯଦି ସେଇ ସମୟରେ ସେଇ ଇଞ୍ଜେକସନ୍ ଦେଇ ନଥାନ୍ତେ ବୋଉ ଆଉ ବୋଧହୁଏ ଭଲ ହେଇ ପାରିନଥାନ୍ତା । ଅକାଳରେ ସଢି ସଢି ତା ଜୀବନ ଯାଇଥାନ୍ତା ।

ଶଶି ରଥ କାହା ପାଇଁ କଣ ହେଇ ପାରନ୍ତି, କିନ୍ତୁ ଆମ ପାଇଁ ସେ ଦେବତା । ସେ ଚାକିରୀରୁ ଅବ୍ୟାହତ ନେଲେଣି ଲୋକମାନେ ତାଙ୍କ ବିରୁଦ୍ଧରେ କହନ୍ତି । କହିବା ଲୋକଙ୍କର କାମ । କିନ୍ତୁ ବାସ୍ତବକୁ କେତେଜଣ ପରଖି ଥାନ୍ତି । ମଣିଷ ମାନେ କଣ ସତରେ କେଉଁ ମଣିଷ ଭିତର ରୂପକୁ ସହଜରେ ଗ୍ରହଣ କରିପାରିଥାନ୍ତି ! (ଆରଥରକୁ)

ଧାରାବାହିକ ଉପନ୍ୟାସ

# ନାତି


ଡ. ରତିକାନ୍ତ ବେହେରା

କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨




ଭାଗ-୫



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଟିକେ ସାନ୍ତ୍ୱନା ପାଇଁ ଦୀନନାଥ ନିଜକୁ ବୁଝାଇଥିଲେ ବାରମ୍ବାର । ବିଧି ବୋଧହୁଏ ତାଙ୍କ ନିମନ୍ତେ ଏହାହିଁ ରଖିଥିଲା । ସବୁ ଈଶ୍ୱରଙ୍କ ଇଚ୍ଛା । ତାଙ୍କ ବିନା ଇଚ୍ଛାରେ ପତ୍ରଟିଏ ବି କଅଁଳେ ନାହିଁ । କ'ଣ ଘଟିବ, ତାହା ପୂର୍ବରୁ ସ୍ଥିର ହୋଇସାରିଥାଏ । କେବଳ ଘଟିବାକୁ ହିଁ ବାକିଥାଏ । ସଂସାରରେ ଏପରି ଅନେକ ଘଟଣା, ତହୁଁ ବଳି ଆହୁରି ବଡ଼ ବଡ଼ ଦୁର୍ଘଟଣା ବି ଘଟୁଛି । ଘଟି ଚାଲିଥିବ ବି ଅନବରତ, ଯେତେଦିନ ପର୍ଯ୍ୟନ୍ତ ଏ ସଂସାର ଅଛି,ଏ ସମାଜ ଅଛି, ଏ ମଣିଷ ଅଛନ୍ତି । ଜୀବନ ଥିବା ଯାକେ ଏମିତି ଛୋଟବଡ଼ ଘଟଣା ଲାଗି ରହିଥିବ । ଏଣୁ ଦୀନନାଥ ନିଜକୁ ନିଜେ ବୁଝେଇ ଦେଲେ, 'ରହ ! ତୁ ଏତେ କାତର ହେବା ଉଚିତ ନୁହେଁ । ଦେଖୁଛୁ ! ସଂସାରରେ କେତେ ନା କେତେ ଦୁଃଖ, ଯାତନା ଓ ଯନ୍ତ୍ରଣା ପୂରି ରହିଛି । ସେଥିରେ ତୁ କାତର ହେଲେ ଚଳିବ! ନାତି ତୋର ଭଲରେ ଅଛି, ତା'ର କିଛି ଅସୁବିଧା ହେବ ନାହିଁ ।

ଭାବିଲେ, ମନ ଟିକେ ହାଲୁକା କରିବାପାଇଁ ଏଇ ଡାକ୍ତରଖାନା ପରିସରରେ ଘେରାଏ ବୁଲି ଆସିବେ । କେବେ ତ ଏ ବିଶାଳ ଡାକ୍ତରଖାନାକୁ ସଂପୂର୍ଣ୍ଣ ଭାବରେ ଦେଖିବାର ସୁଯୋଗ ପାଇ ନାହାନ୍ତି । କିଏ ବା ଜାଣେ, ତାଙ୍କୁ ନିଜର ଶରୀର ପାଇଁ ଏ ଡାକ୍ତରଖାନାରୂପୀ ନର୍କକୁଣ୍ଡକୁ ଦିନେ ଆସିବାକୁ ପଡ଼ିପାରେ ! ଏସ.ଏନ୍.ସି.ୟୁ. ପାଖରେ ଭବେଶ ଅଛି, ଦୀନେଶ ଆଉ ଲିପୁ ବି ଅଛନ୍ତି । ବରଂ ସେ ଟିକେ ଏଣେତେଣେ ବୁଲି ଆସିଲେ ହୁଏତ ନିଜ ମନର ଭାରଟି ଊଣା ପଡ଼ିବ ।

ଇତସ୍ତତଃ ବୁଲିବା ଭିତରେ ମେଡ଼ିସିନ୍ ୱାର୍ଡ଼ ସାମ୍ନାରେ ଜଣେ ବଂଧୁଙ୍କ ସହିତ ଦେଖାହେଲା ଦୀନନାଥଙ୍କର । ନାମ ତାଙ୍କର ଅଶ୍ୱିନୀକୁମାର ଏବଂ ସହର ସନ୍ନିକଟ ଏକ ଘରୋଇ କଲେଜର ଅଧ୍ୟାପକ । ଦୀନନାଥ ଲକ୍ଷ୍ୟ କଲେ ବଂଧୁଙ୍କର ସେହି ଏକା ଅବସ୍ଥା । ମୁହଁ ଶୁଖି କଳାକାଠ ପଡ଼ିଯାଇଛି । ପାଣ୍ଡୁର ଏବଂ ବିବର୍ଣ୍ଣ ଦିଶୁଚି ଚେହେରା । ଦୂରରୁ ପରସ୍ପର ପରସ୍ପରକୁ ଦେଖିଲେ ବି କାହାରି ମୁହଁରେ ହସ ମାଖିହେଉ ନାହିଁ । ଉଭୟଙ୍କର ମୁହଁକୁ ଯେମିତି ବିରୁଡ଼ି ବିନ୍ଧିଛି ! ଦୀନନାଥଙ୍କୁ ଦେଖି ସେ ହସିଲେ ନାହିଁ କି ଦୀନନାଥ ବି । ନିଷ୍ପ୍ରାଣ ପ୍ରସ୍ତର ମୂର୍ତ୍ତି ଦୁଇଟି ପରସ୍ପର ପାଖେଇ ଆସିଲେ ଯାହା । କୃତ୍ରିମ ହସ ଟିକେ ହସିବେ ବୋଲି ଦୀନନାଥ ସ୍ଥିର କରିଥିଲେ, କୁନ୍ତୁ ତାହା ସଂଭବ ହେଲାନାହିଁ । ହସିଥିଲେ ହୁଏତ କୃତ୍ରିମ ହସ ଟିକକ ଦିଶିଥାନ୍ତା ବିକୃତ, କରୁଣ, ବିଷର୍ଣ୍ଣ ଓ କିମ୍ଭୂତକିମାକାର । ଗୋଟେ ନିର୍ଜୀବ ଅବସ୍ଥାରେ ଅଶ୍ୱିନୀବାବୁ ଦୀନନାଥଙ୍କୁ ପଚାରିଲେ ବଚନରେ ନୁହେଁ କି ଶବ୍ଦରେ ନୁହେଁ, ଆଖିର ଉଦାସ କରୁଣତାରେ । ଯାହାର ଭାଷା ଏମିତି ହୁଅନ୍ତା -

"ତୁମେ ଏଠି କାହିଁକି ଦୀନନଥ ?"

ଦୀନନାଥ ବି ସମାନ ପ୍ରଶ୍ନଟିଏ ଉଚ୍ଚାରଣ କଲେ -"ତୁମେ ଏଠି ଯେ ?"

ନାତି ଜନ୍ମରେ ସ୍ୱାଭାବିକତା ଲାଗି ରହିଥିଲେ ହୁଏତ ଦୀନନାଥ ନର୍ସିଂହୋମ୍‌ରୁ ଏ ଡାକ୍ତରଖାନା ଆସି ନ ଥାନ୍ତେ ! ଫୋନ୍‌ରେ ଅଶ୍ୱିନୀବାବୁଙ୍କୁ ଖୁସିର ଖବରଟା କହି ଦେଇଥାନ୍ତେ କିମ୍ବା କେତେବେଳେ ସାକ୍ଷାତ ହୋଇଥିଲେ ଖୁସିର ସଂବାଦଟା ଜଣେଇଥାନ୍ତେ ! ମିଠା ଖୁଆଇଥାନ୍ତେ, ଚାହା ବି ପିଆଇ ଥାନ୍ତେ ! ପ୍ରତିବଦଳରେ ଦୀନନାଥଙ୍କୁ ଉଚ୍ଚ ପ୍ରଶଂସା କରିଥାନ୍ତେ ଅଶ୍ୱିନୀ ବାବୁ । ଉଭୟଙ୍କ ଭିତରେ ସେ ପହିଲେ ଅଜା ହୋଇଗଲେ ବୋଲି ହୁଏତ କିଂଚିତ ଈର୍ଷା ବି କରିପାରିଥାନ୍ତେ ! ହେଲେ ବିଧିର ଏ ଯେପରି ଥିଲା ଏକ ବିଡ଼ମ୍ବନା । ନିଜ ଦୁଃଖ ସଂବାଦକୁ ନିଜ ଛାତି ତଳେ ଚାପିଧରି ଦୀନନାଥ ପୁଣିଥରେ ପ୍ରଶ୍ନ କଲେ -

"ଅଶ୍ୱିନୀ ବାବୁ ! ତୁମେ ଏଠି ଯେ ?"

ଦୀନନାଥଙ୍କର ପ୍ରଥମ ଥର ପ୍ରଶ୍ନରେ ଅଶ୍ୱିନୀବାବୁଙ୍କ ପାଟିରୁ ହଠାତ୍ କିଛି ଉତ୍ତର ବାହାରିଲା ନାହିଁ କିମ୍ବା ଦୁଃଖ ଏତେ ଗହରିଆ ଥିଲା, ଯାହା ପାଟିର ଭାଷାକୁ ସଂପୂର୍ଣ୍ଣ କବଳିତ କରି ନେଇଥିଲା । କେତେ କ୍ଷଣ ପରେ ସେ ମୁହଁ ଖୋଲିଲେ । ହେଲେ ଆହୁରି କରୁଣ, ଆହୁରି ଥମ୍‌ଥମ୍ ହୋଇ ଆସିଲା ତାଙ୍କ ମୁଖମଣ୍ଡଳ । ତଥାପି ଠେଲି ପେଲି ହୋଇ ସେ କହିଲେ -

"କ'ଣ କରିବି ଦୀନନାଥ । ମୁଁ ସଂସାରରୁ ଭାସିଗଲି ।"

ହଠାତ୍ ଆକାଶରୁ ଖସି ପଡ଼ିଲେ ଦୀନନାଥ। ସେହି ମୁହୂର୍ତ୍ତରେ ବିସ୍ମରିଗଲେ ନିଜର ଦୁଃଖକୁ । ଅଧୀର ହେଇ ପଚାରିଲେ -

"କ'ଣ ହେଲା ଅଶ୍ୱିନୀ ବାବୁ ? ଭାଉଜଙ୍କର କ'ଣ କିଛି ହୋଇଗଲା କି ?"

"ନାଇଁ ଦୀନନାଥ । ପୁଅ ଅରବିନ୍ଦକୁ ବ୍ରେନ୍ ମେଲେରିଆ । ପହିଲୁ କିଛି ଜାଣି ହେଲା ନାହିଁ । ଏମିତି ଟିକେ ଜ୍ୱର ଲାଗି ରହିଲା । ଦୁଇଦିନ ପରେ ଜଣେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇଲା । ହେଲେ ଜ୍ୱର କମିବାର ନାଁ ଧରିଲା ନାହିଁ । ସେଇଠୁ ସେ କହିଲେ ରକ୍ତ ପରୀକ୍ଷା କର, ମେଲେରିଆ ସଂକେତ ଜଣାପଡ଼ିଛି । ସତକୁ ସତ ରକ୍ତ ପରୀକ୍ଷାରୁ ମେଲେରିଆ ବାହାରିଲା । ଟ୍ରିଟ୍‌ମେଣ୍ଟ୍ ଚାଲିଲା, ହେଲେ କମିଲା ନାହିଁ । କାଲି ଏଠି ଆଡ଼ମିସନ୍ କରେଇଲି । ଆଜି ସକାଳେ ଡାକ୍ତର ପୁଅର ଅବସ୍ଥା ଦେଖି ଔଷଧ ବଦଳେଇଛନ୍ତି । ଯଦି କୌଣସି ଅଗ୍ରଗତି ନ ହୁଏ, ତାହେଲେ କଟକ ଯିବା ସୁନିଶ୍ଚିତ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମିତି ଅବସ୍ଥା ବୋଲି ଆଗରୁ ବୁଝିଥିଲେ, ମୁଁ କଟକ ନେଇ ଯାଇଥାନ୍ତି ! ମୁଁ ଚଣ୍ଡାଳ କେତେବଡ଼ ଭୁଲ୍‌ଟାଏ କରି ନ ଦେଲି ସତରେ ! ପୁଅର କିଛି ଅଗ୍ରଗତି ହେଉନାହିଁ । ଆଉଟ୍‌ଡୋର୍‌ରେ ଡାକ୍ତର ରୋଗୀ ଦେଖୁଛନ୍ତି । ହଜାର ହଜାର ଲୋକ ସେଠାରେ । ସେଠୁ ବାହାରିଲେ ମୋ କେଶ୍‌କୁ କଟକ ଯିବା ପାଇଁ ଲେଖିଦେବେ । ସେଇଥିପାଇଁ ଗତକାଲି ରାତିସାରା ଆମେ ଦୁହେଁ ଏଠି ଉଜାଗର । ଆପଣ ତ ଜାଣନ୍ତି, ସେହି ଗୋଟିଏ ବୋଲି ପୁଅ ମୋର । ଯଦି କିଛି ଅଘଟଣ ହୋଇଯାଏ, ତାହେଲେ ମୁଁ ତିନି ପାଞ୍ଚିରୁ ଚାଲିଯିବି ଜାଣ !"

ଦୀନନାଥ ଚାହିଁଲେ ତାଙ୍କ ପୁଅକୁ ଦେଖିବାକୁ । ଅଶ୍ୱିନୀ ବାବୁ ବାଟ କଢ଼େଇ ନେଲେ ପୁଅ ପର୍ଯ୍ୟନ୍ତ । ପଛରେ ଚାଲୁଚାଲୁ ଦୀନନାଥ ଭାବୁଥିଲେ ତାଙ୍କର ଏଠାରେ ନାତିକୁ ରଖିବା ଭୁଲ ହୋଇଗଲା କି ଆଉ !

ଅଶ୍ୱିନୀବାବୁଙ୍କର ପୁଅକୁ ଦେଖି ଆତଙ୍କିତ ହୋଇପଡ଼ିଲେ ଦୀନନାଥ । ସତରେ ପିଲାଟା ସିରିୟସ୍ ହୋଇ ପଡ଼ିଲାଣି । ଜ୍ୱରରେ ବିଚଳିତ ହେଉଛି । ମା' ତା'ର ପାଖରେ ବସି ଅନବରତ ଲୁହ ଝରଉଛି । ଏମିତି ଅବସ୍ଥା ଦେଖି ଦୀନନାଥ କହିଲେ -

"ଆଚ୍ଛା । ଅଶ୍ୱିନୀ ବାବୁ ! ଏମିତି କ'ଣ ହୋଇପାରନ୍ତାନି, ଡାକ୍ତରଙ୍କ ବିନା ଅନୁମତିରେ କୌଣସି କାହାକୁ ସୂଚନା ନ ଦେଇ ପୁଅକୁ କଟକ ସ୍ଥାନାନ୍ତର କରାଯାଇ ପାରନ୍ତା ?"

"ତାହା ହୋଇଥିଲେ ମୁଁ କ'ଣ ସକାଳଠୁଁ ନେଇପାରି ନ ଥା'ନ୍ତି ! ଡାକ୍ତରଖାନାର କେତେ ନା କେତେ ନିୟମ ଆଉ ଶୃଙ୍ଖଳା ରହିଛି । ତାକୁ ନ ମାନିଲେ ଅଧିକ ବିପତ୍ତିକୁ ଡାକି ଆଣିବା ସାରହେବ ।"

ଅଶ୍ୱିନୀବାବୁଙ୍କୁ କିଛି ମିଛ ଆଶ୍ୱାସନା ଦେବାକୁ ଉଚିତ ମନେ କଲେ ନାହିଁ ଦୀନନାଥ। ପୁଣି ନିଜର ଦୁଃଖ ଯେଉଁଠି ବଳି ପଡୁଛି, ସେଠି ଅନ୍ୟକୁ କି ସମବେଦନା ସେ ଜଣେଇ ପାରନ୍ତେ ! ନିଜର ନାତି କଥା ମନେ ପଡ଼ିଲା । ତାକୁ କଟକ ନେଇଯାଇଥିଲେ ଭଲ ହୋଇଥାନ୍ତା ! ଅଶ୍ୱିନୀବାବୁ ବରଂ ଦେଖା ନ ହୋଇଥିଲେ ଉଚିତ ହୋଇଥାନ୍ତା ! ଫଳତଃ ଏମିତି ଶଂକା ତାଙ୍କ ମନକୁ ଛୁଇଁ ନ ଥାନ୍ତା ! କିନ୍ତୁ ପରମୁହୂର୍ତ୍ତରେ ନିଜକୁ ବୁଝେଇ ଦେଲେ, ନାତି ତାଙ୍କର ସଂପୂର୍ଣ୍ଣ ଭଲ ଅଛି । ତା'ର କିଛି ହୋଇନାହିଁ । ନ କାନ୍ଦିବାଟା ଗୋଟେ ମାମୁଲି କଥା । ସବୁ ଠିକ୍ ହୋଇଯିବ । ଶୁଭଦା ପାଖକୁ ଚବିଶ ଘଣ୍ଟା ଭିତରେ ନାତି ଫେରିଯିବ ।

"ଆମ୍ବୁଲାନ୍ସ ଠିକ୍ କରନ୍ତୁ ଅଶ୍ୱିନୀ ବାବୁ । ସମୟ ହୋଇଗଲାଣି । ଡାକ୍ତର ଏବେ ଆସିଯିବେ । ସବୁ ବ୍ୟବସ୍ଥା ହୋଇଯିବ ।" - କହିଲେ ଦୀନନାଥ ଏବଂ ଫେରିବାକୁ ଉଦ୍ୟତ ହେବା ବେଳକୁ ଭଂଗା ଭଂଗା କଣ୍ଠରେ ଅଶ୍ୱିନୀ ବାବୁ ପଚାରିଲେ -

"ଦୀନନାଥ ! ତୁମେ ଡାକ୍ତରଖାନା ଆସିଥିଲ କାହିଁକି ?"

ନିଜର ଦୁଃଖ କଥା କହିବାକୁ ଇଚ୍ଛା ହେଲା ନାହିଁ ଦୀନନାଥଙ୍କର । ଏଠି, ଏ ପୃଥିବୀର ପ୍ରତି ଲୋକର ଦୁଃଖ ଏତେ ବଳିଯାଇଛି ଯେ, ଆଉ କାହାର ଦୁଃଖ କଥା ଶୁଣିବାକୁ ହୃଦୟରେ ବଳକଟେ ଜାଗା ବି ନାହିଁ । ସମବେଦନା ତ ଦୂରେ ଥାଉ । ଏଣୁ କହିଲେ -

"ଡାକ୍ତରଖାନାରେ ଗୋଟେ ଅଧେ ଜରୁରୀ କାମ ଥିଲା, ସେଇଥିପାଇଁ ।"

ବାସ୍ ଏତିକି । କି କାମ ଥିଲା ବୋଲି ପଚାରିଥିଲେ ହୁଏତ ଦୀନନାଥ କ'ଣ କହିଥାନ୍ତେ ! ହେଲେ ସେ ଆଉ ଦ୍ୱିତୀୟଥର କିଛି ବି ପଚାରିଲେ ନାହିଁ। ନିଜର ବିପର୍ଯ୍ୟୟ ଯୋଗୁଁ ଅନ୍ୟର ଭଲମନ୍ଦ ବୁଝିବା ଅବସ୍ଥାରେ ସେ ନ ଥିଲେ । ତେଣୁ ଦୀନନାଥ ଆଗକୁ ବଢ଼ିଲେ । ମେଡ଼ିସିନ୍ ୱାର୍ଡ଼ ଅତିକ୍ରମ କରି ଆସି ଛିଡ଼ା ହେଲେ ଓ.ପି.ଡ଼ି. ସାମ୍ନାରେ । ଖୁବ୍ ଅନ୍ୟମନସ୍କ ହୋଇ ପଡ଼ିଥିଲେ ସେ ସେତେବେଳେ ।

ତେଣୁ ସ୍ଥିର କଲେ ଆଉ ମେଡ଼ିସିନ୍ ୱାର୍ଡ଼ ସାମ୍ନା ରାସ୍ତା ଦେଇ ସେ ନାତି ପାଖକୁ ଫେରିବେ ନାହିଁ । ସେ ବାଟେ ଯାଇ ପୁନରାୟ ଅଶ୍ୱିନୀ ବାବୁଙ୍କ ସାମ୍ନା ହେବାକୁ ଚାହୁଁ ନଥିଲେ ସେ । ବରଂ ଭଲ ହେବ ଅଶ୍ୱିନୀ ବାବୁଙ୍କ ପୁଅ ଶୀଘ୍ର କଟକ ମାଇନା ହୋଇଯାଉ । ଏଠି ରହିଲେ ବାରମ୍ବାର ତାଙ୍କ ସହିତ ଭେଟ ହେବ। ଅସଲ କଥାଟି ସେ ଜାଣିବେ । ନିଜର ଦୁଃଖର ଭାରବହନ କରିବାକୁ ଯେଉଁ ସମୟ ଓ ପୃଥିବୀର ମଣିଷ ଅସମର୍ଥ, ସେଠି ଅନ୍ୟର ଦୁଃଖରେ କାତର ହେବା ଅପେକ୍ଷା ନିଜ ଦୁଃଖ ସହିତ ତୁଳନା କରିବାର ଖୋରାକଟିଏ ମିଳିଯାଉଛି ଆଜିକାଲି । ମଣିଷ ଆଉ ନିଜ ସୁଖ ସହିତ ଅନ୍ୟର ସୁଖକୁ ତଉଲୁ ନାହିଁ । ବରଂ ଅନ୍ୟର ଦୁଃଖ ସହିତ ନିଜର ଦୁଃଖକୁ ତଉଲୁଛି ।

ଆଉଟ୍‌ଡୋର୍ ପାଖରେ ଥିବା ଏକ କୃଷ୍ଣଚୂଡ଼ା ଗଛ ମୂଳରେ ଟିକେ କରପଟିଆ ଛିଡ଼ାହୋଇ ସେ ଅଶ୍ୱିନୀବାବୁଙ୍କ କଥା ଭାବି ହେଲେ । ଅର୍ଥସର୍ବସ୍ୱ ଦୁନିଆରେ ମଣିଷ ଅନବରତ ସଂଗ୍ରାମ କରୁଛି ଅର୍ଥ ପାଇଁ । ନାରୀ ପୁରୁଷ ନିର୍ବିଶେଷରେ ସଭିଏଁ ଛିଡ଼ା ହୋଇଛନ୍ତି ଚାକିରି ମଇଦାନରେ କେବଳ ଅର୍ଥ ରୋଜଗାର କରିବା ପାଇଁ । ସଂପର୍କ, ପରିବାର ଓ ସମାଜ ଉଜୁଡ଼ି ଗଲେ ବି ସେଥକୁ ସେମାନଙ୍କର ନିଘା ନାହିଁ । ଅଶ୍ୱିନୀବାବୁ ଓ ତାଙ୍କ ସ୍ତ୍ରୀ ଉଭୟେ ଚାକିରି କରନ୍ତି । ଏଥିପାଇଁ ପରିବାରକୁ ସୀମିତ କରିନେଇଛନ୍ତି ଗୋଟିଏ ପୁଅରେ । ସତକୁ ସତ ତାଙ୍କ ପୁଅର ଯଦି କିଛି ହୋଇଯାଏ, ତା'ହେଲେ କ'ଣ କରିବେ ସେ ? ଶେଷ ଜୀବନଯାକେ ଏଇ ଦୁଃଖରେ ସନ୍ତୁଳି ହେବା ହିଁ ସାରହେବ । ଚାକିରି ବ୍ୟସ୍ତତା ଭିତରେ ରହି ଆଉ ପିଲାଟିଏ ଜନ୍ମ କରିବାକୁ ସିନା ଅବକାଶ ପାଇଲେ ନାହିଁ, ହେଲେ ଯେଉଁ ପିଲାଟିକୁ ସେମାନେ ଜନ୍ମ ଦେଇଥିଲେ ତା'ର ଯତ୍ନ ବି ଠିକ୍‌ରେ ନେଇ ପାରିଲେନି । ଏଥିପାଇଁ ଅଶ୍ୱିନୀ ବାବୁଙ୍କ ଉପରେ ଦୀନନାଥ କେମିତି ବିତୃଷ୍ଣ ହୋଇ ପଡ଼ିଲେ । କାଳେ ତାଙ୍କର ବିତୃଷ୍ଣ ମନୋଭାବ ପ୍ରକାଶିତ ହୋଇଯିବ ତାଙ୍କ ଦୁଃସମୟରେ, ସେଥିପାଇଁ ସେ ସ୍ଥାନ ଛାଡ଼ି ଚାଲି ଆସିଲେ । ତାଙ୍କୁ ଆଉ ସାମ୍ନା କରିବାକୁ ଚାହୁଁ ନଥିଲେ ।

ଫାଲଗୁନ ମାସର ମୃଦୁ ମଳୟ ପବନରେ କୃଷ୍ଣଚୂଡ଼ା ଗଛର ପତ୍ରଗୁଡ଼ିକ ଗେଣ୍ଡୁଫୁଲର ପାଖୁଡ଼ା ପରି ତାଙ୍କ ମସ୍ତକ ଉପରେ ଝଡ଼ି ପଡୁଥିଲା । ସେଥିପ୍ରତି ତାଙ୍କର ଦୃଷ୍ଟି ନଥିଲା । ସ୍ଥାଣୁବତ୍ ଛିଡ଼ା ହୋଇ ରହିଥିଲେ ଏବଂ ଲକ୍ଷ୍ୟ କରୁଥିଲେ ସେଠି ହାଉଜାଉ ହେଉଥିବା ଲୋକମାନଙ୍କୁ । ତାଙ୍କୁ ଲାଗୁଥିଲା ସାରା ଦୁନିଆରେ ସବୁଲୋକ ଯେମିତି ନାହିଁ ନଥିବା ରୋଗଦ୍ୱାରା କବଳିତ ହୋଇ ପଡ଼ିଛନ୍ତି ! ପ୍ରାଣ ବିକଳରେ ଦଉଡ଼ି ଆସିଛନ୍ତି ଡାକ୍ତରଖାନା, ସାମୟିକ ଭାବେ ସେଥିରୁ ନିଷ୍କୃତି ପାଇଁ । କିନ୍ତୁ ବାସ୍ତବରେ ଏ ମଣିଷର ରୋଗ, ଶୋକ, ଜରା, ବ୍ୟାଧି ଓ ଯନ୍ତ୍ରଣାରୁ ନିଷ୍କୃତି ଅଛି କି ? ବୋଧହୁଏ ନା ।

(କ୍ରମଶଃ)

# ...ଅନୁଦିତ ମିନି ଗପ...

# ବୁଝାମଣା



ମୂଳ ହିନ୍ଦୀ- ସମୀର ଉପାଧ୍ୟାୟ

ଅନୁବାଦକ- ବିନୟ କୁମାର ଦାସ

ଅଂଗାରଗଡିଆ, ବାଲେଶ୍ୱର- ୧

ମୋ- ୭୯୭୮୬୦୩୬୩



ଥାନା ପରିସର ଭିତରକୁ ପ୍ରବେଶ କରୁକରୁ ଶୋଭାଦେବୀ ଏକ ପ୍ରକାର ଚିତ୍କାର କରି କହୁଥିଲେ, " କୁଆଡେ ଗଲେ ଥାନା ବଡବାବୁ..ତାଙ୍କୁ ମୁଁ ତୁରନ୍ତ ଭେଟିବାକୁ ଚାହୁଁଛି ।" ସେଠାରେ ଡ୍ୟୁଟିରେ ଥିବା କନେଷ୍ଟବଳଜଣକ କହିଲେ, " ମାଆ, ଏତେ ଜୋରରେ ପାଟି କରୁଛନ୍ତି କାହିଁକି ? ଥାନାକୁ ତ ଆସିଛନ୍ତି । ଆପଣଙ୍କ କଥା ନିଶ୍ଚୟ ବୁଝାଯିବ ।"

" ଥାନାବାବୁ କାହାନ୍ତି..ମୋର ତାଙ୍କ ପାଖରେ କାମ ।"

" ମା, ସେ ଏବେ ଅନ୍ୟ ଏକ କାମରେ ବ୍ୟସ୍ତ ରହିଛନ୍ତି । ଆପଣ ଏଇ ବେଂଚରେ ବସିପଡନ୍ତୁ । ମୁଁ ତାଙ୍କୁ ଖବର ଦେଉଛି ।"

ଶୋଭାଦେବୀ କିନ୍ତୁ କିଛି ଶୁଣିଲେ ନାହିଁ । ଅଫିସ୍ ଭିତରକୁ ସିଧା ପଶିଗଲେ । ଫାଇଲ ବନ୍ଦ କରି ଥାନାବାବୁ ତାଙ୍କୁ ଚାହିଁଲେ ।

" ନମସ୍କାର ଆଜ୍ଞା..ଆପଣ ମୋ ଅଭିଯୋଗ ଲେଖନ୍ତୁ । ବାନ୍ଧି ଆଣନ୍ତୁ ସେମାନଙ୍କୁ । ମୁଁ ଛାଡିବିନି ସେମାନଙ୍କୁ.. ।"

" ମାଆ, ଏମିତି ଚିତ୍କାର କରନ୍ତୁ ନାହିଁ । ଆପଣଙ୍କ କଥା ବୁଝାଯିବ । ତେବେ ଧୀରେସୁସ୍ଥେ..ଆପଣ ପ୍ରଥମେ ବସନ୍ତୁ । "

" ମୁଁ ଏଠାକୁ ବସିବାକୁ ଆସି ନାହିଁ । ଆପଣ ଲେଖନ୍ତୁ ।"

" ହଉ..କୁହନ୍ତୁ କଣ ହୋଇଛି ?"

" ମୋ ଝିଅର ଶ୍ୱଶୁରଘର ମୋ ଝିଅ ପ୍ରତି ଅବିଚାର କରୁଛନ୍ତି । ମୁଁ ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ଆସିଛି ।"

" କି ପ୍ରକାର ଅବିଚାର କରୁଛନ୍ତି ସେମାନେ ? ସଂକ୍ଷେପରେ କୁହନ୍ତୁ ।"

" ମୁଁ ଫୋନ୍ କଲାବେଳକୁ ସେମାନେ ଝିଅକୁ ଫୋନ୍ ଦେଉନାହାନ୍ତି । ମୋ ଝିଅ ଅତି ଗେହ୍ଲାରେ ବଢିଥିଲା ଆଜ୍ଞା..ତାର ଭଲମନ୍ଦ ଖବର ମାଆ ହିସାବରେ ମୋର ନିହାତି ପ୍ରତିଦିନ ନେବା ଉଚିତ ହେଉଛି । ଅଥଚ, "

" ଏତିକି ନା ଆଉ କିଛି ଅଛି ?"

" ଏତିକି କଣ କମ୍ କି ..ମୋ ଝିଅ ସହିତ ମୋତେ କଥା ହେବା ପାଇଁ ଦେବେନି ସେମାନେ..?"

" ଆଚ୍ଛା ମୋତେ କୁହନ୍ତୁ..ସେମାନେ ତାକୁ ଖାଇବାକୁ ଦେଉଛନ୍ତି କି ନାହିଁ ?"

" ଦେଉଛନ୍ତି..ସେଥିରେ କିଛି ସମସ୍ୟା ନାହିଁ ।"

" ପିଟାମାରା କରୁଛନ୍ତି କି ?"

" ନା ନା ସେମିତି କିଛି ନାହିଁ । ମିଛ କହିବି କାହିଁକି ?"

" ଯୌତୁକ ଦାବି କରୁଛନ୍ତି କି ?"

" ନା ନା ନା ସେସବୁ ଅଭିଯୋଗ ମୋର କିଛି ନାହିଁ ।"

"ତେବେ , ଆପଣ ଘରକୁ ଫେରି ଯାଆନ୍ତୁ । ଦହି ବସିବାକୁ ଦିଅନ୍ତୁ ।"

" ବୁଝିପାରିଲି ନାହିଁ...ମୋ ଅଭିଯୋଗ ସହିତ ଦହି ବସିବାର ସଂପର୍କ କଣ ?"

" ଅଛି ବୋଲି ତ କହିଲି । ଆଚ୍ଛା ମା, ଆପଣ ତ ଘରେ ଦହି ବସାଉଥିବେ ?"

" ହଁ.. ବେଳେ ବେଳେ ବସାଏ ।"

" ଦହି ବସିଲାଣି କି ନାହିଁ, ମଝିରେ ମଝିରେ ଆଙ୍ଗୁଳି ପୂରାଇ ପରୀକ୍ଷା କରୁଥିବେ ନିଶ୍ଚୟ ?"

" କି କଥା କହୁଛନ୍ତି ଆଜ୍ଞା..ସେମିତି କଲେ କଣ ଦହି ବସି ପାରିବ ? ଜମା ଜମିବନି ଦହି । "

" ବାସ୍ , ଆପଣ ବି ସେମିତି କରନ୍ତୁ । ଝିଅକୁ ବାହା ଦେଇଛନ୍ତି । ସେ ତା ନିଜ ଘର ଛାଡି ଏକ ନୂଆ ଘରକୁ ଯାଇଛି । ସେଠାରେ ସେ ନିଜକୁ ପ୍ରଥମେ ଆଡଜଷ୍ଟ କରାଇବ । ସମସ୍ତଙ୍କୁ ନିଜର କରିବାକୁ ଚେଷ୍ଟା କରିବ । ସେଠାକାର ପରିସ୍ଥିତି ଆଉ ସେ ଘରର ଚଳଣି ସହିତ ନିଜକୁ ଖାପ ଖୁଆଇବ । ଏଥିପାଇଁ ସମୟ ଦରକାର । ଅଥଚ ଆପଣ ପ୍ରତିଦିନ ତାକୁ ଫୋନ୍ କରି ଚାଲିଲେ, ସେ ଏ ଘରକୁ ଭୁଲିବ କେମିତି ? କେମିତି ସେମାନଙ୍କୁ ନିଜର କରିପାରିବ ?"

" ବାସ୍ ବାସ୍ ..ବୁଝିଗଲି । ଆଉ କିଛି କହିବା ଦରକାର ନାହିଁ । ମୋ ଭୁଲ ମୁଁ ବୁଝିସାରିଲିଣି । ମୋତେ ଦହି ବସିବାକୁ ଛାଡି ଦେବାକୁ ହବ । ମୁଁ ଆସୁଛି ଆଜ୍ଞା..ଆପଣଙ୍କର ମୂଲ୍ୟବାନ ସମୟ ନଷ୍ଟ କରିଥିବାରୁ ମୋତେ କ୍ଷମା କରିଦେବେ ।"

ତାଙ୍କ ଯିବା ବାଟକୁ ଚାହିଁ ସେ କନେଷ୍ଟବଳଜଣକ ମୁରୁକି ମୁରୁକି ହସୁଥିଲେ ।

■ ■ ■

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୬ ଡିସେମ୍ବର, ୨୦୨୦
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ଆଉଜା କବାଟ (୧୮)



## ଆତ୍ମପ୍ରସଂଶା : ଏକ କ୍ରେଜ୍

ଡ. ରାଧାରଂଜନ ପଟ୍ଟନାୟକ

ଦ୍ୱିପାଦ ବିଶିଷ୍ଟ ପ୍ରାଣୀ ମଣିଷ ନିଜ ନିଜର ପ୍ରଶଂସା ଶୁଣିବାକୁ ଖୁବ୍ ପସନ୍ଦ କରିଥାନ୍ତି। ନିନ୍ଦା ବା ସମାଲୋଚନା ଆଦି ଉପସର୍ଗକୁ ନା କେହି ଆଦରିଥା'ନ୍ତି ନା ହଜମ କରିପାରନ୍ତି। ମନେହୁଏ, ସତେଯେପରି ନିଜର ଗୁଣକୀର୍ତ୍ତନ ଅନ୍ୟପାଖରୁ ଶୁଣିବା ଏକ ଜନ୍ମସିଦ୍ଧ ଅଧିକାର ହୋଇଯାଇଛି। ଏକବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ମଣିଷ ଆମ୍ଭେମାନେ। ସବୁଠି ଅପମିଶ୍ରଣ ଏବଂ ପ୍ରଦୂଷଣର ବାତାବରଣ। ଏମିତି ଏକ ପରିବେଶ ମଧ୍ୟରେ ଛଳନାର କଚ୍ଛପୀୟ ମୂର୍ତ୍ତିଧରି ପ୍ରଶଂସା କରିଚାଲିଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ।

ଆଜି ନିଜନିଜ ପ୍ରଶଂସାର ଆତ୍ମକଥନିକା ବଜାର ବ୍ରାଣ୍ଡରେ ପରିଣତ ହୋଇଛି। ଏହାର କ୍ରେଜ୍‌ବି ଖୁବ୍ ତେଜ୍ ହୋଇଉଠିଛି। ଏହା ହାର୍ଟକୁ ସ୍ମାର୍ଟ କରିବାର ସର୍ଟ ଏବଂ ସୁଇଟ୍ ଆଇଡିଆ। ସଂସାର ଭିତରେ ଘର କରିଥିଲେ ପ୍ରଶଂସା କରିବାର ଆଦବ କାଏଦା ଜଣାଥିବା ଉଚିତ୍। ଏହାର ଔପଚାରିକତା ବିନା ସଂସାର ଯେମିତି ଅସାର ହୋଇଯାଏ।

ବିନା କିଛି କାରଣରେ ଅନ୍ୟର ଗୁଣଗାନ କରିବା, ଜୟଘୋଷ କରିବା, ତେଲମରା କଥା କହିବା, ମଲାଇ ପରି ଶବ୍ଦ ଉଚ୍ଚାରଣ କରିବା ସାଂପ୍ରତିକ ଯୁଗରେ ଗୋଟିଏ ଗୋଟିଏ ଉପଚାର ହୋଇଯାଇଛି। ପ୍ରଶଂସାର ସ୍ୱାଦବି ଫାଷ୍ଟଫୁଡ୍‌ଠାରୁ ଅଧିକ ଆକର୍ଷଣୀୟ। ଏବେ କେବଳ ପ୍ରଶଂସା ହିଁ ପ୍ରଶଂସା। ଯିଏ କୌଣସି ସଜ୍ଜନଙ୍କୁ କେହି ପ୍ରଶଂସା କରିନଥମାନ୍ତି, ସେ ନିଜର ପ୍ରଶଂସା ନିମନ୍ତେ ଆକୁଳ ବିକଳ ହୋଇ ଅନ୍ୟର ପ୍ରଶଂସା ଗାନ କରିବାକୁ ବାଧ ହୋଇଥାନ୍ତି। ଏତାଦୃଶ ପଜେଟିଭ୍ ଭାବନା ନିନ୍ଦନୀୟ ନୁହେଁ, ବରଂ ଅଭିନନ୍ଦନୀୟ। ନିଜ ହାତରେ ନିଜର ଆରତି କରିବା, ଆତ୍ମପ୍ରଚାର କରିବା ଏକ ଫେସନ୍‌ରେ ପରିଣତ ହୋଇଗଲାଣି। କଥାରେ ଅଛି - ଆପଣା ହାତ ଜଗନ୍ନାଥ। ନିଜ ହାତ ତିଆରି ରସଗୋଲାକୁ କେହି କ'ଣ କେବେ ଖରାପ କହେ? ନିଜ ଦହି ସବୁଠୁ ଭଲ। ଏମିତି ଅନେକ କିଛି...

ଆତ୍ମପ୍ରଶଂସା ସକଳ ପ୍ରକାର କୁଣ୍ଠା, ତିକ୍ତତା ଏବଂ ଅନ୍ୟମନସ୍କତାକୁ ଦୂର କରିଥାଏ। ଆଜିକାଲି ଲୋକପ୍ରିୟତାର କୃତ୍ରିମ ଖୁସି କ'ଣ ଅଧିକ ନୁହେଁକି? ଏ ତ ଗଲା ସାହିତ୍ୟିକମାନଙ୍କ କଥା। ଅନ୍ୟ ପାର୍ଶ୍ୱରେ ରାଜନେତାମାନେ ମଧ୍ୟ ଗରିବ ଜନତାମାନଙ୍କର ଧନୀ ସେବକ ହୋଇ ନିଜନିଜର ପ୍ରଶଂସା କରିବାକୁ ଭୁଲନ୍ତିନାହିଁ। ସଢ଼ିଯାଇଥିବା ମିଠାଇ ଉପରେ ବରଫ ଲଗାଇବାର ଟ୍ରିକ୍‌କୁ କ୍ଲିକ୍ କରିବାର ଓସ୍ତାଦ୍ ସାଜିଥାନ୍ତି ସେମାନେ। ମନେହୁଏ, ସତେଯେପରି ଏହା ଦର୍ଶନର ଦେଶ ନୁହେଁ, ବରଂ ପ୍ରଦର୍ଶନର ଦେଶ।

ସବୁଠାରୁ ମଜାର କଥା, ସାହିତ୍ୟିକ ଆତ୍ମାମାନେ ତଥାକଥିତ ନୂଆ ପୁରୁଣା ସାରସ୍ୱତ ସ୍ରଷ୍ଟାମାନଙ୍କୁ ଖୁବ୍ ପ୍ରଶଂସା କରିଥାନ୍ତି, କେବଳ ନିଜର ପ୍ରଶଂସା ଶୁଣିବା ପାଇଁ। ଆଞ୍ଚଳିକ ସମ୍ମାନକୁ ରାଜ୍ୟସ୍ତରୀୟ ସମ୍ମାନ ରୂପରେ ପ୍ରଚାରିତ କରିବାର ଉଦ୍ଦେଶ୍ୟ ହିଁ ଏଥିରେ ଲୁଚିରହିଥାଏ। କବିଗୋଷ୍ଠୀମାନେ ମଧ୍ୟ ରଙ୍ଗମଞ୍ଚବଭଶର ଅଫର୍ ଶୈଳୀରେ ରଚନାତ୍ମକ ଦୃଶ୍ୟ ଦେଖିବାକୁ ବା ଶୁଣିବାକୁ ସର୍ବଦା ସଂପର୍କ ରଖିଥାନ୍ତି। ଏପରିକି ବରିଷ୍ଠ ତଥା ଅନୁଭବୀ ସ୍ରଷ୍ଟାମାନେ ମଧ୍ୟ ସ୍ୱୀକାର କରିଥାନ୍ତି ଯେ, ନିଜ ପିଠି ନିଜେ ଥାପୁଡ଼େଇବା ଠାରୁ ବଳି ଅନ୍ୟକିଛି ସୁଖନାହିଁ। ପ୍ରତ୍ୟେକ ମୁହୂର୍ତ୍ତରେ ଯଶସ୍ୱୀ ହେବାର ଏହା ଏକ ଗବେଷଣାତ୍ମକ କୌଶଳ। ଏଇ ଯାତ୍ରା ଏମିତି ଅବିରାମ ଗତିରେ ଧାଁ ଦୌଡ଼ କରୁଛି। ସମ୍ଭବତଃ ନିଜର ପ୍ରଶଂସା ଶୁଣିଲେ ବର୍ଷକ ବାରମାସ ମନ ପ୍ରସନ୍ନ ଏବଂ ଟନ୍ ରହେ। ଯେମିତିକି କୌଣସି ଢାବାରେ ଭୋଜନ ଗ୍ରହଣ ସମୟରେ ଘର ଭୋଜନକୁ ଖୁବ୍ ତାରିଫ୍ କରାଯାଏ। ଏହିପରି ନିଜ ଗୁଣର ବିଶେଷଣ ନିଜେ ଝାଡ଼ିବାକୁ ହାଇଲାଇଟ୍ ବା ହାଇଟେକ୍ ବୋଲି ଧରିନିଆଯାଏ। ଏହି ସଦ୍‌ଗୁଣର କୃପାରୁ ଜୀବାତ୍ମାମାନେ ଯେମିତି ଭ୍ରମରେ ନପଡ଼ନ୍ତି, ସେଥିପ୍ରତି ରେଡ଼ିମେଡ୍ ସରସ୍ୱତୀ ପୁତ୍ରମାନେ ଭରପୂର ପ୍ରୟାସ କରିଥାନ୍ତି।

ଯଦି କୌଣସି ଲେଖକ ନିଜର ପୁସ୍ତକ ପ୍ରକାଶନ ପରେ ସମାଲୋଚିତ ହୁଏ ଅଥବା କଞ୍ଚନ କଚରା ହୋଇଯାଏ, ତେବେ କିଛି ଆସର ପଡ଼େନାହିଁ। ପୁସ୍ତକ ଉନ୍ମୋଚନରେ ହଜାର ହଜାର ଟଙ୍କା ଖର୍ଚ୍ଚକରି, ଖାଦ୍ୟପେୟର ଆକର୍ଷଣୀୟ ବ୍ୟବସ୍ଥା କରି ଜଣେ ସହୃଦୟ ସମୀକ୍ଷକୁ ସମୀକ୍ଷା କରିବାର ଦାୟିତ୍ୱ ଅର୍ପଣ କରି ନିଜ ପ୍ରଶଂସା ଶୁଣିବା ଠାରୁ ବଡ଼କଥା କ'ଣ ଅଛି? ସେଠି ଖର୍ଚ୍ଚ ହୋଇଥିବା ଟଙ୍କାକୁ କିଏ ବା ପଚାରେ? ହୋଇପାରେ ଉନ୍ମୋଚିତ ପୁସ୍ତକ ମାର୍କେଟ୍ ନ ନେଇପାରେ। ରଦ୍ଦି କାଗଜ ରେଟ୍‌ରେ ବିକ୍ରି ହୋଇପାରେ ତଥାପି ଗୋଟିଏ ମୁହୂର୍ତ୍ତର ପ୍ରଶଂସା ଶ୍ରବଣ କଲେ ଆତ୍ମସୁଖ ମିଳିଥାଏ। ଯାହା ଅମୃତଭାଣ୍ଡରୁ ବି ମିଳେନାହିଁ।

ଆତ୍ମପ୍ରଶଂସା ସକଳ ପ୍ରକାର କୁଣ୍ଠା, ତିକ୍ତତା ଏବଂ ଅନ୍ୟମନସ୍କତାକୁ ଦୂର କରିଥାଏ। ଆଜିକାଲି ଲୋକପ୍ରିୟତାର କୃତ୍ରିମ ଖୁସି କ'ଣ ଅଧିକ ନୁହେଁକି? ଏ ତ ଗଲା ସାହିତ୍ୟିକମାନଙ୍କ କଥା। ଅନ୍ୟ ପାର୍ଶ୍ୱରେ ରାଜନେତାମାନେ ମଧ୍ୟ ଗରିବ ଜନତାମାନଙ୍କର ଧନୀ ସେବକ ହୋଇ ନିଜନିଜର ପ୍ରଶଂସା କରିବାକୁ ଭୁଲନ୍ତିନାହିଁ। ସଢ଼ିଯାଇଥିବା ମିଠାଇ ଉପରେ ବରଫ ଲଗାଇବାର ଟ୍ରିକ୍‌କୁ କ୍ଲିକ୍ କରିବାର ଓସ୍ତାଦ୍ ସାଜିଥାନ୍ତି ସେମାନେ। ମନେହୁଏ, ସତେଯେପରି ଏହା ଦର୍ଶନର ଦେଶ ନୁହେଁ, ବରଂ ପ୍ରଦର୍ଶନର ଦେଶ। ଆତ୍ମପ୍ରଶଂସା ଆତ୍ମାନନ୍ଦ ଏବଂ ପରମାନନ୍ଦ ବି ପ୍ରଦର୍ଶନର ଉପପାଦ୍ୟ ହୋଇଯାଇଛି। କେହି କେହି କହିଥାନ୍ତି, ସେମାନଙ୍କୁ ଅନେକ ସଭାସମିତି ଏବଂ କବି ସମ୍ମେଳନରୁ ଆମନ୍ତ୍ରଣ ଆସେ। ଯଦିଚ ଆମନ୍ତ୍ରଣ ପତ୍ର ପାଇବା ପାଇଁ ସେମାନେ ଉହଳବିକଳ ହେଉଥାନ୍ତି। କିନ୍ତୁ ନିଜର ବଡ଼ିମା ଦେଖାଇ କହନ୍ତି, କ'ଣ କରିବି ଯେ! କେଉଁଠିକୁ ଯିବି? ସମସ୍ତେ ଡାକନ୍ତି। ଫୋନ୍ ବି କରନ୍ତି। ମାତ୍ର ସବୁ ଜାଗା କ'ଣ ଯାଇହେବ? ଗୋଟିଏ ମାସରେ ଏକ ଡର୍ଜନ୍‌ରୁ ଅଧିକ ଅଫର୍ ଆସିଥାଏ। ଆତ୍ମସ୍ତୁତିର ଏମିତି ପ୍ରସ୍ତୁତି ପ୍ରାସଂଗିକ ନହେଲେ ବି ଅପ୍ରାସଂଗିକ ନୁହେଁ।

କେହିକେହି ମଂଚ ଉପରେ କବିତା ପଢ଼ିବା ଆରମ୍ଭ କରିବା ପୂର୍ବରୁ ନିଜ ସଂପର୍କରେ ସ୍ତୁତି ଗାନ କରି ଅନେକ ଗାଲୁ ପ୍ରବଚନ ସହ ଦ୍ୱିଅର୍ଥକ ସମ୍ବାଦ ଶୁଣାଇଥାନ୍ତି। ଶ୍ରୋତାମାନେ ମଧ୍ୟ ଜୋରଦାର ତାଳିମାଡ଼ କରିଥାନ୍ତି। ମନେହୁଏ, କବିଜଣକ ନିଜର ହାଇଫାଇ ଆତ୍ମବଡ଼ିମା ସ୍ପ୍ରେ କରିଥାନ୍ତି। ସେମାନେ ବି ଜାଣିଥାନ୍ତି ଯାହା ସବୁ ଘଟୁଛି, ତାହା ଚାରିଦିନର ଜହ୍ନରାତି। ତେଣୁ ନିଜକୁ ବ୍ରାଣ୍ଡେଡ୍ ଏବଂ ଡିମାଣ୍ଡେଡ୍ ସୋ'ବାଜିରେ ରୂପାନ୍ତରିତ କରିବାକୁ ବା କିଏ ହାତଛଡ଼ା କରିବ?

ଏବେଏବେ ସେଲ୍‌ଫି ଚଳନର ପ୍ରତିଫଳନ ଏମିତି ଘୋର ଧରିଛି ଯେ, ଆତ୍ମସ୍ତୁତିର ଗୀତା ପାଠରେ ମଣିଷ ଆନନ୍ଦ ଅନୁଭବ କରୁଛି। ନିଜ ସେଲ୍‌ଫିରେ ନିଜ ପ୍ରଶଂସାର ମଧୁର ବାଣୀ ଅନ୍‌ଲାଇନ୍‌ରେ ଛାଡୁଛି। ଆଜିକାଲି ଆତ୍ମସ୍ତୁତିର କଲ୍‌ଚର ଏତେ ବଢ଼ିଗଲାଣି ଯେ, ନିଜକୁ ଅନ୍ୟ ଆଗରେ ପ୍ରଦର୍ଶିତ କରିବାର ନିଶା ଘାରିଲାଣି। କେବଳ ଏତିକିନୁହେଁ, ବରଂ ଝୋଲାଛାପ ସାହିତ୍ୟିକମାନେ ମଧ୍ୟ ସାହିତ୍ୟ ଏକାଡେମୀରୁ ସମ୍ବର୍ଦ୍ଧିତ ହେବା ସଚରାଚର ଦୃଷ୍ଟି ସାମ୍ନାକୁ ଆସୁଛି। ଯେଉଁଠିକୁ ଦେଖିବେ, ସବୁଠାରେ ନିଜନିଜର ବଡ଼ିମା କଥା କହିବା ଏବଂ ସେଣ୍ଟ୍ ପର୍ସେଣ୍ଟ୍ ଗୁଣ କୀର୍ତ୍ତନ ଶୁଣିବାରେ ଯେମିତି ପାଗଳ ସଭିଏଁ...

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

# ସ୍ମୃତି ଶତଦଳ

୧୭୪



## ॥ ସୂର୍ଯ୍ୟସ୍ନାନର ଲୋକାର୍ପଣ ॥

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପ୍ରଥମ ପ୍ରକାଶିତ ବହିର ପହିଲି ପୁଲକ ଖୁବ୍ ଶିହରଣ ଆଣିଥାଏ ମନରେ ଏବଂ ଏକ କୋମଳ ଅନୁଭବପରି କବିତାର ପ୍ରତ୍ୟେକ ଶବ୍ଦ ଓ ପ୍ରତ୍ୟେକ ଅକ୍ଷର ହୃଦୟର ଖୁବ୍ ପାଖରେ ସ୍ପନ୍ଦିତ ହୋଇଥାଏ। "ସୂର୍ଯ୍ୟସ୍ନାନ"ର ପ୍ରତ୍ୟେକ କବିତା ମୋର ଖୁବ୍ ପ୍ରିୟ । ସେଥିରେ ତାରୁଣ୍ୟର କେତୋଟି ପ୍ରୀତିମୟ କବିତା ସନ୍ନିବେଶିତ। ତେଣୁ ସେଥିରେ ଥିବା ଧାଡ଼ି ଧାଡ଼ି କବିତା ଓ ବହିର ପୃଷ୍ଠାକୁ ଛୁଇଁଲାପରେ ମୋ ଆଖିରେ ଲୁହ ଆସିଗଲା। ପ୍ରଥମ କବିତା ବହି ମୋର ସନ୍ତାନ ଭଳି ଥିଲା, ତେଣୁ ତାକୁ ଆଦରରେ ଆଉଁସି ଦେଇଥିଲି ଅପୂର୍ବ କଂପନଟିଏ, ଅପୂର୍ବ ଶିହରଣଟିଏ ମୋର ସାରା ଶରୀରକୁ ଏକ ତନ୍ମୟ ତଲ୍ଲୀନତାରେ ଭରି ଦେଇଥିଲା। ଏହା ୧୯୮୮ ମସିହାର କଥା- ମତେ ଲାଗିଲା ଯେପରି ମୋ ଭିତରେ ନିରନ୍ତର ବହୁଥିବା ଅନୁତ୍ତରିତା ନଈଟିଏ ଉତ୍ତରିତା ହୋଇ ଯାଇଛି ଏବଂ ବିଭୁ କରୁଣାର ଅପୂର୍ବ ଅନୁଗ୍ରହରେ କବିତା ଫୁଟି ଯାଇଛି ହୃଦୟରେ ଏକ ପ୍ରସ୍ଫୁଟିତ କମଳ ହୋଇ।

ବହିଟି ପ୍ରକାଶ ପାଇବା ପରେ ଅନେକ ଉପଦେଶ ଦେଲେ ପୁସ୍ତକଟିକୁ "ଲୋକାର୍ପଣ" କରିବା ପାଇଁ ଯଦିଓ ସେତେବେଳେ ଆଜିଭଳି ପୁସ୍ତକ ଉନ୍ମୋଚନର ବହୁଳତା ନଥିଲା। ସୂର୍ଯ୍ୟସ୍ନାନ ବହିରେ କିଛି ମତାମତ ରଖିଥିଲେ ବରିଷ୍ଠ କବି ମନୋରମା ମହାପାତ୍ର।

"କବିତାର କ୍ଷୁର ଧାର ମାର୍ଗରେ ସରୋଜିନୀଙ୍କ ପ୍ରବେଶ ଏକ ପ୍ରତିଶୃତିପୂର୍ଣ୍ଣ ସାଂକେତିକତାର ନିଶ୍ଚିତ ପଦକ୍ଷେପ ଭଳି ମନେହୁଏ- "ସେହିଭଳି ଡ଼ଃ. ପାଟ୍ଟଶାଣୀ ଲେଖିଥିଲେ" ସରୋଜିନୀଙ୍କ କବିତା ଗଭୀର ତପସ୍ୟାରୁ ଉଚ୍ଛୁଳି ଉଠିଛି ଏକ ଅଫୁରନ୍ତ ସ୍ରୋତଭଳି, ଉଚ୍ଛୁଳି ଉଠୁଛି ସମୁଦ୍ରର ଢ଼େଉ ଭଳି, ବେଳାଭୂମି ଟେକି ଦେଉଛି ସୂର୍ଯ୍ୟଙ୍କୁ ଶଙ୍ଖ ଓ ଶାମୁକାରେ ଭକ୍ତିର ନୈବେଦ୍ୟ- କବିର କବିତା ସେଇଭଳି ହୋଇ ଉଠିଛି ଅନନ୍ୟ ରୂପର ଅନନ୍ତ ରୂପାୟନ, ଯାହାର କେବେହେଲେ ଶେଷ ନାହିଁ। ତେଣୁ ଲୋକାର୍ପଣ ଉତ୍ସବରେ ଯୋଗଦେବା ପାଇଁ ମନୋରମା ମହାପାତ୍ର ଏବଂ ଡ଼ଃ ପ୍ରସନ୍ନ ପାଟ୍ଟଶାଣୀ ନିଜର ସଦୟ ସ୍ୱୀକୃତି ପ୍ରଦାନ କରିଥିଲେ। ପୁନଶ୍ଚ ପୂଜ୍ୟ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟ ସେତେବେଳେ "ଜ୍ଞାନପୀଠ ପୁରସ୍କାର" ପାଇଥିଲେ। ସେ ମଧ୍ୟ ସଭାର ମୁଖ୍ୟ ଅତିଥି ହେବାକୁ ସ୍ୱୀକୃତି ଦେଇଥିଲେ।

ତେବେ କେଉଁଠି ଓ କେବେ ହେବ ଲୋକାର୍ପଣ ଉତ୍ସବ ? ନିଜେ କବି ମନୋରମା ମହାପାତ୍ର ପ୍ରସ୍ତାବ ଦେଇଥିଲେ ଯେ 'ଲୋକ ସେବକ ଯୁବ ମଣ୍ଡଳ' ତରଫରୁ ହିଁ 'ସୂର୍ଯ୍ୟ ସ୍ନାନ'ର ଲୋକାର୍ପଣ ଉତ୍ସବ ହେବ- ତା' ଆଗରୁ ଲୋକସେବକ ଯୁବମଣ୍ଡଳ ସହ କେତୋଟି ସ୍ୱାସ୍ଥ୍ୟ ଶିବିରରେ କିଛି କାମ ମୁଁ କରିଥିଲି। ଏଥିପାଇଁ ଆଗେଇ ଆସିଲେ ଶ୍ରଦ୍ଧେୟ ପ୍ରଭାସ ଆଚାର୍ଯ୍ୟ, ଯିଏ ସେତେବେଳେ ଲୋକ ସେବକ ଯୁବ ମଣ୍ଡଳର ସଭାପତି ଥିଲେ। ସେତେବେଳେ ପୁରୁଣା ରେଡିଓ ଷ୍ଟେସନ୍ ଥିଲା କଟକର ମଧୁପୁର କୋଠି। ସେଇଠାରେ ହିଁ ସଭା ହେବା ସ୍ଥିର ହେଲା। ସେହି ଦିନ ତାରିଖ ଥିଲା ୧୯୮୮ ମସିହା ଏପ୍ରିଲ୍ ମାସ ଅଠେଇଶ ତାରିଖ ସମୟ ସନ୍ଧ୍ୟା ସାଢ଼େ ଛଅଟା। ବହୁ ଶୁଭାକାଂକ୍ଷୀ ଏବଂ ସାରସ୍ୱତ ସାଧକଙ୍କ ଗହଣରେ ଜ୍ଞାନପୀଠ ପୁରସ୍କାର ବିଜେତା କବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କ କରକମଳରେ ପୁସ୍ତକଟିର ଲୋକାର୍ପଣ ହୋଇଥିଲା। ଏହା ମୋ ପାଇଁ ଖୁବ୍ ସୌଭାଗ୍ୟର କଥା ଥିଲା- ମଂଚାସୀନ ଅନ୍ୟ ଅତିଥିମାନେ ଥିଲେ ମନୋରମା ମହାପାତ୍ର, ପ୍ରସନ୍ନ ପାଟ୍ଟଶାଣୀ, ପ୍ରଭାସ ଆଚାର୍ଯ୍ୟ ଏବଂ ଡ଼ଃ ରମାରମଣ । ସମସ୍ତେ ଏକ ସ୍ୱରରେ ସ୍ୱୀକାର କରିଥିଲେ ଯେ, ନାରୀଟିଏ କବି ହେଲେ ପକ୍‌କା ଗୃହିଣୀ ପଣିଆରୁ ଦୂରେଇଯାଇ ଭିନ୍ନ ଏକ ପୃଥିବୀରେ ବାସ କରିଥାନ୍ତି। ତରକାରୀ ରାନ୍ଧୁ ରାନ୍ଧୁ ଶବ୍ଦର ଛୁଙ୍କ ଦେଇଥାନ୍ତି, ଭାତ ରାନ୍ଧୁ ରାନ୍ଧୁ ଶବ୍ଦର ମହ ମହ ବାସ୍ନାରେ ବିମୋହିତ ହୋଇଥାନ୍ତି ଏବଂ ଗାଡ଼ି ଡ୍ରାଇଭିଙ୍ଗ କରୁ କରୁ କବିତା କଥା ଭାବିଲା ବେଳେ ଆକ୍ସିଡ଼େଣ୍ଟର ସମ୍ମୁଖୀନ ହୋଇଥାନ୍ତି ଇତ୍ୟାଦି । ସେତେବେଳେ ମଧୁପୁର କୋଠିରେ ସବୁ ଶ୍ରେଣୀର ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ଡାକ୍ତରମାନଙ୍କ ଉପସ୍ଥିତିରେ ସଭାଗୃହ ପରିପୂର୍ଣ୍ଣ ହୋଇଯାଇ ଥିଲେ ।

ମୁଁ ମେଡ଼ିକାଲ କଲେଜରେ ଛାତ୍ରୀ ଥିବାବେଳେ କବିତା ଲେଖୁଥିଲି ଏବଂ ସେତିକିବେଳେ ମତେ କବି ସଚ୍ଚି ରାଉତରାୟ କହିଥିଲେ, 'ସରୋଜିନୀ ତୁମେ କେବଳ ଗୁଡ଼ି, ଗାଡ଼ି କବିତା ଲେଖୁଛ ଡ଼ାକ୍ତରଟିଏ ହେଲେ, ବ୍ୟସ୍ତତା ଯୋଗୁଁ, ପୁରା କବିତା ଲେଖା ବନ୍ଦ କରିଦେବ, କାରଣ କବିଟିଏ ଭଲ କବିତା ଲେଖିବା ମାନେ ଛୁରୀ ଧାରରେ ଚାଲିବା ସହ ସମାନ। ତେଣୁ ଡ଼ାକ୍ତର ଟିଏ ହେବାପରେ ଏବଂ ବିଶେଷ ଭାବରେ ଗାଇନିକ୍ ଭଳି ଗୋଟିଏ ଏମର୍ଜେନ୍ସି ଡ଼ିପାର୍ଟମେଣ୍ଟରେ ପି.ଜି. କରିବା ପରେ ମଧ୍ୟ କବିତା ଲେଖି ପୁସ୍ତକ ସଂକଳନ କରି ସଚ୍ଚିବାବୁଙ୍କ ହାତରେ ଲୋକାର୍ପଣ କରାଇବା ଭଳି ସୌଭାଗ୍ୟ ଉଦୟ ହୋଇଥିବାରୁ ମନେମନେ ଖୁବ୍ ସନ୍ତୋଷ ଅନୁଭବ କରିଥିଲି।

ପ୍ରୀତିର ରାସ୍ତାରେ ଚାଲିବା ଖୁବ୍ ଚମତ୍କାର ପୁଣି ଯନ୍ତ୍ରଣା ଦାୟକ ମଧ୍ୟ। ଏହା କେବଳ ଗୋଲାପ ଫୁଲର ଶଯ୍ୟା ନୁହେଁ, କବିକୁ ଶହ ଶହ ଗୋଲାପ ଡ଼ାଳର କଂଟାକୁ ମଧ୍ୟ ସାମ୍ନା କରିବାକୁ ପଡ଼ିଥାଏ ଏବଂ ବାରମ୍ବାର ଗୀତଟିଏ ଗାଇବାକୁ ପଡ଼ିଥାଏ, "ବଡ଼ କଠିନ ସେ, ପ୍ରୀତି ପାଳିବା," କବିତା ଭଳି କାନ୍ତ, କୋମଳ, ଲୋଭନୀୟ ଚିଜ ଟିକୁ ସବୁବେଳେ ଛାତି ପାଖରେ ଜଡ଼ାଇଧରି ଛୁରୀ ଧାରରେ ଚାଲିବା କଣ କମ କଥା?

'ସୂର୍ଯ୍ୟସ୍ନାନ'ର କଭର ପେଜର ଚିତ୍ରଟି ଥିଲା ଖୁବ୍ ଚମତ୍କାର। ସୂର୍ଯ୍ୟଙ୍କର ଲୋହିତ ରଶ୍ମୀରେ ଦୁଇଟି ତରୁଣ ତରୁଣୀ ସ୍ନାନ କରୁଥିଲେ। ଏହି ସୂର୍ଯ୍ୟସ୍ନାନ ପାପ, ତାପ ଓ କଳୁଷକୁ ଧୋଇ ଦେଇ ପବିତ୍ର କରିଦିଏ, ଠିକ୍ ଯେମିତି ଅଗ୍ନିସ୍ନାନ ପରେ ଯେମିତି ସୁନା ମୁଣ୍ଡାଟିଏ ଆଉଟା ସୁନା ଭଳି ଶୁଦ୍ଧ, ସୁବର୍ଣ୍ଣ ଓ ଜାଜ୍ୱଲ୍ୟମାନ ହୋଇଯାଏ।

ଶୁଦ୍ଧତାର ଓ ଶୁଭ୍ରତାର ଆଉ ଏକ ରୂପ କଳ୍ପ ହେଉଛି ଶତଦଳ ବା' ପଦ୍ମ। ଏହା ମୋର ଆଦ୍ୟ ତାରୁଣ୍ୟର କିଛି ଲଳିତ ସଂଗୀତମୟ କବିତା । ଅନ୍ୟମାନଙ୍କ ପାଇଁ ତାହା ଗୋଟିଏ ସାଧାରଣ କବିତା ବହି ହୋଇପାରେ, କିନ୍ତୁ ମୋ ପାଇଁ ତାହା ହୀରାର ଶବ୍ଦ ଓ ଅକ୍ଷରରେ ଝଲମଲ କରୁଥିବା ଏକ କବିତା ବହି, ଯାହାର ମୂଲ୍ୟ ଆକଳନ କରି ହେବ ନାହିଁ। ସେ ବହିର ପ୍ରତ୍ୟେକ ପୃଷ୍ଠାରେ ଥୁଆ ହୋଇଛି ମୋ ହୃଦୟର କିଛି କିଛି ଅଂଶ । ହୃଦୟକୁ ସବୁବେଳେ ସ୍ପନ୍ଦିତ ରଖିବାକୁ ଯେମିତି ଲୋଡ଼ା ହୋଇଥାଏ, ଆଦର, ଯତ୍ନ ଓ ଚିକିତ୍ସା, ଠିକ୍ ସେମିତି କବିତାର ହୃଦୟକୁ ଟିକ୍ ଟିକ୍ କରି ଚଲାଇବାକୁ ଲୋଡ଼ା ହୋଇଥାଏ, ଶବ୍ଦ, ଅକ୍ଷର, ଭାବ ଓ ଭାଷାର ଦିବ୍ୟ ଭାବ । କବିତାକୁ ଜୀବନ୍ତ ରଖିବାକୁ କବିଟିକୁ ସ୍ନେହ, ପ୍ରେମ, ପ୍ରୀତି ଓ ମମତାର ଶୁଦ୍ଧ ଅମ୍ଳଜାନକୁ ନିଜ ନିଃଶ୍ୱାସରେ ଗ୍ରହଣ କରିବାକୁ ପଡ଼ିଥାଏ। ଏଇ ସଞ୍ଜୀବନୀ ମନ୍ତ୍ର ହିଁ ଚିରକାଳ କବି ଓ କବିତାକୁ ଅମର କରି ରଖିଥାଏ।

(କ୍ରମଶଃ)

# ପତ୍ରିକା ସମୀକ୍ଷା

**କାବ୍ୟଲୋକ**
(ପୂଜାସଂଖ୍ୟା ୨୦୨୦)
ସଂପାଦକ : ଭିକାରୀ ଧଳ
୨୯୭୪, ଗ୍ୟାରେଜ ଛକ, ଲୁଇସ୍‌ରୋଡ (କେନାଲ ପାଖ) ଭୁବନେଶ୍ୱର-୨
ପୃଷ୍ଠା : ୩୬୮, ମୂଲ୍ୟ : ୧୫୦/-




ମାନବିକତାର ମୁଗ୍ଧ ଅନୁଶୀଳନରେ ମୁଖରିତ ଏଥରର କାବ୍ୟଲୋକ, ସମୟର ଶଙ୍ଖନାଦ, ପୂଜାସଂଖ୍ୟା । ନିରୁତା କାବ୍ୟ ଆଲୋଚନା, କବିତା ଫର୍ଦ୍ଦ ଏବଂ କବିତା ଗ୍ରନ୍ଥ ସମାଲୋଚନାକୁ ନେଇ ଓଡ଼ିଶା କାବ୍ୟଜଗତର ଉତ୍ତୁଙ୍ଗତାକୁ ମାର୍ଜିତ ଏବଂ ରୁଚିଶୀଳ ଢଙ୍ଗରେ ପ୍ରକାଶ କରିଆସୁଥିବା ଓଡ଼ିଶାର ଏକମାତ୍ର କାବ୍ୟଚର୍ଚ୍ଚା ଭିତ୍ତିକ ପତ୍ରିକା କାବ୍ୟଲୋକର ଏହି ସଂଖ୍ୟାରେ ଆମ ସମୟର ଜଣେ ସତ୍ୟଶୀଳ ଚେତନା ଭାଷ୍ୟକାର ବରିଷ୍ଠ କବି ଶ୍ରୀଯୁକ୍ତ ଭିକାରୀ ଧଳ ଏଥରର ସଂପାଦକୀୟରେ ସାଂପ୍ରତିକ କରୋନା ପରିସ୍ଥିତିକୁ ଆଧାର କରି ଉଚ୍ଚାରଣ କରିଛନ୍ତି 'ସର୍ବେ ହୋଇବେ ଏକମୁଖ, ଡାକିବେ ନାରାୟଣ ରଖ ।' ସଂପାଦକ ଶ୍ରୀଯୁକ୍ତ ଧଳ ଉଦ୍‌ବେଗ ପ୍ରକଟ କରି ନିଜସ୍ୱ ବାର୍ତ୍ତା ରଖିଛନ୍ତି ଏହିପରି । ଯଥା-

'ଗୋଟିଏ ବର୍ଷର ପ୍ରଗତି କୁଆଡ଼େ ଗଲା? କୁଆଡ଼େ ଗଲେ ସେହି ପ୍ରଜ୍ଞାପୁରୁଷମାନେ? ଯାହାଙ୍କର ଜ୍ଞାନର ଆଲୋକରେ ଆଲୋକିତ ହେଉଥିଲା ପୃଥିବୀର ଜଳସ୍ଥଳ, ଆକାଶ । ସୃଷ୍ଟି ହେଉଥିଲେ ଅସଂଖ୍ୟ ବୁଦ୍ଧିଜୀବୀ, ହଜାର ହଜାର କୁଶଳୀ ସୈନ୍ୟ ସାମନ୍ତ, କରିଗର । ଯାହାଙ୍କ ବାଣୀ ଥିଲା ଅମୃତର । ବାଣ ଥିଲା ଅବ୍ୟର୍ଥ । କୁଆଡ଼େ ଚାଲିଯାଉଛନ୍ତି ସେହି ଯୋଗଜନ୍ମାମାନେ? କିଏ କେତେବେଳେ କେଉଁଠୁ ଆସୁଥିଲେ ତା'ର ହିସାବ ନଥିଲା । ସେମାନେ ଦେଖାଇଲେ ତାଙ୍କ ଗୁଣ ଗରିମାର ପରାକାଷ୍ଠା । ଖାଲି ହାତ ଧୋଇଦେଲେ କି ମୁହଁ ଲୁଚାଇ ପରସ୍ପରଠୁ ଦୂରେଇ ରହିଲେ ଏ ଅଜଣା ଆତଙ୍କର ପଞ୍ଝାରୁ ମୁକ୍ତି ମିଳିଯିବ, ଏକଥା ନୁହେଁ । ବରଂ ବ୍ୟକ୍ତିର ଆତ୍ମ ସଂଶୋଧନ ଏହାର ମହୌଷଧି ହୋଇପାରେ । ସଂଶୟ ଭିତରେ ସଂଶୋଧନର ମାର୍ଗ ଖୋଜୁଥିବା ଲେଖନୀକାରମାନଙ୍କର ସାରସ୍ୱତ କର୍ତ୍ତବ୍ୟବୋଧ ଏବଂ ସମୟନିଷ୍ଠ ଆଲେଖ୍ୟ ଆଲ୍‌ପନାକୁ ନେଇ ଋଦ୍ଧିମନ୍ତ କାବ୍ୟଲୋକ ଶାରଦୀୟ ବିଶେଷାଙ୍କର ପ୍ରତ୍ୟେକ ପୃଷ୍ଠା । ପୂର୍ବସୁରୀଙ୍କୁ ଶ୍ରଦ୍ଧାନୁଶୀଳନ କରିବା ମାଟିର ମହାନ ପରମ୍ପରା ।

ଭକ୍ତିକୁ ଆଧାରକରି କାବ୍ୟଲୋକ ଭୂତ ଭବିଷ୍ୟ ଓ ବର୍ତ୍ତମାନର ତ୍ରିକୋଣଭୂମିରେ କାବ୍ୟଚର୍ଚ୍ଚା ଓ କାବ୍ୟଚର୍ଯ୍ୟାକୁ କରିଛି ଅଧିକ ବୋଧଦାୟୀ । ସୁସମୃଦ୍ଧ ଶକ୍ତିକାମୀ, ମୁକ୍ତିକାମୀ ଏବଂ ଅଗ୍ରଗାମୀ ଚେତନାର ବିଶୁଦ୍ଧ ସ୍ତୁତି ହିଁ କବିତା । ସମୟ ଥିଲା ଯେତେବେଳେ ରଚନା ବା ଲେଖନୀ କହିଲେ କେବଳ ଶବ୍ଦର କାବ୍ୟମୟ ପରିପ୍ରକାଶକୁ ବୁଝାଉଥିଲା । ସାହିତ୍ୟ ଶବ୍ଦର ବହୁପୂର୍ବରୁ 'କବି' ଶବ୍ଦର ସୃଷ୍ଟି ଏବଂ ପ୍ରଚଳନ । ଗଦ୍ୟ ସାହିତ୍ୟର ବୟସ କାବ୍ୟ ସାହିତ୍ୟ ତୁଳନାରେ ଢେର୍ କମ୍, ଅଳ୍ପ କେତୋଟି ଶତାବ୍ଦୀ ମାତ୍ର ।

ସଂଖ୍ୟାଟିର ପ୍ରଚ୍ଛଦରେ ସ୍ଥାନ ପାଇଛି ତ୍ରିଶୂଳ ଧାରଣୀ ମାଆଙ୍କର ରକ୍ତବର୍ଣ୍ଣା ପ୍ରତିଛବି । ୩୬୮ ପୃଷ୍ଠା ପରିମିତି ଏହି ମୂଲ୍ୟବାନ ସାରସ୍ୱତ ସଂଖ୍ୟା ରଣମୋଦୀ ପାଠକଙ୍କଠାରୁ ଓଡ଼ିଆ ଭାଷା ସାହିତ୍ୟର ଛାତ୍ର-ଅଧ୍ୟାପକ ଓ ଗବେଷକଙ୍କ ପାଇଁ ସଂଗ୍ରହଣୀୟ ନିଶ୍ଚୟ । ନିର୍ଭୁଲ ମୁଦ୍ରଣ , ସୁଚୟିତ କବିତା, ସମାଲୋଚନା ଏବଂ ସମୀକ୍ଷାଲେଖ୍ୟରେ ସଂବୃଦ୍ଧ ସଂଖ୍ୟାଟି ଉଭୟ କଳେବରର ବ୍ୟାପ୍ତି ଏବଂ ସାରସ୍ୱତ ଆଲୋଚନାର ଗାମ୍ଭୀର୍ଯ୍ୟମୟ ଦିଗକୁ ପୂରଣ କରି ଉଭୟ ବୌଦ୍ଧିକ ଏବଂ ରସଗ୍ରାହୀ ପଠନପ୍ରାଣ ବ୍ୟକ୍ତିଙ୍କର ନିକଟତର ହୋଇ ପାରିବ ବୋଲି ବିଶ୍ୱାସ ରଖାଯାଏ ।

କୁହାଯାଏ, କବିତା ହେଉଛି ଶିଶିର ବିନ୍ଦୁରେ ସୂର୍ଯ୍ୟୋଦୟର ଦୃଶ୍ୟଟିଏ । ସେହି ଦୃଷ୍ଟିରୁ କାବ୍ୟଲୋକର ପ୍ରତ୍ୟେକ ପୃଷ୍ଠାରେ ସହସ୍ର ସୂର୍ଯ୍ୟର ଶୁପ୍ତ ପ୍ରତିଫଳନ ସମୟର କ୍ରୁର ତାଡନାରେ ଧିମେଇ ପଡୁଥିବା ନିସ୍ତେଜ ପ୍ରାଣ ପାଇଁ ସଂଜିବନୀ ନିଶ୍ଚୟ । ଦିତି ଏବଂ ଆଦିତି । ସମପିତୃତ୍ୱକୁ ଆଧାର କରି ମଧ୍ୟ ସୃଷ୍ଟିର ଦୁଇଟି ଧାର ସକାରାତ୍ମକ ଏବଂ ନକାରାତ୍ମକ । ମଣିଷ ଭିତରେ ଏଇ ଦୁଇଟି ଚରିତ୍ରର ଏକତ୍ରବାସ । ତଥାପି ମଣିଷ ବିବର୍ତ୍ତନ ଓ ବିବର୍ତ୍ତନର ପଥରେ ଭେଟୁଛି ବହୁ ଆକସ୍ମିକତା ଏବଂ ବିପଦ ଓ ସଂପଦର ଦୃଶ୍ୟକୁ । ତେଣୁ ଆଜିର କବିତା ଯେଉଁଭଳି ପରମ୍ପରା ଆଶ୍ରୟୀ, ସମୟ ସହ ତାଳଦେଇ ତା'ର ଆଙ୍ଗିକ ଓ ଆତ୍ମିକ ଦିଗ ପରିବର୍ତ୍ତନ ତା'ର ଅବଶ୍ୟାମ୍ଭାମୀ । ଏ ସମସ୍ତ କିଛିର ଶବ୍ଦଭାଷ୍ୟ ଦେଇଚାଲିଛି ପତ୍ରିକା 'କାବ୍ୟଲୋକ' ଏହା କମ୍ ଆଶ୍ୱାସନାର ବିଷୟ ନୁହେଁ । କରୋନା ପ୍ରପୀଡ଼ିତ ସମୟକୁ ଶଂଖନାଦରେ ପୁଣିଥରେ ଅବଶ୍ୟ ମୁଖରିତ କରିଛି ଏହାର ଶାରଦୀୟ ସ୍ୱତନ୍ତ୍ର ସଂଖ୍ୟା । ପତ୍ରିକାଟିର ବିଭାଗ ଗୁଡ଼ିକ ଯେଉଁଭଳି ଭାବରେ ଓଡ଼ିଆ କାବ୍ୟ କବିତା କ୍ଷେତ୍ରରେ ପରିମାପକ, ସେହିଭଳି ଚିତ୍ତାକର୍ଷକ ବିଭାଗର ନାମକରଣ, ପତ୍ରିକାଟିର ଅନ୍ୟତମ ବୈଶିଷ୍ଟ୍ୟ । ଯେପରିକି, ବିମୁଗ୍ଧ ବାଙ୍ମୟତା । ଏହି ବିଭାଗର ତିନୋଟି ପର୍ଯ୍ୟାୟରେ ପାଠକ ପୃଥକ୍ ଭାବେ ଭେଟିବେ କବିତାରେ ନାରୀସ୍ୱର ଏବଂ ଅନ୍ୟାନ୍ୟମାନଙ୍କୁ । ସେଥିମଧ୍ୟରୁ ଡ଼ଃ. ହିମାଂଶୁ ପଟ୍ଟନାୟକ, ଡ଼ଃ. ହୃଷିକେଶ ମଲ୍ଲିକ, ସୌଭାଗ୍ୟବନ୍ତ ମହାରଣା, ଡ଼ଃ. ପ୍ରସନ୍ନ କୁମାର ମହାନ୍ତି, କୁମୁଦ ରଞ୍ଜନ ଦାଶ, ଅଶୋକ ମହାନ୍ତି, ଡ଼ଃ. ହରିଶ୍ଚନ୍ଦ୍ର ବେହେରା, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଲକ୍ଷ୍ମୀକାନ୍ତ ପାଢ଼ୀ, ସତ୍ୟନାରାୟଣ ସାହୁ ପ୍ରମୁଖଙ୍କର କବିତା ପାଠକଙ୍କୁ ବିକଳ୍ପ ବିଚାର ଭୂମିକୁ ନେଲାବେଳେ ବିମୁଗ୍ଧ ବାଙ୍ମୟତା, ନାରୀସ୍ୱରରେ ଡ଼ଃ ସଂଘମିତ୍ରା ମିଶ୍ର, ଡ଼ଃ. ମନୋରମା ବିଶ୍ୱାଳ ମହାପାତ୍ର, ଅନ୍ନପୂର୍ଣ୍ଣା ମହାନ୍ତି, ସୈରିନ୍ଧ୍ରୀ ସାହୁ, ପ୍ରମିଳା ଶତପଥୀ, ଲିପ୍‌ସା ପଟେଲ, ଡ଼ଃ. କବିତା ପ୍ରତିହାରୀ ପ୍ରମୁଖ ବହୁ ନାରୀକବିଙ୍କର ସମୟନିଷ୍ଠ କାବ୍ୟ ଉଚ୍ଚାରଣ ସଂଖ୍ୟାଟିର ଗୁଣବତ୍ତା ଓ ମାନବତ୍ତାକୁ ସ୍ୱତନ୍ତ୍ର ପରିସରକୁ ନେଇ ପାରିଛି କହିବା ଅତ୍ୟୁକ୍ତି ହେବନାହିଁ ।


ଏଥରର କାବ୍ୟ ବ୍ୟକ୍ତିତ୍ୱ ସ୍ତମ୍ଭରେ ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ଜୀବନଷ୍ଟକ୍ରକୁ ନେଇ ଶ୍ରୀ କୃଷ୍ଣ ଚନ୍ଦ୍ର ବଳ ପ୍ରସ୍ତୁତ କରିଛନ୍ତି ଏକ ସ୍ୱତନ୍ତ୍ର ଆଲୋଚନା । ପଳାତକ ସ୍ୱପ୍ନ ଏବଂ କଳ୍ପନାର ହିଲ୍ଲୋଳ ଭାବେ ବିଶ୍ୱକବିଙ୍କୁ ଚିତ୍ରଣ କଲାବେଳେ ଶ୍ରୀଯୁକ୍ତ ବଳ କାବ୍ୟ ମୁହାଣର ଏହି ଅସ୍ତହୀନ ବ୍ୟକ୍ତିତ୍ୱକୁ ପ୍ରକାଶ କରିଛନ୍ତି ମର୍ମବାଦୀ ଦ୍ରଷ୍ଟା, ସ୍ତାବକ ଓ ଜଣେ ଋଷିର ଅବତାର ଭାବରେ । ପ୍ରେମ, ସମ୍ବେଦନା ଏବଂ ସାହଚର୍ଯ୍ୟର ନାଭିକେନ୍ଦ୍ର ଭାବରେ ଟାଗୋରଙ୍କୁ ଚିତ୍ରିତ କରିବା ସହ ଶେଷରେ ଗୋବିନ୍ଦ ଚନ୍ଦ୍ର ବାରିକ (ଭଦ୍ରକ)ଙ୍କ ଅନୂଦିତ ବିଶ୍ୱକବିଙ୍କର 'ଗୀତାଞ୍ଜଳି' ପୃଷ୍ଠାରୁ ଦୁଇଟି ଫର୍ଦ୍ଦ ପାଠକଙ୍କୁ ବିହ୍ୱଳିତ କରିବ ନିଶ୍ଚୟ ।

ସଂଖ୍ୟାଟିର ଅନ୍ୟତମ ସ୍ୱତନ୍ତ୍ର ଆକର୍ଷଣ ହେଉଛି ଏହାର କାବ୍ୟ ଚିନ୍ତନ ସ୍ତମ୍ଭ । ଏଥରର କାବ୍ୟଚିନ୍ତନରେ ନିଜ ନିଜର ଲେଖକୀୟ ଜୀବନର ଚାଟଶାଳୀ ସ୍ମୃତିକୁ ଫେରିଛନ୍ତି ହୃଷୀକେଶ ମଲ୍ଲିକ, ଡ଼ଃ. ଅଜୟ ସ୍ୱାଇଁ, ସୌଭାଗ୍ୟବନ୍ତ ମହାରଣା ଏବଂ ଡ଼ଃ. ନୃସିଂହ ଷଡଙ୍ଗୀ । ଅଜୟ ସ୍ୱାଇଁ ବୟାନ ବାଢ଼ିଛନ୍ତି - "ମୁଁ ଏବେ ଗପ, ଉପନ୍ୟାସ ଲେଖିଲେ ବି ମୋ ଲେଖାର ଏଣ୍ଡୁଡ଼ିଶାଳ ହିଁ କବିତା । + + + + କବିତା, ମୋ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ଦୟାନଈ । + + + କବିତାକୁ ବାଦ୍‌ଦେଇ ମୋ' ଲେଖାଲେଖିର ଅର୍ଥ କିଛି ନାହିଁ । ମୋତେ ଅନେକ ପାଠକ ପଚାରନ୍ତି, ଆପଣ କାହିଁକି ଗପରେ କବିତା କହନ୍ତି ଏବଂ କବିତାରେ ଗପ? ମୁଁ ଏ ଦୁଇଟା ଭିତରେ ଫରକ ମଣିପାରେନି । ମୋର ବିଶ୍ୱାସ, ପୃଥିବୀର ପ୍ରତ୍ୟେକ ମଣିଷ କିଛି ନା କିଛି କବିତାରେ ବଂଚେ ।"

କବିତାର ଜୀବନ, କେତେ ମନନ କେତେ ଦହନ ଶୀର୍ଷକର ଏହି ଉପସ୍ଥାପନରେ ଡ଼ଃ. ଅଭିରାମ ଦାସ ଥିଲା ବେଳେ 'କାବ୍ୟ ଆଲୋଚନା'ରେ ଦୁଇଟି ପର୍ଯ୍ୟାୟରେ ପାଠକ ଭେଟିବେ ସମକାଳୀନ ଓଡ଼ିଆ ଭାଷା ସାହିତ୍ୟର ନିରପେକ୍ଷ ଉପାସକ ଆଲୋଚକ ମାନଙ୍କର ମୂଲ୍ୟବାନ ଆଲୋଚନା ଗୁଡ଼ିକୁ । ସେଥିମଧ୍ୟରୁ ଆଧୁନିକ ଓଡ଼ିଆ କବିତା, ପୃଷ୍ଠଭୂମି ଓ ପରିସର ଶୀର୍ଷକରେ ଡ଼ଃ. ଦିଲ୍ଲୀପ କୁମାର ସ୍ୱାଇଁ ରହିଥିଲା ବେଳେ ଡ଼ଃ. ଶରତ କୁମାର ଜେନା, ନକୁଳ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ ସୁନୀଲ କୁମାର ରଥ, ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଡ଼ଃ. ପଞ୍ଚାନନ ମିଶ୍ର, ସୁଚିତ୍ରା ବେହେରା, ଅଧ୍ୟାପକ ରାଜେନ୍ଦ୍ର କୁମାର ବେହେରା ପ୍ରମୁଖଙ୍କର ସୁବିସ୍ତୃତ ଆଲୋଚନାମାନ ସଂଖ୍ୟାଟିରେ ରୁଚିଶୀଳତାର ଅନ୍ୟତମ ବିଭବ ଭାବରେ ସାବ୍ୟସ୍ତ ହୋଇଛି ।

ସଂଖ୍ୟାଟିର ଗୀତି କବି ଓ କବିତା ବିଭାଗକୁ ମଣ୍ଡନ କରିଛନ୍ତି ଗୀତିକବି ଶରତ କୁମାର ଦାଶ, ବାବାଜୀ ଚରଣ ଜେନା, ଶ୍ରୀମତୀ ବସନ୍ତ ମିଶ୍ର, ବିପିନ ମହାନ୍ତି, ପ୍ରତିମା ରାଣୀ ମିଶ୍ର(ଷଡଙ୍ଗୀ), ଭିକାରୀ ଧଳ, ଡ଼ଃ. ଭାଗବତ ଲେଙ୍କା, କୃଷ୍ଣ ରଥ, ଜ୍ୟୋତ୍ସ୍ନା ସାମନ୍ତରାୟ ପ୍ରମୁଖ କବିଗଣ । ଏହାସହ କାବ୍ୟ ମୂଲ୍ୟାୟନ ସ୍ତମ୍ଭରେ କବି ରତ୍ନାକର ରାଉତଙ୍କର କବିତା ପୁସ୍ତକ 'ପୁନର୍ନବ'ର ଆଲୋଚନାରେ ଡ଼ଃ. ମଦନ ମୋହନ ମହାପାତ୍ର ରହିଥିଲା ବେଳେ, ଶୁଭ୍ରାଂଶୁ କୁମାର ବିଶ୍ୱାଳ, ଡ଼ଃ ପ୍ରକାଶ କୁମାର ସେନାପତି, ଡ଼ଃ ଅବନୀ ପ୍ରଧାନ ପ୍ରମୁଖଙ୍କର ଗୁରୁ ଆଲୋଚନା ନିରପେକ୍ଷ ଏବଂ ପଠନଧର୍ମୀ ହୋଇ ପାରିଛି ।

ବୌଦ୍ଧିକତାର ଚରମ ଅବକ୍ଷୟକୁ ସ୍ୱୀକାର ନ କରି ସର୍ଜନଶୀଳତା, ମନନଶୀଳତା ଏବଂ ସୌନ୍ଦର୍ଯ୍ୟ ତଥା ରସଗ୍ରାହୀତାର ସ୍ପନ୍ଦନ ଓ ଜାଗରଣ ଆଣିବାର ଅଖଣ୍ଡ ଯାତ୍ରା, ଯାହାର ଅନ୍ୟତମ ପତ୍ରିକା କାବ୍ୟଲୋକ । ଆୟ ବ୍ୟୟର ବ୍ୟବସାୟ ବାହାରେ କବିତା ଚିର ଆୟୁଷ୍ମାନ୍ ବା ଆୟୁଷ୍ମତୀ । ଆୟ ବ୍ୟୟର ବ୍ୟବସାୟ ଭିତରେ କବିତା ଗୋଟିଏ ନିତ୍ୟବ୍ୟବହାର୍ଯ୍ୟ ଉତ୍ପାଦ ନୁହେଁ । ସୁତରାଂ, କାବ୍ୟିକ ସଂସାରର ଦାୟିତ୍ୱ ମୁଣ୍ଡାଉଥିବା ଗୋଟିଏ ନିରୁତା କାବ୍ୟଚର୍ଯ୍ୟା ସଂବଳିତ ପତ୍ରିକାର ଅଖଣ୍ଡ ସମୂହ ଯାତ୍ରାକୁ କାବ୍ୟ ଦରଦୀ ବ୍ୟକ୍ତିମାନେ ସ୍ୱାଗତ ଏବଂ ସଂବୃଦ୍ଧ କରିବା ଆଜିର ଆବଶ୍ୟକତା ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# ନିଃସହାୟ ଲୋକଙ୍କର ସାହାରା ଉତ୍କଳମଣୀ ନିଃସ୍ୱାର୍ଥ ସେବା ସଂଗଠନ




ନୀଳଗିରି ,୦୫।୧୨ (ନି.ପ୍ର): ମାନବ ସେବା ହିଁ ମାଧବ ସେବା କୁ ବ୍ରତ କରି ଦୁଃଖୀ ଦରିଦ୍ର ନିଃସହାୟ ଲୋକଙ୍କୁ ସାହାରାର ପାଲଟିଛି ଉତ୍କଳମଣି ସେବା ସଂଗଠନ । ନୀଳଗିରି ଏକ ଆଦିବାସୀ ବହୁଳ ଅଂଚଳ ଭାବେ ସରକାରୀ ନଥିପତ୍ରରେ ରହିଥିବା ବେଳେ ଧାନ ଚାଷ ହିଁ ଏକମାତ୍ର ସାହା ଭରଷା । ନୀଳଗିରିର ପାଦଦେଶରେ ରହିଥିବା ସ୍ୱର୍ଣ୍ଣଚୂଡ଼ ପାହାଡ଼ ହିଁ ନୀଳଗିରିର କିମ୍ବଦନ୍ତି ପାଲଟିଥିବା ବେଳେ ଚାଷ ପାଇଁ ଉପକୂଳ ଜଳବାୟୁ ଏହି ଅଂଚଳରେ ଲୁଚକାଳି ଖେଳିଥାଏ । ଯେଉଁ ବର୍ଷ ଜଳବାୟୁ ସଠିକ୍ ରୂପେ ନ ହୋଇଥାଏ, ସେବର୍ଷ ଗରିବ ଖଟିଖିଆ ଲୋକ ମୁଣ୍ଡରେ ହାତ ଦେଇ ବସିଯାଏ । ପରିବାରର ଅଭାବ ଅନାଟନ ପୂରଣ କରିବା ଅସମ୍ଭବ ହୋଇପଡ଼େ । ନା ପିଲାମାନଙ୍କୁ ପାଠ ପଢ଼ାଇ ପାରନ୍ତି ନା ମାରାତ୍ମକ ରୋଗରେ ଆକ୍ରାନ୍ତ ହେଲେ ଅଂଟିରେ କାଣି କଉଡ଼ିଟିଏ ନ ଥିବାରୁ ଉପଯୁକ୍ତ ଚିକିତ୍ସା କରି ପାରନ୍ତି ନାହିଁ । ବିଭିନ୍ନ ଘଟଣା ଦେଖି ନୀଳଗିରିର ଯୁବ ଙ୍ଗ ଅମୂଲ୍ୟ ଜେନା ମନକୁ ଆନ୍ଦୋଳିତ କରିଥିଲା। ସେ ଗଠନ କରିଥିଲେ ଉତ୍କଳମଣି ନିସ୍ୱାର୍ଥ ସେବା ସଂଗଠନ। ଯିଏ ଯେତେବେଳେ ଅଭାବ ଅସୁବିଧାର ସମ୍ମୁଖୀନ ହେଉଛି ସେତେବେଳେ ସହାୟତାର ଦେବଦୂତ ସାଜି ଉତ୍କଳମଣୀ ନିଃସ୍ୱାର୍ଥ ସେବା ସଂଗଠନ ଦୁଆରେ ପହଂଚୁଥିବା ଦେଖିବାକୁ ମିଳିଛି । ନୀଳଗିରି , ସୋର, ବାଲିଆପାଳ ଅଂଚଳର କ୍ୟାନସର ରେ ଆକ୍ରାନ୍ତ ଛୋଟ ପିଲା ୩ଜଣଙ୍କୁ ୨୦୧୫ ମସିହା ଠାରୁ ପ୍ରତିମାସ ଆର୍ଥିକ ସହାୟତା , ୨୦୧୯ ମସିହା ପର୍ଯ୍ୟନ୍ତ ଶ୍ରୀଯୁକ୍ତ ଜେନା ବ୍ୟକ୍ତିଗତ ଭାବେ ପ୍ରଦାନ କରିଆସୁଥିଲେ। ଏପରିକି ନିଃସହାୟ ପିଲାମାନଙ୍କର ପାଠ ପଢ଼ା ପାଇଁ ପାଠ୍ୟ ଉପକରଣ ପ୍ରଦାନ, ଗରିବ ଲୋକମାନଙ୍କର ଶୁଦ୍ଧିକ୍ରିୟାରେ ସହଯୋଗର ହାତ ବଢ଼ାଇବା ଆଦି ବିଭିନ୍ନ ପ୍ରକାର କ୍ଷେତ୍ରରେ ଅମୂଲ୍ୟ ଜେନା ଉପସ୍ଥିତ ହୋଇ ସେବା ଲୋକମାନଙ୍କ ମନକୁ ଛୁଇଁଛି । ୨୦୧୭ ମସିହାରେ ଉତର ପ୍ରଦେଶର ମିରଟ ସହର ନିକଟରେ ପୁରୀ-ନୂଆଦିଲ୍ଲୀ ଉତ୍କଳ ଏକ୍ସପ୍ରେସ ଦୁର୍ଘଟଣା ଘଟିଥିବା ବେଳେ ଉକ୍ତ ଟ୍ରେନରେ ସାତ ଜଣ ଓଡ଼ିଆ ଯାତ୍ରୀଙ୍କୁ ଚିକିତ୍ସିତ କରାଇବା ସହ ଆର୍ଥିକ ସହାୟତାର ହାତ ବଢ଼ାଇବା ସହ ଓଡ଼ିଶା ଫେରିବାର ସମସ୍ତ ବ୍ୟବସ୍ଥା କରାଇଥିଲେ। ସମାଜର ଚର୍ତୁପାର୍ଶ୍ୱକୁ ତର୍ଜମା କରି ଏକାକୀ ସେବା ଯୋଗାଇବା ଅସମ୍ଭବ ମଣି ୨୦୧୯ ମସିହା ଜୁନ୍ ୧୭ ତାରିଖରେ "ଉତ୍କଳମଣି ନିଃସ୍ୱାର୍ଥ ସେବା ସଂଗଠନ" ନାମରେ ଏକ ସ୍ୱେଚ୍ଛାସେବୀ ସଂଗଠନ ତିଆରି କଲେ। ସେବେଠୁଁ ଓଡ଼ିଶାରେ କୋଣ ଅନୁକୋଣରେ ନିଃସହାୟ ଗରିବ ନିଷ୍ପେସିତ ପରିବାର ନିକଟରେ ଠିଆ ହୋଇ ଗ୍ଲଲିଛି ଉକ୍ତ ଅନୁଷ୍ଠାନ । କରୋନା ସମୟରେ ମହାରାଷ୍ଟ୍ରର ଔରଙ୍ଗାବାଦରେ ଥିବା ଏକ ଅନାଥ ଆଶ୍ରମରେ ପିଲାମାନଙ୍କୁ ଖାଦ୍ୟ ପାନୀୟ ଯୋଗାଇଦେଇଥିଲେ । ସେହିପରି ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଅଂଚଳର ଏକ ଗରିବ ପରିବାରର ୫ବର୍ଷ ର ପୁଅକୁ କ୍ୟାନସର ରେ ପୀଡ଼ିତ ହୋଇଥିବା ବେଳେ ଉକ୍ତ ଅନୁଷ୍ଠାନ ୫ଞ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ । ନୀଳଗିରି ଉପଖଣ୍ଡରେ ଗରିବ ଲୋକଙ୍କୁ ଶୀତ ଦାଉରୁ ରକ୍ଷା ପାଇଁ ଶହ ଶହ କମଳ ବଂଟନ, ଭିନ୍ନକ୍ଷମ ଲୋକମାନଙ୍କୁ ହୁଇଲ ଚେୟାର ବଂଟନ କରି ସମାଜ ପାଇଁ ଉଦାହରଣ ପାଲଟିଛନ୍ତି । ଉତ୍କଳମଣୀ ନିଃସ୍ୱାର୍ଥ ସେବା ସଂଗଠନ ଗରିବ ଲୋକଙ୍କ ପାଇଁ ଦେବଦୂତ ସାଜିଥିବା ବେଳେ ଏତାଦୃଶ୍ୟ କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି । ଏହି ସଂଗଠନର ପ୍ରତିଷ୍ଠାତା ଅମୂଲ୍ୟ କୁମାର ଜେନା ସୁଦୂର ମହାରାଷ୍ଟ୍ରରେ ରହି ନିଜ ଆୟରୁ ଅର୍ଥ ଅସହାୟ ଲୋକଙ୍କୁ ପ୍ରଦାନ କରୁଛନ୍ତି । ସଂଗଠନର ପରିଚାଳକ ବାଦଲ କୁମାର ପଣ୍ଡା, ସଦସ୍ୟ ବିଶ୍ୱଜିତ୍ ପଣ୍ଡା, କୃପାସିନ୍ଧୁ ବାରିକ, ସୁମତୀ ଦଳେଇ ପ୍ରମୁଖଙ୍କୁ ସଦାସର୍ବଦା ଗରିବ ଲୋକଙ୍କ ଠାରେ ପହଂଚି ଦୁଃଖର ସାଥୀ ହେଉଥିବାରୁ ସମାଜର ବିଭିନ୍ନ ବର୍ଗରୁ ସେମାନଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଜେଲ ଗଲେ ...

ତେବେ ଅଧିକ ତଥ୍ୟ ପାଇଁ ଭିଜିଲାନ୍ସ ଆକାଶ ପାଠକଙ୍କ ବ୍ୟକ୍ତିଗତ ସଚିବ ଡେଭିଡ ପିଟରଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି। ଅପରପକ୍ଷରେ ଭିଜିଲାନ୍ସ ଡିଏସପି ତଥା ତଦନ୍ତ ଅଧିକାରୀ ହରିଶଙ୍କର ପତି କହିଛନ୍ତି ଯେ ଆକାଶ ପାଠକ ଟାଟାରେ ଚାକିରୀ କରିନାହିଁ। ସବୁ ଫେକ୍ । ସେମାନଙ୍କୁ ଆଉ ରିମାଣ୍ଡରେ ନେବାର ନାହିଁ। ସେମାନଙ୍କ ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ମିଳିସାରିଛି। ଓଡିଶା ବାହାରେ ମଧ୍ୟ ଟିମ୍ ତଦନ୍ତ ଜାରି ରଖିଛି ବୋଲି ସେ କହିଛନ୍ତି।

## ବାଲେଶ୍ୱର ପୌରପାଳିକା ...

ହଟାଇବାରେ ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଆଗାମୀ ଦିନରେ ଏହିଭଳି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର ଶ୍ରୀମତୀ ସୂଚନା ଦେଇଥିଲେ। ଆଜିର ଏହି ଉଚ୍ଛେଦ ବେଳେ ପୌରପାଳିକା କର୍ମଚାରୀଙ୍କ ସମେତ ସହଦେବଖୁଣ୍ଟା ଥାନାଧିକାରୀ କୃଷ୍ଣଚନ୍ଦ୍ର ପଲେଇ, ଟାଉନଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଓ ବହୁ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ଏସସିବି ମେଡିକାଲ ....

ଏସସିବିରେ କାମ କରିବାକୁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । ଏସସିବିର ଟ୍ରାନସପରମେସନରେ ପୁରାତନ ଛାତ୍ରମାନେ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିବା ସହ ଏହି ଦୁଇ ୱେବ୍‌ସାଇଟ୍ ଏସସିବିର ଭାବମୂର୍ତ୍ତି ଏବଂ ସେବା ପ୍ରଦାନର ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଝାରସୁଗୁଡ଼ାରୁ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଏସସିବି ମେଡ଼ିକାଲ କଲେଜର ଗୌରବମୟ ଇତିହାସ ଏବଂ ଉନ୍ନତ ଚିକିତ୍ସା ସେବା ଉପରେ ଆଲୋକପାତ କରିଥିଲେ । ଏସସିବି ମେଡ଼ିକାଲ କଲେଜର ପ୍ରଥମ ବ୍ୟାଚ ଛାତ୍ର ତଥା ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡଃ ବିଶ୍ୱମ୍ଭର ରାଜଗୁରୁ ଏହି ଅବସରରେ ଏସସିବିରେ ତାଙ୍କର ଅଭିଜ୍ଞତା ବିଷୟରେ କହିଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଏସସିବି ମେଡ଼ିକାଲ କଲେଜର ପ୍ରିନସପାଲ ଡଃ ଦତେଶ୍ୱରହୋତା ଧନ୍ୟବାଦ ଅର୍ପଣ କରିଥିଲେ । ୧୯୪୪ ମସିହାରେ ଆରମ୍ଭ ହୋଇଥିବା ଏସସିବି ମେଡ଼ିକାଲ କଲେଜ ଆଜି ୭୬ ବର୍ଷରେ ପହଂଚିଛି । ଉନ୍ନତ ସେବା ପାଇଁ ପୂର୍ବ ଭାରତରେ ଏହା ଲୋକପ୍ରିୟ ଚିକିତ୍ସା ଅନୁଷ୍ଠାନ । ପ୍ରତିଦିନ ଏଠାକୁ କୋଡ଼ିଏ ହଜାର ଲୋକ ଚିକିତ୍ସା ପାଇଁ ଆସୁଥିବା ବେଳେ ଗତ ଦଶ ବର୍ଷ ମଧ୍ୟରେ ଏସସିବି ୧୭ ମିଲିୟନ ରୋଗୀଙ୍କୁ ଚିକିତ୍ସା କରିଛି । ରଥଯାତ୍ରା ପରେ ପୁରୀ ଫେରନ୍ତା ତୀର୍ଥଯାତ୍ରୀଙ୍କୁ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ମହାନଦୀର ଜୋବ୍ରା କୂଳରେ ଆରମ୍ଭ ହୋଇଥିବା ଚିକିତ୍ସା ଶିବିର ଆଜି ଏସସିବି ମେଡ଼ିକାଲ କଲେଜ ପରି ଏକ ମହାର୍ଘ ଅନୁଷ୍ଠାନରେ ପରିଣତ ହୋଇ ଲୋକଙ୍କୁ ସେବା ଯୋଗାଇଚାଲିଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ ୫-ଟି ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

## ଦେଶର ବିକାଶ...

ଏହି ଅବସରରେ ସେ ଦେଶର ବୈଜ୍ଞାନିକ ସମୁଦାୟଙ୍କୁ ବାସ୍ତବ ଜୀବନର ଶିକ୍ଷ ଏବଂ ସାମାଜିକ ସମସ୍ୟାର ସମାଧାନ କରିବା ଏବଂ 'ଇନୋଭେଟ୍ ଫର୍ ଇଣ୍ଡିଆ' ଦିଗରେ ଅଧିକ କାମ କରିବାକୁ ଆହ୍ୱାନ କରିଛନ୍ତି। ଦେଶର ବୈଜ୍ଞାନିକ ସମୂହମାନେ ପ୍ରମାଣିତ କରିଛନ୍ତି ଯେ ଯେତେବେଳେ ଦେଶ ଆହ୍ୱାନର ସମ୍ମୁଖୀନ ହୁଏ ସେତେବେଳେ ସେମାନଙ୍କ ଦ୍ୱାରା ଇନୋଭେସନ ହିଁ ଆମକୁ ସେହି ଆହ୍ୱାନରୁ ଉଦ୍ଧାର କରିଥାଏ । ମହାକାଶ ଠାରୁ କୃଷି, ଔଷଧ ଠାରୁ ତୈଳ, ଗ୍ୟାସ ଏବଂ ଇସ୍ପାତ୍ ଯାଏଁ ଦେଶର ବୈଜ୍ଞାନିକମାନେ ଆତ୍ମନିର୍ଭର ହେବା ସହ ବିଶ୍ୱର ସାମଗ୍ରିକ କଲ୍ୟାଣ କରିବାରେ ବହୁତ ବଡ଼ ସଫଳତା ହାସଲ କରିଛନ୍ତି । ଆଇଆଇଏସଏଫ-୨୦୨୦ ସଫଳତା ପାଇବା ସହ ଏହା ବିଜ୍ଞାନ ଏବଂ ସମାଜ ସହିତ ଯୋଡ଼ିହୋଇ ଭାରତକୁ ଅଧିକ ଆତ୍ମନିର୍ଭର କରିବା ପାଇଁ ନୂଆ ନୂଆ ଉଦ୍ୟୋଗୀ ଇନୋଭେସନ ଆଣିବା ନେଇ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ହର୍ଷବର୍ଦ୍ଧନ, ଡିଏସଆଇଆରର ଡିସି, ସିଏସଆଇଆର ଏବଂ ସଚିବ ଡା. ଶେଖର ସିଂ ମାଣ୍ଡେ, ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ସୁଧାସତ୍ୱ ବାସୁ ପ୍ରମୁଖ ଯୋଗଦେଇଥିଲେ ।

## ସୂଚନାଧିକାର ...


ଶ୍ରୀ ପ୍ରିୟଦର୍ଶୀ ମଧ କ୍ରାଇମବ୍ରାଂଚ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁଣି ୩.୮.୨୦ରିଖରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ କ୍ରାଇମ ବ୍ରାଂଚ ଏ.ଡ଼ି.ଜି.ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇ ତଦନ୍ତ ପାଇଁ ଅନୁରୋଧ କରାଯାଇଥିଲା। କିନ୍ତୁ କ୍ରାଇମ ବ୍ରାଂଚ ଏପର୍ଯ୍ୟନ୍ତ ତଦନ୍ତ କରିନାହାଁନ୍ତି। ଗତ ୫.୧୧.୨୦ରିଖରେ ଗୃହ ବିଭାଗ ଏବଂ କ୍ରାଇମ ବ୍ରାଂଚ ତରଫରୁ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ରିପୋର୍ଟକୁ ଆଧାର କରି ରଞ୍ଜନ ହତ୍ୟାକାଣ୍ଡକୁ ଏକ ଦୁର୍ଘଟଣା ଦର୍ଶାଇ ଏକ ମିଥ୍ୟା ଗପ ରଚନା କରି ତତନ୍ତକୁ ବନ୍ଦ କରି ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ଅପରାଧୀମାନେ ମୁଖ୍ୟତଃ ବିଜେଡ଼ିର କର୍ମୀମାନେ ରଞ୍ଜନକୁ ହତ୍ୟା କରିଥିବାର ଖୋଲାଖୋଲି କହି ବୁଲୁଥିଲେ ମଧ ପୋଲିସ୍ ସେମାନଙ୍କୁ ଗିରଫ କରିନାହିଁ।

# ୭ ବର୍ଷର ନାବାଳକ ଶିଶୁ କିଡ୍‌ନୀ ରୋଗରେ ଆକ୍ରାନ୍ତ : ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ



ନୀଳଗିରି ,୦୫।୧୨ (ନି.ପ୍ର):ପୁଅ ଟିଏ ଜନ୍ମ ପରେ ଖୁସିରେ ଆତ୍ମହରା ହୋଇପଡିଥିଲେ ବାପା ମା। ହସଖୁସିରେ ପରିବାର ଉଛୁଳିପଡିଥିଲା। ମାତ୍ର ୯ ମାସର ହୋଇଥିବା ବେଳେ ଶିଶୁଟି କିଡ୍ନୀ ରୋଗରେ ଆକ୍ରାନ୍ତ ଥିବା ଜଣାପଡିବା ପରେ ବାପା ମାଙ୍କ ଉପରେ ଦୁଃଖର କଳାବାଦଲ ଦେଖାଯାଇଥିଲା। ପ୍ରାଥମିକ ଚିକିତ୍ସା ପାଇଁ ପ୍ରଥମେ ଖନ୍ତାପଡା ,ବାଲେଶ୍ୱର ପରେ କଟକ ବଡ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଯାଇଥିଲେ ମଧ ରୋଗ ଭଲ ହୋଇନଥିଲା। ତତକାଳିନ କଟକ ବଡ ଡାକ୍ତରଖାନାର ଡ. ପ୍ରତାପ ରଥଙ୍କ ପରାମର୍ଶ କ୍ରମେ ଦୀଲ୍ଲି ସ୍ଥିତ ଏମ୍‌ସକୁ ନେଇଥିଲେ। ଏବେ ଶିଶୁଟିକୁ ୭ ବର୍ଷ ବୟସ। ବାହାନଗା ବ୍ଲକ ଖନ୍ତାପଡା ପଂଚାୟତ ସୁଠଙ୍ଗ ଗ୍ରାମର ଜଗନ୍ନାଥ ପଣ୍ଡା ଓ କବିତାଙ୍କର ଏକମାତ୍ର ସନ୍ତାନ ଆୟୁଷ। ଜନ୍ମର ୯ ମାସ ପରେ କିଡ୍ନୀ ଜନିତ ରୋଗରେ ପୀଡିତ ଥିବା ଜାଣିବା ପରେ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା କଲା ପରେ କୌଣସି ଅଗ୍ରଗତି ନହେବାରୁ କଟକ ବଡ ଡାକ୍ତରଖାନା ନେଇ ବାରମ୍ବାର ଚିକିତ୍ସା କରାଇଥିଲେ। ତତକାଳିନ ବାଲେଶ୍ୱର ସାଂସଦ ରବୀନ୍ଦ୍ର ଜେନା ଙ୍କ ସାଂସଦପାଣ୍ଠିରୁ ୧ ଲକ୍ଷ ଟଙ୍କା ସହାୟତା ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୩ ଲକ୍ଷ ସାହାଯ୍ୟ ପାଇ ଦୀଲ୍ଲି ଏମସ୍‌ରେ ଚିକିତ୍ସା ହୋଇ ଫେରିଥିଲେ। କିନ୍ତୁ ଡାକ୍ତର କହିବା କଥା ଅପରେସନ କରିବା ପାଇଁ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆବଶ୍ୟକତା ଥିବାରୁ ମା ଦାଣ୍ଡକାଳୀଙ୍କ ଠାରେ ମନ୍ଦିର ପୂଜକ ଭାବେ କାର୍ଯ୍ୟକରୁଥିବା ବାପା ଜଗନ୍ନାଥ ଙ୍କ ପକ୍ଷେ ଏତେଟଙ୍କା ସମ୍ଭବ ନୁହେଁ ତେଣୁ ଚିକିତ୍ସା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ , ବଦାନ୍ୟବ୍ୟକ୍ତି ବିଶେଷ ଯଦି ଯାହାଯ୍ୟର ହାତ ବଢାନ୍ତି ତହାଲେ ୭ ବର୍ଷର ଶିଶୁ ଆଶୁଷ ଏଭଳି ଦୌରାରୋଗ୍ୟ କିଡ୍ନୀ ରୋଗରୁ ମୁକ୍ତି ପାଇ ନୂଆ ଜୀବନ ପାଇପାରନ୍ତେ ବୋଲି ତାଙ୍କ ମା କବିତା ପଣ୍ଡା କୋହଭରା କଣ୍ଠରେ ନିବେଦନ କରିଛନ୍ତି।

# ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ରାମଚନ୍ଦ୍ର ବେହେରାଙ୍କ ଦେହାନ୍ତ



ବାଲକାଟି, ୫।୧୨(ନି.ପ୍ର): ଜୟଦେବ ନିର୍ବାଚନ ମଣ୍ଡଳୀର ବୋଧଖଣ୍ଡି ଗ୍ରାମର ବରିଷ୍ଠ ସାମ୍ବାଦିକ, ସମାଜସେବୀ, ଶିକ୍ଷାବିତ୍ ଭାବେ ବିଶେଷ ପରିଚିତ ଲାଭ କରିଥିବା ରାମଚନ୍ଦ୍ର ବେହେରାଙ୍କରର ଆଜି ସକାଳ ୭ ଘଟିକା ସମୟରେ, ଦେହାନ୍ତ ହୋଇଯାଇଅଛି । ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା । ମୃତ୍ୟୁ ସଜ୍ୟା ନିକଟରେ ତାଙ୍କର ଦୁଇପୁଅ ବୋହୁ ଓ ନାତି ନାତୁଣୀ ଉପସ୍ଥିତ ଥିଲେ । ସ୍ୱର୍ଗତ ବେହେରା ପ୍ରଥମକରି ପ୍ରଜାତନ୍ତ୍ର ଖବରକାଗଜରେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ଉକ୍ତ ସଂସ୍ଥାରେ କାର୍ଯ୍ୟକରିବା ପରେ ଅବସର ନେଇଥିଲେ ଓ ତତ୍‌ପରେ ପ୍ରଗତିବାଦୀ ଖବରକାଗଜ ସହ କିଛିଦିନ କାର୍ଯ୍ୟକରିଥିଲେ । ନିଜ ପଞ୍ଚାୟତରେ ଏକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ ଯାଆ ଆଜି ଉକ୍ତ ଅଞ୍ଚଳ ପାଇଁ ଏକ ଗୌରବ ଆଣିଦେଇଛି । ଅନେକ ସଭାସମିତୀ ସାମାଜିକ ଅନୁଷ୍ଠାନ ସହିତ ସେ ସର୍ବଦା ଜଡ଼ିତ ରହୁଥିଲେ । ତାଙ୍କର ଶେଷ ଦର୍ଶନ ପାଇଁ ବାଲି ଅନ୍ତ ଓ ବାଲି ପାଟଣା ବ୍ଲକ୍‌ର ସମସ୍ତ ସାମ୍ବାଦିକ ବୁଦ୍ଧିଜୀବି ଓ ଶିକ୍ଷାବିତ୍‌ମାନେ ଯୋଗଦେଇଥିଲେ ।

# କେନ୍ଦ୍ର ସରକାରଙ୍କ କୃଷି ଆଇନ୍ ବିରୋଧୀ କୃଷକ ଆନ୍ଦୋଳନକୁ ବାଲେଶ୍ୱରରେ ସମର୍ଥନ

## କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ ୮ ତାରିଖରେ ହେବାକୁ ଯାଉଥିବା ଭାରତବନ୍ଦ ସଫଳ କରିବାକୁ କୃଷକ ସଂଘର୍ଷ ସମିତି ପକ୍ଷରୁ ଆହ୍ୱାନ




ବାଲେଶ୍ୱର,୦୫।୧୨ (ନି.ପ୍ର): କୃଷକ ସଂଘର୍ଷ ସମିତି ପକ୍ଷରୁ 'କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ ବିରୋଧରେ ସାମ୍ପ୍ରତିକ କୃଷକ ଆନ୍ଦୋଳନ ଓ ଏଥିରେ ଆମର କର୍ତ୍ତବ୍ୟ' ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଶନିବାର ଦିନ ସ୍ଥାନୀୟ ଉଠା ଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ବର୍ଷିୟାନ ବାମପନ୍ଥୀ କୃଷକ ନେତା କୈଳାସ ଚନ୍ଦ୍ର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟତମ ଆବାହକ ଶିଶର ହୁଇ ଏଥିରେ ଯୋଗଦେଇ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନୂତନ କୃଷି ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କୃଷି ଆଇନ କାର୍ଯ୍ୟକାରୀ ହେଲେ କୃଷକ, କୃଷି ଶ୍ରମିକ, ଭାଗଚାଷୀ ଓ ସର୍ବୋପରି ଖାଉଟି ଜନସାଧାରଣ ବ୍ୟାପକ କ୍ଷତିଗ୍ରସ୍ତ ହେବେ ବୋଲି ଶ୍ରୀ ହୁଇ ଦୃଷ୍ଟାନ୍ତ ସହ ଉପସ୍ଥାପନ କରିଥିଲେ। ଶ୍ରମିକ ନେତା ଭାଗବତ ପ୍ରତିହାରୀ, କୃଷକ ନେତା ସୀତାଂଶୁ ସେନାପତି, ନବ ନିର୍ମାଣ କୃଷକ ସଂଘର ଜିଲ୍ଲା ସଂଯୋଜକ ଚନ୍ଦନ ରାଉତ, ଚାଷୀ ଏକତା ମଞ୍ଚର ରାଜ୍ୟ ଆବାହକ ଅରୁଣ ଜେନା, ନିର୍ମଳ ନାୟକ, ନିରଞ୍ଜନ ବାରିକ, ସନ୍ତୋଷ ବିଶ୍ୱାଳ, ବିକାଶ ଦାସ, ଆକବର ସାହା, ଆଇନ୍‌ଜୀବୀ ପଞ୍ଚାନନ ପରିଡ଼ା, ପରମେଶ୍ୱର ପାତ୍ର, ବିଜୟ ପାତ୍ର, ବନ୍ଦନା ବିଶ୍ୱାସ, ଅଜୟ ପଟ୍ଟନାୟକ ଓ ଅନାମ ଚରଣ ବାରିକ ପ୍ରମୁଖ ଏଥିରେ ଯୋଗଦେଇ ନୂତନ କୃଷି ଆଇନର ଭୟାବହତା ଓ କେନ୍ଦ୍ର ସରକାରଙ୍କ କର୍ପୋରେଟ୍ ହାଉସର ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେଉଥିବା ଦେଶର ସମସ୍ତ ସମ୍ପତ୍ତି ସମ୍ପର୍କରେ ତୀବ୍ର ସମାଲୋଚନା କରିଥିଲେ। କୃଷକମାନଙ୍କ ହାତରେ ଥିବା ଭୂସମ୍ପତ୍ତିକୁ ସେମାନଙ୍କଠାରୁ ଛଡ଼ାଇ ନେବାପାଇଁ ସରକାର ଷଡ଼ଯନ୍ତ୍ର କରିଛନ୍ତି ବୋଲି ବକ୍ତାମାନେ ଆରୋପ କରିଥିଲେ। ପୁନଶ୍ଚ କେନ୍ଦ୍ର ସରକାର ନୂତନ ବିଦ୍ୟୁତ୍ ଆଇନ ଆଣି ଜନଗଣଙ୍କ ମୁଣ୍ଡରେ ବୋଝ ଉପରେ ଲଳିତା ବିଡ଼ା ଲଦି ଦେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ତେଣୁ କୃଷକ ସଂଗଠନମାନେ ଆସନ୍ତା ୮ ତାରିଖ ଦେଇଥିବା 'ଭାରତବନ୍ଦ' ଆହ୍ୱାନକୁ ସମର୍ଥନ ଜଣାଇ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ପଥପ୍ରାନ୍ତ ସଭା, ଗ୍ରାମ ସଭା ପ୍ରଭୃତି ମାଧ୍ୟମରେ 'ଭାରତବନ୍ଦ'ରେ କୃଷକମାନଙ୍କୁ ସାମିଲ କରିବାକୁ କାର୍ଯ୍ୟକ୍ରମ ଗୃହିତ ହୋଇଥିଲା। ଦେଶର ଅନ୍ନଦାତାଙ୍କ ସପକ୍ଷରେ ବାଲେଶ୍ୱରବାସୀ 'ଭାରତବନ୍ଦ' ଆହ୍ୱାନକୁ ସଫଳ କରି କେନ୍ଦ୍ର ସରକାରଙ୍କ ନୂତନ କୃଷି ନୀତିକୁ ଓ ପ୍ରସ୍ତାବିତ ବିଦ୍ୟୁତ୍ ଆଇନ ପ୍ରତ୍ୟାହାର ପାଇଁ ଚାପ ସୃଷ୍ଟି କରିବାକୁ ଏହି ଆଲୋଚନାଚକ୍ରରେ ନିବେଦନ କରାଯାଇଛି। ବାଲିଆପାଳରେ ଭିଟାମାଟି ସୁରକ୍ଷା ପାଇଁ ଆନ୍ଦୋଳନକାରୀଙ୍କୁ ଆଲୋଚନାଚକ୍ରରେ ସମର୍ଥନ ଜ୍ଞାପନ କରାଯାଇଛି। ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଅତିଥି ଓ ବକ୍ତାଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ମାୟାଧର ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ କୃଷକ ପ୍ରତିନିଧି ଏହି ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। କୃଷକ ସଂଘର୍ଷ ସମିତି ପକ୍ଷରୁ ଅପରାହ୍ନରେ ବାଲେଶ୍ୱର ଷ୍ଟେସନ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ଗୁଣୁପୁରଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତିକାଦିବସ ପାଳିତ

ଗୁଣୁପୁର - ରାୟଗଡ଼ା ଜିଲ୍ଲା ଗୁଣୁପୁର କୃଷି ବିଜ୍ଞାନକେନ୍ଦ୍ର ଠାରେ ଆଜି ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକାଦିବସ ପାଳନ କରାଯାଇଛି । ଆମ ରାଜ୍ୟ ଓଡିଶା ଏକ କୃଷି ପ୍ରଧାନରାଜ୍ୟ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଦୁର୍ଯ୍ୟୋଧନ ପ୍ରହରାଜ ସଭାପତି ଆସନ ଗ୍ରହଣକରି କୃଷି ଉପରେ ମୃତ୍ତିକାର ଆବଶ୍ୟକତା ଓ ଗଛର ବୃଦ୍ଧିପାଇଁ ମୁଖ୍ୟତଃ ୧୭ ଗୋଟିରୁ ଅଧିକ ଉପାଦାନ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ମୃତ୍ତିକାର ଉପଯୁକ୍ତ ପରୀକ୍ଷା କରି ଉପଯୁକ୍ତ ସାର ପ୍ରୟୋଗ କଲେ ଅଧିକ ଅମଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ମୃତ୍ତିକାକୁ କିପରି ଉତ୍ପାଦନକ୍ଷମ କରିହେବ ଏ ସମ୍ପର୍କରେ ମୃତ୍ତିକା ରସାୟନବିତ ଘୋଷ ବାବୁ କୃଷକମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଚାଷୀମାନେ କିପରି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଉପକୃତ ହୋଇପାରିବେ ଓ ତାଲିମ ଗ୍ରହଣ କରିପାରିବେ ତାହା ଉପରେ କୃଷି ଅଧିକାରୀ ନିରନ ସେଠୀ ଓ ଅଗ୍ରଣୀ କୃଷିବିତ କୃଷ୍ଣ ପ୍ରସାଦ ବେବର୍ତ୍ତା ଏକ ସମ୍ୟକ ଆଲୋଚନା କରିଥିଲେ । ଜିଲ୍ଲା ପରିଷଦସଭ୍ୟ ଅଶ୍ୱିନୀ ଗମାଙ୍ଗ, ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୃତିକାକୁ ମା ବୋଲି ସମ୍ବୋଧନ କରିବା ସହିତ ମୃତ୍ତିକା ବିନା ଜୀବନ ଓ ଜୀବିକା ଅସମ୍ଭବ ବୋଲି ମତ ପ୍ରକାଶ କରିଥିଲେ । ସରକାରଙ୍କ କୃଷି ବିକାଶମୁଖୀ କାର୍ଯ୍ୟକ୍ରମ ପ୍ରତ୍ୟେକ ଚାଷୀଙ୍କ ନିକଟରେ ପହଁଚିବା ଜରୁରୀ ବୋଲି କହିଥିଲେ । କୋଭିଡ ନିୟମ ପାଳନ କରି ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା । ପରିଶେଷରେ ବରିଷ୍ଠ ଗ୍ରାମସେବକ ଶ୍ରୀଯୁକ୍ତ ତିରୁପତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାନକୁଣ୍ଡାରୁ ତେଲ ଉଦ୍ୟୋଗ ବିକାଶ ପାଇଁ ଚାହିଦା ଅନୁଧ୍ୟାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ରାଜ୍ୟରେ ଧାନକୁଣ୍ଡା-ତୈଳ ଉତ୍ପାଦନର ସମ୍ଭାବନା ସମ୍ପର୍କରେ ବିଚାର କରି ଏହି ତେଲର ବିପଣୀ ସୁଯୋଗ ଏବଂ କଂଚାମାଲ ଯୋଗାଣ ସମ୍ବନ୍ଧିତ ବିଷୟର ସଠିକ୍ ଅନୁଧ୍ୟାନ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଧାନକୁଣ୍ଡା ତେଲରେ ରୋଗପ୍ରତିରୋଧକ ପୁଷ୍ଟି ଏବଂ ସକାରାତ୍ମକ ଘୃତ ଗୁଣ ରହିଥିବାରୁ ଏହାକୁ ଏକ ଲାଭକାରୀ ଉଦ୍ୟୋଗ ଭାବେ ବିକଶିତ କରିହେବ। ଏହାର ବଜାର ଚାହିଦା ଓ ବିପଣୀ ସୁଯୋଗର ସଠିକ୍ ଅନୁଶୀଳନ ଯୁବ ଉଦ୍ୟୋଗୀ ମାନଙ୍କ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଶନିବାର ଦିନ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ସୂଚନା ଦେଇ କହିଥିଲେ ଯେ ଧାନକୁଣ୍ଡା-ତୈଳ ଉଦ୍ୟୋଗକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦିଆଯାଇ ପାରିବ। ଏଥିପାଇଁ ନିଆଯାଇଥିବା ଋଣର ସୁଧବାବଦରେ ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପର୍ଯ୍ୟନ୍ତ ୫% ରିହାତି , ଉତ୍ପାଦନ ଆରମ୍ଭରୁ ୫ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ଜିଏସଟିର ୭୫% ଭାଗ ପ୍ରତିପୂରଣ, ୫୦୦ କେଭି ବିଦ୍ୟୁତ୍ ଚାହିଦାରେ ୫ ବର୍ଷ ପର୍ଯ୍ୟନ୍ତ ଇଲେକ୍ଟ୍ରିସିଟି ଡ୍ୟୁଟି ରିହାତି , ଗୁଣାତ୍ମକ ପ୍ରମାଣପତ୍ର ପାଇଁ ଆର୍ଥିକ ସହାୟତା , ନିୟୋଜନ ମୂଲ୍ୟ ରିହାତି ଏବଂ ବୈଷୟିକ କୌଶଳ ସମ୍ବନ୍ଧିତ ଜ୍ଞାନ ଆଦି ଯୋଗାଇଦିଆଯିବାର ପ୍ରାବଧାନ କରାଯାଇଛି।

# ତ୍ୟାଗଭୂମି ମହୋତ୍ସବ - ୨୦୨୦ର ପ୍ରସ୍ତୁତି ବୈଠକ ଓ ସମ୍ବର୍ଦ୍ଧନା ସଭା




ଭଦ୍ରକ,୦୫।୧୨ (ନି.ପ୍ର) :ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କ ଆବାହନ କ୍ରମେ ଅବସରପ୍ରାପ୍ତ ପ୍ରଫେସର ଡ. ଗୋଲକ ସାହୁଙ୍କ ପୌରୋହିତ୍ୟରେ ତ୍ୟାଗଭୂମି ମହୋତ୍ସବ - ୨୦୨୦ର ପ୍ରସ୍ତୁତି ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଦିବଂଗତ ସାରସ୍ୱତ ସ୍ରଷ୍ଟା ତଥା 'ନବରାଗ'ର ସମ୍ପାଦକ ଡ. ଅଚ୍ୟୁତାନନ୍ଦ ନାୟକଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ଚିତ୍ରଶିଳ୍ପୀ ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଡ. ରାମଚନ୍ଦ୍ର ପଣ୍ଡା ମହୋତ୍ସବ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ତ୍ୟାଗଭୂମି ଦସ୍ତାବିଜ୍‌ର ସମ୍ପାଦକ ଅଧାପକ ବିଶ୍ୱରଂଜନ ଦାସ ଓ ଅଧାପକ ଡ. ଅଭୟ କୁମାର ଦାସ ଦସ୍ତାବିଜ୍ - ୨୦୨୦ର ପ୍ରସ୍ତୁତି, ପରିପାଟୀ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀହର୍ଷ ସ୍ୱାଇଁ, ଗଗନ ବିହାରୀ ରାଉତ, ବାବୁଲାଲ ଦାସ, ଅମରେନ୍ଦ୍ର ବିଶ୍ୱାଳ, ଡ. ପ୍ରଭାତ ନଳିନୀ ମହାପାତ୍ର, ମୁସ୍ତାକ ଗହ୍ୱର, ନାସିର ବକ୍ସ, ଗୌରହରି ନାୟକ, ହରିଶ୍ଚନ୍ଦ୍ର ଦାସ, ବସୁମିତ୍ରା ସାହୁ, ରୂପକ ରାୟ ପ୍ରମୁଖ ସୁଚିନ୍ତିତ ମତାମତ ରଖିଥିଲେ। ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଅଶୋକ କୁମାର ଦାସ, ଡ. ରାଧାରାଣୀ ମହାପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଚଳିତ ବର୍ଷ ମହୋତ୍ସବ ଡିସେମ୍ବର ୨୯,୩୦ ଏବଂ ୩୧ ତାରିଖ ୩ ଦିନ ମଧ୍ୟରେ ସୀମିତ ରଖିବାକୁ ମତ ଦେଇଥିଲେ। ମହୋତ୍ସବକୁ କୋବିଡ଼ ଗାଇଡ ଲାଇନ ମଧ୍ୟରେ ପାଳନ କରିବାକୁ ସଦସ୍ୟ ମତ ଉପସ୍ଥାପନ କରିଥିଲେ। ଉତ୍ସବରେ ଅଧିବକ୍ତା ଗିରିଧାରୀ ନାଥ, ଲକ୍ଷ୍ମୀକାନ୍ତ ବାରିକ, ଗୀତାରାଣୀ ଆଇଚ, ପଙ୍କଜ ବଳ, ଦିବ୍ୟସିଂହ ଦାସଅଧିକାରୀ, ବସନ୍ତ ମହାନ୍ତି, ଗୌରାଙ୍ଗ ଚନ୍ଦ୍ର ବାରିକ, କରୁଣାକର ଉପାଧ୍ୟାୟ, ବିଶ୍ୱନାଥ ଓଝା, ଅଭିଜିତ୍ ନାୟକ, ପ୍ରମୋଦ ରାୟ, ହରମୋହନ କୁଅଁର, ଅରୂପାନନ୍ଦ ନାୟକ, ଅମର ମହାନ୍ତି, ହୃଷିକେଶ ମହାନ୍ତି, ଶାନ୍ତନୁ ରାଉତ, ଜୟଜଗନ୍ନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିବା ବେଳେ ସଂପାଦକ ତୁଷାରକାନ୍ତି ମହାନ୍ତି ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧିବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଂଗଠନ ସମ୍ପାଦକ ସୁଧାକର ରାଉତ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଭୁବନେଶ୍ୱରରେ ୨୪ ଘଂଟାରେ ୩୪ ଆକ୍ରାନ୍ତ , ୪୩ ସୁସ୍ଥ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଶନିବାର ଦିନ ଆଉ ୩୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୬ ଜଣ ସଂଗରୋଧ ଓ ୨୮ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୪୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି।

ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୮୬୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୩୦,୨୪୧ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୩୮୩ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୨୩ ଜଣଙ୍କର ମୃତ୍ୟୁ ହୋଇଛି।

ରବିବାର,୦୬ ଡିସେମ୍ବର ୨୦୨୦
ଧ୍ୱନି ପ୍ରତିଧ୍ୱନି



# ଖାଉଟି ସୁରକ୍ଷା ଆଇନ ସଂପର୍କିତ ଜାତୀୟ ୱେବିନାର୍ ଆୟୋଜିତ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ସହଯୋଗରେ ଆୟୋଜିତ ଖାଉଟି ସୁରକ୍ଷା ଆଇନ ୨୦୧୯ ସଂପର୍କିତ ଏକ ଜାତୀୟ ସ୍ତରର ୱେବିନାରରେ ସମ୍ବୋଧିତ କରିଛନ୍ତି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ସେ କହିଛନ୍ତି ସଂପ୍ରତି ଡିଜିଟାଲ୍ ଓ ଅନ୍‌ଲାଇନ୍ ର ବ୍ୟାପକ ଉପଯୋଗ ଦ୍ୱାରା ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଆସିଥିବାବେଳେ ଉପଭୋକ୍ତାମାନଙ୍କ ପାଇଁ ମଧ୍ୟ ନୂତନ ପ୍ରକାରର ସମସ୍ୟା ସୃଷ୍ଟି କରିଛି । ଏହି ଦୃଷ୍ଟିରୁ ଉପଭୋକ୍ତାମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଦେବା ଓ ସେମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ଖାଉଟି ସୁରକ୍ଷା ଆଇନ-୨୦୧୯ ପ୍ରଣୟନ କରାଯାଇଛି । ସଚେତନ ନାଗରିକ ଏକ ସଶକ୍ତ ନାଗରିକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିବା ସହିତ ବିଭାଗ ଦ୍ୱାରା ଏହି ଲକ୍ଷ୍ୟ ପୂରଣ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ । ଆଜିର ୱେବିନାରରେ ଭାଗ ନେଇଥିବା ବକ୍ତାମାନଙ୍କ ମତାମତ ଓ ପ୍ରସ୍ତାବକୁ ତର୍ଜମା କରି କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ୱେବିନାରରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ନକଲି ଖାଇବା ଦ୍ରବ୍ୟର ଉତ୍ପାଦନ ଓ ବିକ୍ରିକୁ ଦୃଢ଼ ଭାବରେ ଦମନ କରିବା ପାଇଁ କହିଥିଲେ । ୱେବିନାରରେ ଓଡ଼ିଶା ରାଜ୍ୟ ଖାଉଟି ବିବାଦ ସମାଧାନ କମିଶନର ସଭାପତି ବିଚାରପତି ଜଷ୍ଟିସ୍ ଡ. ଡି.ପି. ଚୌଧୁରୀ ଯୋଗଦେଇ ଖାଉଟି ଅଧିକାରର ଇତିହାସ ସଂପର୍କରେ ଆଲୋଚନା କରିବା ଅବସରରେ କହିଲେ, ଖାଉଟିର ଜାଣିବା ଅଧିକାର, ପସନ୍ଦ କରିବାର ଅଧିକାର, ସୁରକ୍ଷା ଅଧିକାର ଏବଂ ଖାଉଟିର ଅଭିଯୋଗ ବ୍ୟକ୍ତ କରିବାର ଅଧିକାର ରହିଛି । ନୂତନ ଆଇନ୍ ରେ କେନ୍ଦ୍ରୀୟ ଖାଉଟି ସୁରକ୍ଷା ଅଥରିଟି ଖାଉଟିଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଦେବାରେ ସହାୟକ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଅନ୍ତର୍ଜାତୀୟ ଖାଉଟି ନୀତି ବିଶାରଦ ପ୍ରଫେସର ବେଜନ ମିଶ୍ର କହିଲେ ଖାଉଟିମାନଙ୍କ ମଧ୍ୟରେ ପର୍ଯ୍ୟାପ୍ତ ଭରସା ସୃଷ୍ଟି କରିବା ଆବଶ୍ୟକ ।

## ଜଳେଶ୍ୱରର ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ଅସୁସ୍ଥ : କେୟାର ହସ୍‌ପିଟାଲରେ ଚିକିତ୍ସିତ



ଜଳେଶ୍ୱର, ୫/୧୨ (ନି.ପ୍ର) : ଉତ୍ତର ବାଲେଶ୍ୱରର ଖ୍ୟାତନାମା ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସମାଜ ଖବର କାଗଜର ପ୍ରତିନିଧି ଅବନୀ ଚାନ୍ଦ ଆଜି ଭୋର ସମୟରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ । ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍‌ପିଟାଲକୁ ନିଆଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ କେୟାର ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଛାତିରେ ଅସ୍ତ୍ରପୋଚାର କରାଯାଇଥିବାର ପରିବାର ସୂତ୍ରରୁ ପ୍ରକାଶ । ଅସ୍ତ୍ରପୋଚାର ପରେ ସେ ଆଇ.ସି.ୟୁ.ରେ ଚିକିତ୍ସାଧିନ ଅଛନ୍ତି । ଏହି ଖବର ପ୍ରଚାରିତ ହେବାମାତ୍ରେ ଉତ୍ତର ବାଲେଶ୍ୱର ତଥା ଜଳେଶ୍ୱରର ବହୁ ଗଣମାଧ୍ୟମର ପ୍ରତିନିଧି, ବୁଦ୍ଧିଜିବୀ, ଶୁଭେଚ୍ଛୁ ଏବଂ ନେତୃମଣ୍ଡଳୀ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ସ୍ୱଳ୍ପକାଳ ମଧ୍ୟରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅବଦାନକୁ ଭୂୟସୀ ପ୍ରଶଂସା



ବାଲେଶ୍ୱର,୦୫।୧୨ (ନି.ପ୍ର): ୨୦୧୯ ସାଧାରଣ ନିର୍ବାଚନରେ ନିର୍ବାଚିତ ହେବା ସହ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ନିଜକୁ ସାମିଲ କରି ସ୍ୱଳ୍ପକାଳ ମଧ୍ୟରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ଆଶାତୀତ ବିକାଶମୂଳକ କାର୍ଯ୍ୟ କରିପାରିଥିବା ଯୋଗୁଁ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପଅତି କୃତଜ୍ଞତା ଜ୍ଞାପନ କରାଯାଇଛି । ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚାର କର୍ମକର୍ତ୍ତାମାନେ ଯୋଗଦେଇ କେନ୍ଦ୍ରମନ୍ତ୍ରୀଙ୍କ ସଫଳ କାର୍ଯ୍ୟଧାରା ଓ ତାଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ବାଲେଶ୍ୱରରେ ୫୦ ଶଯ୍ୟା ବିଶିଷ୍ଟ ଆୟୁସ ହସପିଟାଲ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର, ନୀଳଗିରିଠାରୁ ଝରଣାଘାଟି ପର୍ଯ୍ୟନ୍ତ ରାସ୍ତାର ସଂପ୍ରସାରଣ ଓ ନବୀକରଣ ୧୨୫ କୋଟି ଟଙ୍କାର ଅନୁଦାନ ମଞ୍ଜୁର, ଜିଲ୍ଲାର ବିଭିନ୍ନ ହସପିଟାଲ ପାଇଁ ଆମ୍ବୁଲାନ୍ସ, ୧୦ ଗୋଟି ଅତ୍ୟାଧୁନିକ ମେଡିକାଲ ଭ୍ୟାନ୍, ୮ ଗୋଟି ୱାଟର ଏଟିଏମ ପ୍ରଭୃତି ପ୍ରଦାନ କରି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଜନକଲ୍ୟାଣକାରୀ ଅଭିଯାନକୁ ଆଗେଇ ନେଇ ପାରିଛନ୍ତି ବୋଲି ଯୁବମୋର୍ଚ୍ଚା କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀଙ୍କ ପକ୍ଷରୁ ଆଗାମୀ ଦିନରେ ବି ଏହିଭଳି ବିକାଶ ଧାରା ବଜାୟ ରହିବ ବୋଲି ପ୍ରମୁଖ ମୋର୍ଚ୍ଚାର କର୍ମକର୍ତ୍ତାମାନେ ଆଶା ପ୍ରକାଶ କରିଥିଲେ ।

## ଗୀତା ଗାର୍ଲ ପରିରୂପା



ଉଦଳା-୦୫/୧୨(ନି.ପ୍ର)- ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାଦଦେଶରେ ଅବସ୍ଥିତ କୁଣ୍ଡାବାଇ ଗ୍ରାମପଞ୍ଚାୟତର ବଳଭଦ୍ରପୁର ଅକ୍ଷତ ପଲ୍ଲୀରେ ସାତ ବର୍ଷ ବୟସର କୁନି ଝିଅ ପରୀରୂପା ମହାନ୍ତଙ୍କର ଜନ୍ମ । ପିତା ତପନ କୁମାର ମହାନ୍ତ ଜଣେ ଆଦର୍ଶ ଶିକ୍ଷକ ହିସାବରେ କାର୍ଯ୍ୟ କରୁଥିବା ବେଳେ ମା' ମମତା ମହାନ୍ତ ସରୋଜନି ଏକାଡ଼େମୀର ଅଧକ୍ଷା । କୁନି ଝିଅଙ୍କ ତୁଣ୍ଡରେ ଶ୍ରୀମଦ୍‌ଭଗବତ ଗୀତାର ସାତ ଶହ ଶ୍ଳୋକ ତାଙ୍କର ଏହି ବିସ୍ମୟ ପ୍ରତିଭା କେବଳ ଗାଁ ନୁହେଁ ସାରା ମୟୂରଭଞ୍ଜ ଜିଲ୍ଲାରେ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି । ପରୀରୂପା ମହାନ୍ତ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛନ୍ତି । ଅଳ୍ପ ବୟସରେ ଝିଅ ଗୀତାର ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ବହି ନଦେଖି କହି ପାରୁଛନ୍ତି । ଅଳ୍ପ ବୟସରେ ସାତଶହ ଶ୍ଳୋକକୁ ମନେ ରଖି ସମସ୍ତଙ୍କର ପ୍ରୀୟଭାଜନୀୟ ହୋଇପାରିଛନ୍ତି ପରିରୂପା । ପରିରୂପାଙ୍କର ମା' ଦୈନିକ ସନ୍ଧ୍ୟାରେ ଗୀତା ପଢୁଥିବା ବେଳେ କୁନି ଝିଅ ମା'ଙ୍କ ପାଖରେ ବସି ଗୀତା ଶୁଣୁଥାନ୍ତି ସେଇଠୁ ଝିଅର ଆଗ୍ରହ ବଢ଼ିଥିଲା ଗୀତା ପ୍ରତି ପଢ଼ିବା ପାଇଁ ଯାହାକି ଏବେ ସେ ଶ୍ରୀମଦ୍‌ଭାଗବତ ଗୀତାର ସାତଶହ ଶ୍ଳୋକ ବହି ନଦେଖି ଯେକୌଣସି ଅଧ୍ୟାୟ ପଚାରିଲେ ମୁହଁରେ କହି ପାରୁଛନ୍ତି । ପରିରୂପା ନିଜର ପାଠପଢ଼ା ସାଙ୍ଗକୁ ଆଗକୁ ଅନେକ ଶ୍ଳୋକ ମନେ ରଖିବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି । ଗୀତା ପଢ଼ିବା ଓ ଶିଖିବା ଦ୍ୱାରା ମଣିଷ ସମାଜରେ ଜଣେ ସଂସ୍କାରୀ ହୋଇ ପାରିବ ଓ ମଣିଷ ଜୀବନ ସମସ୍ୟା ବହୁଳ । ମଣିଷର ପ୍ରତ୍ୟେକ ସମସ୍ୟାର ସମାଧାନ ଏହି ଗୀତାରେ ଲେଖା ହୋଇଛି ବୋଲି ଶିକ୍ଷାବିତ ଡ଼. ଦୀଲ୍ଲିପ ଦୀକ୍ଷିତ ମତ ବ୍ୟକ୍ତ କରିଛନ୍ତି । ପରିର ଏହି ଦୁଃସାହାସିକ ଉଦ୍ୟମ ଆଗକୁ ମଧ୍ୟ ଜାରୀ ରହୁ ଏହା ଭଗବାନଙ୍କ ନିକଟରେ ପ୍ରାର୍ଥନା ।

## କୃଷକମାନଙ୍କ ଡିସେମ୍ବର ୮ ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇଲା କଂଗ୍ରେସ

ଭୁବନେଶ୍ୱର,୦୫।୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଆଇନ୍ ବିରୋଧରେ ଆନ୍ଦୋଳନରତ କୃଷକ ସଂଗଠନଗୁଡିକ ଡିସେମ୍ବର ୮ ତାରିଖ ଦେଇଥିବା ଭାରତ ବନ୍ଦ ଡାକରାକୁ ପ୍ରଦେଶ କଂଗ୍ରେସ କମିଟି ପୂର୍ଣ୍ଣ ସମର୍ଥନ ଜଣାଇଛି । କୃଷକମାନେ ଆମର ଅନ୍ନଦାତା ଓ ଅର୍ଥନୀତିର ମେରୁଦଣ୍ଡ । କୃଷକ ଭାଇଭଉଣୀମାନେ କୃଷି ଆଇନକୁ ବିରୋଧ କରିବା ସଂପୂର୍ଣ୍ଣ ଯଥାର୍ଥ ଓ ଯୁକ୍ତିସଂଗତ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । କୃଷକମାନଙ୍କର ବୃହତର ହିତ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୱାର୍ଡ ସ୍ତରରୁ ଆରମ୍ଭ କରି ଗ୍ରାମ, ପଂଚାୟତ, ବ୍ଲକ, ପୌରପରିଷଦ, ମହାନଗର ନିଗମ, ବିଜ୍ଞପିତ ଅଂଚଳ ପରିଷଦ, ଜିଲ୍ଲା ଓ ରାଜ୍ୟ ସ୍ତରରେ ବନ୍ଦକୁ ସଂପୂର୍ଣ୍ଣ ସଫଳ କରିବା ପାଇଁ କଂଗ୍ରେସର ସମସ୍ତ କର୍ମକର୍ତ୍ତା, ବିଧାୟକଗଣ, ସାଂସଦ, ପ୍ରାକ୍ତନ ସାଂସଦ, ମନ୍ତ୍ରୀ ଓ ବିଧାୟକ, ବରିଷ୍ଠ ନେତୃମଣ୍ଡଳୀ, ଜିଲ୍ଲା କଂଗ୍ରେସ ସଭାପତି, ଏଆଇସିସି ଓ ପିସିସି ସଭ୍ୟ, ସମସ୍ତ ବିଭାଗ, ପ୍ରକୋଷ୍ଠ ଓ ଛାମୁଆ ସଂଗଠନର ରାଜ୍ୟ ଓ ଜିଲ୍ଲାର ମୁଖ୍ୟ ଓ କର୍ମକର୍ତ୍ତାମାନେ ଓ ତ୍ରିସ୍ତରୀୟ ଜନପ୍ରତିନିଧିମାନଙ୍କୁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ମାର୍ଗଦର୍ଶନ ଦେଇଥିବା ବେଳେ ସ୍ୱତଃପ୍ରବୃତ ବନ୍ଦରେ ସକ୍ରୀୟ ସହଯୋଗ ଓ ଅଂଶଗ୍ରହଣ କରି ପୂର୍ଣ୍ଣ ସଫଳ କରିବା ଲାଗି ଓଡିଶାବାସୀଙ୍କୁ ସେ ବିନମ୍ର ଅନୁରୋଧ କରିଛନ୍ତି ।

## ଜବରଦଖଲ ଉଚ୍ଛେଦ ବେଳେ ଲୋକେ ଉତ୍ତେଜିତ : ଆଗେ ଥଇଥାନ ପରେ ଉଚ୍ଛେଦ



ଗୁଣୁପୁର ,୦୫।୧୨ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ସଦର ସ୍ଥିତ ପୁରୁଣା ଗୁଣୁପୁର ନିକଟରେ ପ୍ରଶାସନ ତରଫରୁ ଜବର ଦଖଲ ଉଚ୍ଛେଦ ବେଳେ ଉତ୍ତେଜନା ଦେଖାଯାଇଛି । ଫଳରେ ଅଧାରେ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରହିଛି । ଜବର ଦଖଲକାରୀମାନେ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ବିରୋଧ କରିଥିଲେ । ସ୍ଥାନୀୟ ପୁରୁଣା ଗୁଣୁପୁର ଆଦିବାସୀ ସାହିର ଆଦିବାସୀମାନେ ଏକ ସରକାରୀ ଜାଗାରେ ପରିବା ଚାଷ କରି ଛୋଟ ଛୋଟ ଝୁପୁଡି କରିଥିଲେ । ଏହା ସରକାରୀ ଜାଗା ହୋଇଥିବାରୁ ସହରର ଉନ୍ନତି ମୂଳକ କାର୍ଯ୍ୟ ଓ ପ୍ରକଳ୍ପ ନିର୍ମାଣ ପାଇଁ ଜବର ଦଖଲ ଉଚ୍ଛେଦ କରାଯାଉଥିବା ଜଣାପଡିଛି । ତେବେ ଅସହାୟ ଆଦିବାସୀଙ୍କୁ ପ୍ରଥମେ ଥଇଥାନ କରାଯାଇ ପରେ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ଆଜି ପୌର ପରିଷଦ, ରାଜସ୍ୱ ବିଭାଗ ଓ ପୋଲିସ ବିଭାଗ ମିଳିତ ଭାବେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଉତ୍ତେଜନା ପ୍ରକାଶ ପାଇବାରୁ ସ୍ଥଗିତ ରଖାଯାଇଛି ।

## ୮ ଡିସେମ୍ବର, କୃଷକ ଆନ୍ଦୋଳନ ସମର୍ଥନରେ ଭାରତ ବନ୍ଦକୁ ସଫଳ କର : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୦୫।୧୨ (ନି.ପ୍ର): ସମସ୍ତ କୃଷକ ସଂଗଠନ ଏବଂ ବିଭିନ୍ନ ବିରୋଧି ରାଜନୈତିକ ଦଳ ଏକାଠି ହୋଇ କୃଷକମାନଙ୍କ ସମର୍ଥନରେ ଆଗାମୀ ୮ ତାରିଖ 'ଭାରତ ବନ୍ଦ'ର ଡାକରା ଦେଇଛନ୍ତି । ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ଏ ସଂଗ୍ରାମରେ ଏକ ପ୍ରମୁଖ ଭୂମିକାରେ ଅଛି । ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ରାଜ୍ୟର ସମସ୍ତ କୃଷକ ସଂଗଠନ ଓ ରାଜନୈତିକ ଦଳ ଗୁଡ଼ିକୁ ଆଗାମୀ ୮ ତାରିଖ କୃଷକମାନଙ୍କ ସ୍ୱାର୍ଥ ପାଇଁ ଦିଆଯାଇଥିବା ଭାରତ ବନ୍ଦ ଆହ୍ୱାନକୁ ସଫଳ କରିବା। ପାଇଁ ଆଗେଇ ଆସିବା ପାଇଁ ସମସ୍ତଙ୍କୁ ବିନମ୍ର ନିବେଦନ କରୁଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଦସ୍ତଖତରେ ଜାରି କରାଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଓଡ଼ିଶାର ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି । ତେଣୁ କୃଷକମାନଙ୍କର ହକ୍ ଦିଆଗଲେ ଓଡ଼ିଶାର ସମୃଦ୍ଧି ଓ ପ୍ରଗତି ସମ୍ଭବ ହୋଇପାରିବ । ତେଣୁ ଓଡ଼ିଶା ବାସୀ ଡିସେମ୍ବର ୮, ଭାରତ ବନ୍ଦକୁ କୃଷକମାନଙ୍କର ସ୍ୱାର୍ଥ ପାଇଁ ସର୍ବତ ଭାବେ ସଫଳ କରିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ଡେଲାଙ୍ଗ,୦୫।୧୨ (ନି.ପ୍ର): ଏ.ଆଇ.କେ.ଏସ.ସି.ସି ର ଆହ୍ୱନ କ୍ରମେ ଆଜି ସାରା ଦେଶରେ ପ୍ରଧାନମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଛି । ଏହି ଅବସରରେ ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ (ଏ.ଆଇ.କେ.କେ..ଏମ୍. ଏସ୍) ପକ୍ଷରୁ ଡେଲାଙ୍ଗ ଷ୍ଟେସନ ବଜାର ଠାରେ ପ୍ରଧାନମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏ.ଆଇ.କେ.କେ.ଏମ୍. ଏସ୍ ର ରାଜ୍ୟ ସଂପାଦକ କ୍ରମ୍ରେଡ ରଘୁନାଥ ଦାସ ଯୋଗଦେଇ କେନ୍ଦ୍ରରେ ମୋଦି ସରକାର ସଦ୍ୟ ପ୍ରଣୟନ କରିଥିବା ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧଧନ ଆଇନ, ଘରୋଇ ମଣ୍ଡି ଆଇନ,ଚୁକ୍ତି ଚାଷ ବା କଣ୍ଟ୍ରାକ୍ଟ ଫାର୍ମିଙ୍ଗ ଆଇନ ଗୁଡିକ କିଭଳଳି ଭାବେ ଚାଷୀ ସ୍ୱାର୍ଥ ବିରୋଧୀ, ଚାଷୀ ମାରଣନୀତି ଉପରେ ଆଲୋକପାତ କରିଥିଲେ । ଏହି ଆଇନ ଗୁଡିକ କେନ୍ଦ୍ର ର ବିଜେପି ସରକାର ପତ୍ୟାହାର କଲା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ଶ୍ରୀ ଦାସ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏ.ଆଇ.କେ.କେ..ଏମ୍. ଏସ ର ପୁରୀ ଜିଲ୍ଲା ସଭାପତି କମ୍ରେଡ୍ ଗଙ୍ଗାଧର ପ୍ରଧାନ ,ବ୍ଲକ ସଂପାଦକ ବଟକୃଷ୍ଣ ସ୍ୱାଇଁ ,ବ୍ଲକ ସଭାପତି ଦୀନବନ୍ଧୁ ପରିଡା, ପଦ୍ମ ଚରଣ ଜେନା,ଗୋଲକ ବରାଳ, ପ୍ରଶାନ୍ତ ବେହେରା, ରାଜକିଶୋର ଆଳୁକ,ତ୍ରିନାଥ ପ୍ରଧାନ,ଟୁକୁନା ବେହେରା ପ୍ରମୁଖ ପପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରିଥିଲେ ।

## ଆଉ ୫ ଜଣଙ୍କର କରୋନାରେ ମୃତ୍ୟୁ

ଭୁବନେଶ୍ୱର,୦୫।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୬୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।
ଭୁବନେଶ୍ୱରର ଜଣେ ୫୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୯ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି । ଜଗତସିଂହପୁର ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ନୟାଗଡ ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୭୨ ବର୍ଷୀୟ ପୁରୁଷ କୋରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ରାସାୟନିକ ସାର ଓ ବିଷ ପ୍ରୟୋଗ ନକରି ବସୁମତି ଧାନଚାଷ



ଉଦଳା-୦୫/୧୨(ନି.ପ୍ର)- ଯେଉଁସବୁ ଚାଷ ଜମିରେ ପୁର୍ବରୁ ବାରମ୍ବାର ରାସାୟନିକ ସାର ଓ ବିଷ ପ୍ରୟୋଗ କରି ଧାନଚାଷ କରାଯାଉଛି ସେହି ଜମିରେ ଆଦୌ ରାସାୟନିକ ସାର ଓ ବିଷ ପ୍ରୟୋଗ ନକରି ପରିକ୍ଷା ମୂଳକ ଭାବେ ଚଳିତ ବର୍ଷ ଉଦଳା ଅଞ୍ଚଳର ଜଣେ ଶିକ୍ଷକ କରୁଣାକର ନାୟକ ପ୍ରାୟ ୨ ଏକର ଜମିରେ ବସୁମତି ଧାନ ଚାଷ କରିଛନ୍ତି । ଧାନମଧ ବେସ ଭଲ ଅମଳ ହୋଇଥିବାର କଥା ଶ୍ରୀଯୁକ୍ତ ନାୟକ ଗଣମାଧମକୁ ଜଣାଇଛନ୍ତି । ସେ ଆହୁରୀ ମଧ ଜଣାଇଛନ୍ତି ଯେ ଗୋରୁ ଗାଈଙ୍କର ଗୋବର, ପରିସ୍ରା, ଦହି ଓ ଗୁଡ଼ଚେନିର ମିଶ୍ରଣରେ ସେ ଏକ ପ୍ରକାର ଜୈବିକ ସାର ପ୍ରସ୍ତୁତ କରୁଛନ୍ତି । ଯାହାକି ପ୍ରୟୋଗ କଲେ ଧାନ ବେଶ ଭଲ ଅମଳ ହେବା ସହିତ ରାସାୟନିକ ସାର ଓ ବିଷର ଆବଶ୍ୟକତା ଆଦୌ ପଡ଼ିବ ନାହିଁ । ଏହି ଧାନର ଚାଉଳ ଖାଇବାକୁ ଯେପରି ସ୍ୱାଦିଷ୍ଟ, ନିରୋଗ ରହିବା ପାଇଁ ସେତିକି ଦରକାରୀ । ଚଳିତ ବର୍ଷ କରୋନା ପାଇଁ ତାଲା ବନ୍ଦ ଯୋଗୁଁ ବିଦ୍ୟାଳୟ ଛୁଟି ରହୁଥିଲା । ଉକ୍ତ ଛୁଟିକୁ ପରୀକ୍ଷା ମୂଳକ ଭାବେ ଏହି ଭଳି ଧାନଚାଷରେ କଟାଇବେ ବୋଲି ଶିକ୍ଷକ ଶ୍ରୀଯୁକ୍ତ ନାୟକ ମନସ୍ଥ କରିଥିଲେ । ତେବେ ଶିକ୍ଷକ ଶ୍ରୀଯୁକ୍ତ ନାୟକ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳର କୃଷକ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟି ଯାଇଛନ୍ତି ।କୃଷକ ବନ୍ଧୁ ମାନଙ୍କୁ ଏହିଭଳି ଜୈବିକ ପଦ୍ଧତିରେ ଚାଷ କରିବାକୁ ପରାମର୍ଶ ଦେବାକୁ ସରକାର ତତ୍ପରତା ପ୍ରକାଶ କରିବାର ଆବଶ୍ୟକତା ରହିଛି ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି ।

## ଝରଣା ସିଂଙ୍କୁ ନ୍ୟାୟ ଦେବା ପାଇଁ ମହିଳା କଂଗ୍ରେସ ଜିଲ୍ଲାପାଳଙ୍କୁ ଭେଟିଲେ



ବାଲେଶ୍ୱର,୦୫।୧୨ (ନି.ପ୍ର): ଅପରାହ୍ନ ୧ ଘଟିକା ସମୟରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଦ୍ୱାରା ଗଠିତ ତତ୍ତ୍ୱ ଭିତ୍ତିକ କମିଟୀ ମହିଳା କଂଗ୍ରେସର ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ପାଞ୍ଚ ଜଣିଆ କମିଟୀ ଗଠନ କରିଛନ୍ତି, ସଦସ୍ୟାମାନେ ହେଲେ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସଂପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ନିଳଗିରି ବିଧାନସଭା ପ୍ରାର୍ଥନୀ ଶ୍ରୀମତୀ ମନୋଜା ମଞ୍ଜରୀ ଦେବୀ, ସଦର ବିଧାନସଭା ପ୍ରାର୍ଥନୀ ଶ୍ରୀମତୀ ମମତା କୁଣ୍ଡୁ ଓ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି । ଗତକାଲି ଆମେ ପାଞ୍ଚଜଣ ସଦସ୍ୟା ଝରଣା ସିଂ ର ପରିବାରକୁ ଭେଟି କିଛି ତଥ୍ୟ ତା ମାଆ ପାଖରୁ ପାଇଥିଲୁ ଯାହା ଆମକୁ ମର୍ମାହତ କରି ଥିଲା । ଜାଣିବାକୁ ପାଇଲି ଝିଅ ଝରଣା ସିଂ ଜୟ ଦୁର୍ଗା ଇଟା ଭାଟିରେ କାମ କରୁଥିଲା । ଦିନକୁ ମଜୁରୀ ବାବଦକୁ ୯୦ ଟଙ୍କା ପାଉଥିଲା । ଜିଲ୍ଲାପାଳଙ୍କ ସହିତ ଆଲୋଚନା କଲୁ ନାବାଳିକାକୁ ଇଟାଭାଟି ମାଲିକ କେମିତି କାମରେ ଲଗାଇ ଥିଲେ ତାର କୌଣସି ତଥ୍ୟ ଲେବର ଅଫିସର ଜାଣିଛନ୍ତି କି ? ଯଦି ଖବର ଅଛି କଣ ପଦକ୍ଷେପ ନେଇଛନ୍ତି । ଦ୍ୱିତୀୟରେ ତା ପାଖରୁ ଏକ ମୋବାଇଲ ପୋଲିସର ହସ୍ତଗତ ହୋଇଛି ତାହା ଝରଣା ସିଂକୁ କିଏ ଦେଲା ? ମୋବାଇଲ ଟା ଲୋଧା ସିଂର ବୋଲି ଜଣାପଡ଼ିଛି । କିନ୍ତୁ ତାକୁ ଏବେ ପର୍ଯ୍ୟନ୍ତ ଆରେଷ୍ଟ କାହିଁକି କରାଯାଇ ନାହିଁ । ତୃତୀୟରେ ଝରଣା ସିଂର ମାଆ କହିଲେ ତାର ଝିଅର ଲୁଗାପଟା ଛିଣ୍ଡି ଥିଲା ଏବଂ ତାର ରକ୍ତସ୍ରାବ ହେଉଥିଲା କିନ୍ତୁ ନିଳଗିରି ଡାକ୍ତର କେବଳ ସିଏ ବିଷ ଖାଇଛି ବୋଲି ସାଦା କାଗଜରେ ଲେଖି ସଦର ହସପିଟାଲକୁ ପଠାଇ ଦେଇ ତାଙ୍କର କାର୍ଯ୍ୟ ଶେଷ କରିଥିଲେ । କିନ୍ତୁ ଝରଣା ସିଂ ସନର ହସପିଟାଲରେ ପହଞ୍ଚୁ ପହଞ୍ଚୁ ମୃତ୍ୟୁଘଟି ଥିଲା ବୋଲି ନୀଳଗିରି ଥାନା ଇନ୍‌ସପେକ୍ଟର କହିଲେ । ତେଣୁ ଜିଲ୍ଲାପାଳଙ୍କ ପାଖରେ ଦାବି ଥିଲା ପୋଷ୍ଟମୋଟମ ରିପର୍ଟଟି ତୁରନ୍ତ କରି ପଠାଇବା ପାଇଁ ଏବଂ ସତ୍ୟ ଉନ୍ମୋଚନରେ ସାହାଯ୍ୟ କରିବା ପାଇଁ । ତାଙ୍କ ସହିତ ମୋବାଇଲ ଯୋଗେ କାଲି ଆମେ ଜଣାଇ ଥିଲୁ ତାକୁ କିଛି ସରକାରୀ ସାହାଯ୍ୟ ମିଳିନାହିଁ, ତେଣୁ ଜିଲ୍ଲାପାଳ ଜଣାଇଲେ ତାର ମାଆକୁ ଟ. ୨୦,୦୦୦ ଦେଇଛନ୍ତି । ଆମର ଦାବି ତାକୁ କୋଟିଏ ଟଙ୍କା ଦିଆଯାଉ, ଦୋଷୀକୁ ଦଣ୍ଡ ଦିଆଯାଉ । ଇଟା ଭାଟି ମାଲିକୁ ଚାଇଲ୍ଡ ଲେବରକୁ କାର୍ଯ୍ୟରେ ଲଗାଇ ଥିବା ଆର୍ଥିକ ଓ ଶାରିରୀକ ଦଣ୍ଡ ଦିଆଯାଉ । ଶୀଘ୍ର ଏହାର ଖୁଲାସା ସାର୍ବଜନୀନ କରି ଏହାକୁ ରାଜନୈତିକ କରାନଯାଉ । ଜିଲ୍ଲାପାଳଙ୍କୁ ଆମର ଅନୁରୋଧ ଯେ ଦୋଷୀ ଖୁବ୍ ଶୀଘ୍ର ଦୋଷୀକୁ ଦଣ୍ଡ ଦିଆଯାଉ ଏବଂ ତାର ପରିବାରକୁ ନ୍ୟାୟ ମିଳିବାର ସମସ୍ତ କାର୍ଯ୍ୟ କରିବେ ।

## ବାଇକ୍ ଆରୋହୀ ଗୁରୁତର

ଜଳେଶ୍ୱର, ୫/୧୨ (ନି.ପ୍ର) : ଜଳେଶ୍ୱର ବ୍ଲକର କର୍ମଚାରୀ କିଶୋର ମହାପାତ୍ର ଆଜି ଅପରାହ୍ନରେ ଏକ ରାସ୍ତା ଦୁର୍ଘଟଣାରେ ଆହତ ହୋଇଛନ୍ତି । ସେ ଜଳେଶ୍ୱରରୁ ନିଜ ବାଇକ୍ ଯୋଗେ ଭଉଣୀ ଘର ଆରୁହା ଯିବାବେଳେ ନିମପୁର ଠାରେ ଅପରପଟରୁ ଦ୍ରୁତଗତିରେ ଆସୁଥିବା ଡମ୍ପରକୁ ସାଇଡ୍ କରିବାକୁ ଯାଇ ରାସ୍ତାରେ ପଡିଥିବା କୁଟାରେ ଖସିଯିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣାରୁ ଶୀକାର ହୋଇଥିଲେ । ତାଙ୍କୁ ସଂଗେ ସଂଗେ ୧୦୮ ଆମ୍ବୁଲାନ୍ସ ଯୋଗେ ଜିକେ ଭଟ୍ଟର ହସ୍‌ପିଟାଲକୁ ଆଣାଯାଇଥିଲା । ସେଠାରେ ତାଙ୍କୁ ଚିକିତ୍ସା କରାଯାଇଥିବା ଜଣାଯାଇଛି । ଏହି ଖବର ପାଇ ବ୍ଲକର ବହୁ କର୍ମଚାରୀଙ୍କ ସହିତ ସେକ୍ସନ ଅଫିସର ଅଧିର ପ୍ରମାଣକ, ସୁଜିତ୍ ଜେନା, ସୁଜୟ କୁମାର ଚାନ୍ଦ, ସୁବ୍ରତ ଚାନ୍ଦ, ରବିନ୍ଦ୍ର କୁମାର ପ୍ରଧାନ ହସ୍‌ପିଟାଲରେ ପହଞ୍ଚି ଥିଲେ ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୯୮ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୦୫।୧୨ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୯୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୪୩୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୨୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo